- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

JEYPORE

◆VOLUME- 43 ◆ISSUE-14 ◆TUESDAY ◆8 JULY 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୪ ◆ମଙ୍ଗଳବାର ◆୮ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


### ରଥରେ ଲାଗିହେଲା ଅଧରପଣା

# ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



## ତିନିରଥରେ ଭଙ୍ଗାହେଲା ୯ ଅଧର ପଣା ହାଣ୍ଡି

■ **ପୁରୀ, ୭।୭ (ସମିସ):** ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ମଙ୍ଗଳବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ସୋମବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ଧାର୍ଯ୍ୟ ସମୟ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ୧ଘଣ୍ଟା ୧୦ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୧୦ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭଙ୍ଗା ଯାଇଥିଲା।

ସୋମବାର ଆଷାଢ଼ଶୁକ୍ଳ ଦ୍ୱାଦଶୀ। ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏଁ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥା'ନ୍ତି ବୋଲି ବିଶ୍ୱାସ ରହିଛି।

### ବର୍ଷକରେ କଞ୍ଚା ତେଲ କମିଛି ୨୦ ଡଲାର: କମୁନି ପେଟ୍ରୋଲ-ଡିଜେଲ

# ୪୦ ଟଙ୍କାର ତେଲ ୧୦୧ରେ ବିକ୍ରି



- ତେଲ କମ୍ପାନୀ ଲାଭ ଲିଟର ପିଛା ୧୫ ଟଙ୍କା
- ୪୨ ଟଙ୍କା ଟିକସ ନେଉଛି କେନ୍ଦ୍ର ଓ ରାଜ୍ୟ
- ପେଟ୍ରୋଲ ପମ୍ପ ମାଲିକଙ୍କ ଭାଗ ୩ରୁ ୪ ଟଙ୍କା

■ **ନୂଆଦିଲ୍ଲୀ, ୭।୭ (ଏଜେନ୍ସି):** ଆନ୍ତର୍ଜାତୀୟ ବଜାରରେ କଞ୍ଚା ତେଲ ଅର୍ଥାତ୍ କ୍ରୁଡ଼ ଅଏଲ ମୂଲ୍ୟ ତଳମୁହାଁ। କ୍ରୁଡ଼ ଅଏଲର ମୂଲ୍ୟ ବ୍ୟାରେଲ ପିଛା ୬୬ ଡ଼ଲାରରେ ପହଞ୍ଚିଛି। ଆଗକୁ କ୍ରୁଡ଼ ଅଏଲ୍ ମୂଲ୍ୟ ୬୦ ଡ଼ଲାର ତଳକୁ ଖସିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଉଛନ୍ତି। ମାତ୍ର ଆନ୍ତର୍ଜାତୀୟସ୍ତରରେ ତୈଳ ମୂଲ୍ୟ କମିଥିଲେ ମଧ୍ୟ ଭାରତୀୟ ଉପଭୋକ୍ତା ଏଥିରୁ କୌଣସି ଲାଭ ପାଉ ନାହାନ୍ତି।

ବର୍ତ୍ତମାନର ମହଙ୍ଗା ବଜାର ଦରରେ ଖାଉଟିଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରଠାରୁ ବଳିଯାଉଛି ଖାଉଟିଙ୍କ ତେଲ କଷ୍ଟ। ବିଡ଼ମ୍ବନା ହେଉଛି ପେଟ୍ରୋଲିୟମ ଉତ୍ପାଦ ଡ଼ିଜେଲ ଓ ପେଟ୍ରୋଲ ମୂଲ୍ୟରଅଧାରୁଅଧିକ କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ଏବଂ ପେଟ୍ରୋଲିୟମ କମ୍ପାନୀର ଲାଭ ନେଇଯାଉଛି। ପ୍ରକ୍ରିୟାକରଣ ପରେ ଅଶୋଧିତ ତୈଳର ମୂଲ୍ୟ ପାଖାପାଖି ୫୦ ଟଙ୍କା ଥିବାବେଳେ ଖାଉଟି ଏହାକୁ ୧୦୧ ଟଙ୍କା ଦରରେ କ୍ରୟ କରୁଛି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡ଼ିଜେଲରେ ହାରାହାରି ଲିଟର ପିଛା ୧୫ ଟଙ୍କା ଲାଭ କରୁଛନ୍ତି। ଓଡ଼ିଶାରେ ଟିକସ ବାବଦରେ ୨୮% ଆଦାୟ କରାଯାଉଛି ଓ ଅନ୍ୟ ରାଜ୍ୟଗୁଡ଼ିକରେ ଭିନ୍ନଭିନ୍ନ ଟିକସ ହାର ଲାଗୁ ହୋଇଛି, ସେହିପରି କେନ୍ଦ୍ର ସରକାର ମଧ୍ୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ବାବଦରେ ଟିକସ ଆଦାୟ କରୁଛନ୍ତି। ବିଡ଼ମ୍ବନା ହେଉଛି ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ▶ପୃଷ୍ଠା-୭

# ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେଲେ ନବୀନ



- ଡ଼ାକ୍ତରୀ ଦଳ ଓ ଶୁଭେଚ୍ଛୁଙ୍କୁ ଧନ୍ୟବାଦ ଜଣାଇଲେ ନବୀନ
- କୃତଜ୍ଞତା ସହ ଦ୍ରୁତ ଆରୋଗ୍ୟ କାମନା କଲେ ହସ୍ପିଟାଲ କର୍ତ୍ତୃପକ୍ଷ

■ **ଭୁବନେଶ୍ୱର, ୭।୭ (ସମିସ):** ସର୍ଭିକାଲ ଆଥ୍ରାଇଟିସ୍ ଅପରେସନ୍ ପରେ ଆଜି କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ହସ୍ପିଟାଲରୁ ଡିସ୍‌ଚାର୍ଜ ହେବା ସମୟରେ ସେଠାରେ ଉପସ୍ଥିତ ଥିବା ଡ଼ାକ୍ତର, ପାରା ମେଡିକାଲ ଷ୍ଟାଫ୍ ଓ ଅନ୍ୟ ସହଯୋଗୀ କର୍ମଚାରୀଙ୍କୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ସମସ୍ତଙ୍କ ସହ ହାତ ମିଳାଇ ସେମାନଙ୍କ ଚିକିତ୍ସା ଓ ସେବା ପାଇଁ କୃତଜ୍ଞତା ଜଣାଇଛନ୍ତି। କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ଡାକ୍ତରଙ୍କ ସମେତ ଅନ୍ୟ ଷ୍ଟାଫ୍‌ମାନେ ମଧ୍ୟ ନବୀନଙ୍କ ସହ ଚାଲି ଚାଲି ଆସି ତାଙ୍କୁ ବାଟୋଇ ଦେଇଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ତେବେ ▶ପୃଷ୍ଠା-୭

### ବିଜେପି ରାଜ୍ୟ ସଭାପତି ପାଇଁ ଏକମାତ୍ର ନାମାଙ୍କନ ଦାଖଲ

# ମୁଖିଆ ହେବେ ମନମୋହନ



■ **ଭୁବନେଶ୍ୱର, ୭।୭ (ସମିସ):** ବିଗତ କିଛି ମାସ ଧରି ରାଜ୍ୟ ବିଜେପି ସଭାପତି ପଦକୁ ନେଇ ଲାଗି ରହିଥିବା କଳ୍ପନାଜଳ୍ପନାରେ ଯବନିକା ପଡ଼ିଛି। ମନମୋହନ ସାମଲ ପୁନର୍ବାର ରାଜ୍ୟ ବିଜେପିର ସଭାପତି ହେବା ପଥ ପରିଷ୍କାର ହୋଇଛି। ରାଜ୍ୟ ସଭାପତି ପଦ ପାଇଁ ଏକମାତ୍ର ପ୍ରାର୍ଥୀ ଭାବେ ମନମୋହନ ସାମଲ ନାମାଙ୍କନ ଦାଖଲ କରିଛନ୍ତି। ତେଣୁ ଚତୁର୍ଥ ଥର ପାଇଁ ଶ୍ରୀ ସାମଲ ରାଜ୍ୟ ବିଜେପି ସଭାପତି ନିର୍ବାଚିତ ହେବା ଆପାତତଃ ଚୂଡ଼ାନ୍ତ ବୋଲି କୁହାଯାଉଛି। ତେବେ ଆସନ୍ତାକାଲି ବିଧିବଦ୍ଧ ଭାବରେ ଦଳର ସଭାପତି ଭାବରେ ତାଙ୍କ ନାମ ଘୋଷଣା ହେବ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା ବିହାର ସାଂସଦ ସଞ୍ଜୟ ଜୟସ୍ୱାଲଙ୍କ ସୂଚନା ଅନୁସାରେ ସୋମବାର ମଧ୍ୟାହ୍ନ ସାଢ଼େ ୧୨ଟାରୁ ଅପରାହ୍ନ ସାଢ଼େ ୩ଟା ପର୍ଯ୍ୟନ୍ତ ନାମାଙ୍କନ ପ୍ରକ୍ରିୟା ଜାରି ରହିଥିଲା। ନିର୍ଦ୍ଧାରିତ ଅବଧି ▶ପୃଷ୍ଠା-୭

### ■ ଅସୁରକ୍ଷିତ ଗଞ୍ଜାମ

# ଘରୁ ଘୋଷାଡ଼ି ନେଇ ହତ୍ୟା



■ **ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା, ୭।୭ (ସମିସ):** ଘରୁ ଘୋଷାଡ଼ି ନେଇ ହାଣିଦେଲେ। ଗୋଳନ୍ଥରା ଥାନା ଅନ୍ତର୍ଗତ ସିଙ୍ଗାବାଡ଼ିରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ସେହି ଗ୍ରାମର ଦିଲ୍ଲୀପ କୁମାର ପାତ୍ର(୪୭)। ରବିବାର ରାତି ପ୍ରାୟ ସାଢ଼େ ୧୦ଟାରେ ଦିଲ୍ଲୀପ ଘରେ ଶୋଇଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଘରୁ ଟାଣି ନେଇ ହତ୍ୟା କରିଥିଲେ। ପୁଲିସ୍ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ୪ରୁ ୫ ଅଭିଯୁକ୍ତଙ୍କ ▶ପୃଷ୍ଠା-୭

# ୩ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ

■ **ଫୁଲବାଣୀ, ୭।୭(ସମିସ):** ମାଓ ବିରୋଧୀ ଅଭିଯାନରେ କନ୍ଧମାଳ ପୁଲିସକୁ ବଡ଼ ସଫଳତା। ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି ଦୁଇ ମହିଳା କ୍ୟାଡର ସମେତ ତିନିଜଣ ହାର୍ଡକୋର ମାଓବାଦୀ। ଏନେଇ ଆଜି କନ୍ଧମାଳ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର। ଆତ୍ମସମର୍ପଣ ▶ପୃଷ୍ଠା-୭

## କ୍ୟାଡର୍ କର୍ମୀଙ୍କୁ ଦେହସୁଖ ନ ଦେଲେ ଶାରୀରିକ ଦଣ୍ଡ



■ **ଭୁବନେଶ୍ୱର,୭।୭(ସମିସ):** ନବାଗତ ମହିଳା ମାଓବାଦୀଙ୍କଠାରୁ କ୍ୟାଡ଼ର ମାଓବାଦୀ ଲୋଡ଼ୁଥିଲେ ଦେହସୁଖ। ଯେଉଁମାନେ ସେମାନଙ୍କ କଥାରେ ରାଜି ହେଉ ନ ଥିଲେ ସେମାନଙ୍କୁ ଭୀଷଣ ଶାରୀରିକ ଦଣ୍ଡ ମିଳୁଥିଲା। କନ୍ଧମାଳ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ୨ ମହିଳା ମାଓବାଦୀ ବଖାଣିଛନ୍ତି ଜଙ୍ଗଲ ଯନ୍ତ୍ରଣାର କରୁଣ କାହାଣୀ। ▶ପୃଷ୍ଠା-୭

### ଗଞ୍ଜାମରେ ଝାଡ଼ାବାନ୍ତି

# ୨ ମୃତ, ୩୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

■ **ବ୍ରହ୍ମପୁର/ଦିଗପହଣ୍ଡି, ୭।୭(ସମିସ):** ଗଞ୍ଜାମ ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ଝାଡ଼ାବାନ୍ତି ଧୀରେଧୀରେ ବ୍ୟାପିବାରେ ଲାଗିଛି। ପ୍ରଥମେ ଦିଗପହଣ୍ଡି ବ୍ଲକରୁ ଏହା ଆରମ୍ଭ ହୋଇଥିବା ବେଳେ ସମ୍ପ୍ରତି ପାତ୍ରପୁର ବ୍ଲକରେ ମଧ୍ୟ ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ, ଜିଲ୍ଲାର ବିଭିନ୍ନ ମେଡ଼ିକାଲରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ବିଭିନ୍ନ ସମୟରେ ଲୋକେ ଚିକିତ୍ସିତ ହେଉଥିବା ମଧ୍ୟ ଜଣାଯାଇଛି। ଏଭଳି ସ୍ଥଳେ ଦିଗପହଣ୍ଡି ବ୍ଲକ ଏସ୍.ଟିକରପଡା ପଞ୍ଚାୟତ ଅନ୍ତର୍ଗତ ଉସ୍ତପଲ୍ଲୀ ଗ୍ରାମରେ ଝାଡ଼ାବାନ୍ତିର ପ୍ରକୋପ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତକାଲି ରାତିରେ ଝାଡ଼ାବାନ୍ତିରେ ଆଉ ଜଣଙ୍କର ଜୀବନ ଚାଲିଯାଇଛି। ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ତିନି ଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ବ୍ରହ୍ମପୁର ବଡ଼ ମେଡିକାଲ୍ ପଠାଇଥିବା ଜଣାଯାଇଛି। ପାଟପୁର ପୁଲିସ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତ ବ୍ୟକ୍ତିଜଣଙ୍କ ହେଲେ, ପ୍ରକାଶ ରଇତ(୩୩)। ଗୁରୁତରମାନେ ହେଲେ, କାଳିଆ ବିଷୋୟୀ(୬୦), ନନ୍ଦିନୀ ଶବର(୩) ଓ ସୁକାନ୍ତ ଶବର (୨୫) ବୋଲି ଜଣାପଡ଼ିଛି। ସେହଭଳି ଗତ ଚାରିଦିନ ତଳେ ଗ୍ରାମର ଦାସ ଶବର (୬୦) ଏହି ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ଫଳରେ ମୃତକଙ୍କ ସଂଖ୍ୟା ସମ୍ପ୍ରତି ଦୁଇରେ ପହଞ୍ଚିଛି।

ସୂଚନାନୁସାରେ, ମୃତ ପ୍ରକାଶ ରଇତ ଗତକାଲି ମଧ୍ୟାହ୍ନରେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ଭୀଷ୍ମଗିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଘରକୁ ନିଆଯାଇଥିଲା। ହେଲେ ବିଳମ୍ବିତ ରାତିରେ ସେ ଅସୁସ୍ଥ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅପରପକ୍ଷେ, ଗ୍ରାମରେ ହଇଜା ବ୍ୟାପିଥିବାରୁ ଆଜି ବ୍ରହ୍ମପୁର ଉପଜିଲ୍ଲାପାଳ ଧ୍ରୁବ ଦସ୍ତାଗିର, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍(ଏଡିଏମ୍) ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ନାୟକ, ଗଞ୍ଜାମ ଜିଲ୍ଲା ଡିପିଏମ୍ ବୁଲୁନାଥ ସାହୋଙ୍କ ସମେତ ସ୍ଥାନୀୟ ବିଡିଓ, ତହସିଲଦାର, ସିଡିପିଓ ▶ପୃଷ୍ଠା-୭






# ଦେଶ ବିଦେଶ


ସକାଳ THE SAKALA
www.sakalaepaper.com

## ବିହାରରେ ଡାହାଣୀ ସନ୍ଦେହରେ ପରିବାରର ୫ ଜଣଙ୍କୁ ହତ୍ୟା



ପୂର୍ଣ୍ଣିୟା, ୭ ।୭ (ଏଜେନ୍ସି): ବିହାରର ପୂର୍ଣ୍ଣିୟାରେ ଗୋଟିଏ ପରିବାରର ୫ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ରବିବାର ରାତିରୁ ସମସ୍ତେ ନିଖୋଜ ଥିଲେ । ସୋମବାର ସନ୍ଧ୍ୟାରେ ସମସ୍ତଙ୍କ ମୃତଦେହ ଠାବ କରାଯାଇଛି । ଘରଠାରୁ ଦେଢ କିମି ଦୂରରେ ଥିବା ଏକ ଗଡ଼ିଆରେ ମୃତଦେହଗୁଡିକ ମିଳିଛି । ମୃତଦେହଗୁଡିକ ଜଳାଇବାକୁ ଚେଷ୍ଟା କରାଯାଇଥିଲା ଓ ୮୦ ପ୍ରତିଶତ ଜଳିଯାଇଛି । ଏହି ପରିବାର ସଦସ୍ୟ ଗୁଣିଗାରେଡି ତଥା ଝଡ଼ାଫୁଙ୍କା କରୁଥିଲେ ବୋଲି ପୁଲିସ ତରଫରୁ କୁହାଯାଇଛି । ୩ ଦିନ ତଳେ ଗାଁରେ ଜଣେ ଛୋଟ ଝିଅ ମୃତ୍ୟୁବରଣ କରିଥିଲା । ଏଥିରେ ଉତ୍କ୍ଷୀପ୍ତ ହୋଇ ଗାଁ ଲୋକେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ପୁଲିସ ତରଫରୁ କୁହାଯାଇଛି । ରବିବାର ରାତି ୧୦ରେ ହଠାତ ୫୦ ଜଣ ଲୋକ ଆମ ଘରକୁ ଆସିଥିଲେ ଓ ମୋ ମାଙ୍କୁ ଡାହାଣୀ କହି ବାଉଁଶରେ ପିଟିବାକୁ ଲାଗିଥିଲେ ବୋଲି ପରିବାରର ଛୋଟ ପୁଅ କହିଛି । ମାରପିଟ୍ କରିବା ପରେ ୫ ଜଣଙ୍କ ଉପରେ ଡିଜେଲ ପକାଇ ଜିଅନ୍ତା ଜଳାଇ ଦେଇଥିଲୁ ବୋଲି ଗିରଫ୍ ହୋଇଥିବା ନକୁଳ କହିଛନ୍ତି । ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।

## ପୁଟିନଙ୍କ ଦ୍ୱାରା ବହିଷ୍କୃତ ହେବା ପରେ ପରିବହନ ମନ୍ତ୍ରୀଙ୍କ ଆତ୍ମହତ୍ୟା



ମସ୍କୋ, ୭ ।୭ (ଏଜେନ୍ସି): ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ଦ୍ୱାରା ପଦରୁ ବହିଷ୍କୃତ ହେବା ପରେ ରୁଷିଆ ପରିବହନ ମନ୍ତ୍ରୀ ରୋମାନ ଷ୍ଟାରୋଭୋଲେଟ୍ ନିଜ ବନ୍ଧୁକରୁ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି । ପରିବହନ କ୍ଷେତ୍ରରେ ବୃଦ୍ଧିପାଉଥିବା ଦୁର୍ନୀତି ଓ ଏ ନେଇ ଚାପକୁ ନିୟନ୍ତ୍ରଣ କରିବାରେ ବିଫଳ ହେବାରୁ ପୁଟିନ ତାଙ୍କୁ ପଦରୁ ବହିଷ୍କାର କରିଥିଲେ । ସୋମବାର ମ୍ୟାକିନିନୋ ଗାଁ ନିକଟରେ ରୋମାନଙ୍କ ମୃତଦେହ ତାଙ୍କ କାର୍‌ରେ ଦେଖିବାକୁ ମିଳିଥିଲା । ଏବେ ତାଙ୍କ ଡେପୁଟି ଆନ୍ଦ୍ରେଇ ନିକିତିନଙ୍କୁ ନୂଆ ପରିବହନ ମନ୍ତ୍ରୀ ଭାବେ ପୁଟିନ ନିଯୁକ୍ତି ଦେଇଛନ୍ତି । ରୋମାନଙ୍କୁ ୨୦୨୩ରେ ପୁରସ୍କାର ବାବଦରେ ଏହି ବନ୍ଧୁକ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି ବନ୍ଧୁକରେ ହିଁ ସେ ଆତ୍ମହତ୍ୟା କରିଛନ୍ତି ବୋଲି କୁହାଯାଇଛି । ଏ ନେଇ ତଦନ୍ତ ଶେଷ ହୋଇ ନଥିଲେ ମଧ୍ୟ ସେ ଆତ୍ମହତ୍ୟା କରିଛନ୍ତି ବୋଲି ତଦନ୍ତକାରୀ କମିଟି ତରଫରୁ କୁହାଯାଇଛି । ମସ୍କୋ ଓ ସେଣ୍ଟ ପିଟର୍ସବର୍ଗ ବିମାନବନ୍ଦରରେ ଶହଶହ ବିମାନ ଉଡାଣ ବାତିଲ ଓ ବିଳମ୍ବିତ ହେବା ଫଳରେ ରୋମାନଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା ଓ ସେ ସମାଲୋଚିତ ହୋଇଥିଲେ । ୟୁକ୍ରେନର ଡ୍ରୋନ ଆକ୍ରମଣ ପରେ ବିମାନ ସେବା ଓ ପରିବହନ କ୍ଷେତ୍ରରେ ଅସନ୍ତୁଳନ ସୃଷ୍ଟି ହୋଇଥିଲା । ଗତ ଶନିବାର ଓ ରବିବାର ପାଖାପାଖି ୪୮୫ ବିମାନ ଉଡାଣକୁ ରଦ୍ଦ କରାଯାଇଥିଲା । ୧, ୯୦୦ ଉଡାଣରେ ଅସମ୍ଭବ ପ୍ରକାର ବିଳମ୍ବ ହୋଇଥିଲା ।

# ବ୍ରିକ୍ସ ବିରୋଧରେ ଟ୍ରମ୍ପଙ୍କ ଯୁଦ୍ଧ ଘୋଷଣା

## ଆମେରିକା-ବିରୋଧୀ ନୀତି ପାଇଁ ଅତିରିକ୍ତ ୧୦ % ଶୁଳ୍କ ଧାର୍ଯ୍ୟ ଧମକ

ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ସଂପ୍ରତି ବିଶ୍ୱରେ ପ୍ରଚଳିତ ବାଣିଜ୍ୟ ବିଶୃଙ୍ଖଳାକୁ ନେଇ ବ୍ରିକ୍ସ ଚିନ୍ତା ପ୍ରକଟ କରିଥିବା ବେଳେ ଏହି ସଂଗଠନ ବିରୋଧରେ ଯୁଦ୍ଧ ଘୋଷଣା କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ସେ ଧମକ ଦେଇଛନ୍ତି ଯେ ଯେଉଁ ଦେଶ ବ୍ରିକ୍ସର ଆମେରିକା-ବିରୋଧୀ ନୀତିକୁ ସମର୍ଥନ କରିବ ତା ଉପରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଧାର୍ଯ୍ୟ କରାଯିବ । ଏଥିରେ ଚୀନ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛି ଯେ ବାଣିଜ୍ୟ କ୍ଷେତ୍ରରେ ଏଭଳି ଧମକ କାମ ଦେବନାହିଁ ।

### ପହଲଗାମ୍ ଓ ଇରାନ ଆକ୍ରମଣକୁ ବ୍ରିକ୍ସ ଦେଶଙ୍କ ନିନ୍ଦା

ଭାରତ ସମେତ ୧୧ଟି ଦେଶକୁ ନେଇ ଗଠିତ ବ୍ରିକ୍ସ ସମ୍ମିଳନୀରେ ଟ୍ରମ୍ପଙ୍କ ବାଣିଜ୍ୟନୀତିର ତୀବ୍ର ସମାଲୋଚନା କରାଯାଇଛି । ବ୍ରିକ୍ସ ପକ୍ଷରୁ କୁହାଯାଇଛି ଯେ ଆମେରିକା ଯେଉଁଭଳି ଶୁଳ୍କ ନୀତି ଆପଣାଇଛି, ତାହା ବିଶ୍ୱ ବାଣିଜ୍ୟକୁ ଅସ୍ଥିର କରିପକାଇବ । କେବଳ ଏତିକି ନୁହେଁ ଆମେରିକାର ଆଖିବୁଜା ଶୁଳ୍କ ବୃଦ୍ଧି ବାଣିଜ୍ୟ ପ୍ରତି ବିପଦ ମଧ୍ୟ ସୃଷ୍ଟି କରିବ । ତେବେ ବ୍ରିକ୍ସ ଘୋଷଣାନାମାରେ ଆମେରିକା କିମ୍ବା ଟ୍ରମ୍ପଙ୍କ ନାମ ନିଆଯାଇନାହିଁ । ଆମେରିକା ଓ ଟ୍ରମ୍ପଙ୍କୁ ପରୋକ୍ଷ ସମାଲୋଚନା କରି ଘୋଷଣାନାମାରେ କୁହାଯାଇଛି ଯେ ଏଭଳି ଶୁଳ୍କ ନୀତି ଆନ୍ତର୍ଜାତିକ ଅର୍ଥନୈତିକ ଓ ବାଣିଜ୍ୟ କାରବାର କ୍ଷେତ୍ରରେ ଏବେ ଠାରୁ ଅନିଶ୍ଚିତତା ସୃଷ୍ଟି କରିବା ଆରମ୍ଭ କଲାଣି । ବିଶ୍ୱ ବାଣିଜ୍ୟ ସଂଗଠନ ତତ୍ତ୍ୱାବଧାନରେ ଆପୋସ ବୁଝାମଣା ଓ ସହମତି ଜରିଆରେ ଏକ ଖୋଲା ଓ ସ୍ୱଚ୍ଛ ବାଣିଜ୍ୟ ବ୍ୟବସ୍ଥା ପ୍ରତିଷ୍ଠା ପାଇଁ ଘୋଷଣାନାମାରେ ଆହ୍ୱାନ କରାଯାଇଛି । ଏହି ଘୋଷଣାନାମା ପ୍ରକାଶ ପାଇବା ପରେ ଟ୍ରମ୍ପ ପ୍ରତିକ୍ରିୟାଶୀଳ ହୋଇ ବ୍ରିକ୍ସ ରାଷ୍ଟ୍ରଙ୍କୁ ଶୁଳ୍କ ଧମକ ଦେଇଛନ୍ତି । କହିଛନ୍ତି ଯେ ଏଥିରେ କାହାରିକୁ ରିହାତି ମିଳିବାର ପ୍ରଶ୍ନ ଉଠୁନାହିଁ ।

ସୂଚନାଯୋଗ୍ୟ ଯେ ୨୦୦୯ରେ ଭାରତ, ବ୍ରାଜିଲ, ରୁଷ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ହୋଇଥିବା ବ୍ରିକ୍ସରେ ଏବେ ୧୧ ଦେଶ ସଭ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ଇଣ୍ଡୋନେସିଆ, ଇରାନ, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, ଇଜିପ୍ଟ ଏବଂ ୟୁଥୋପିଆ ।

ବ୍ରାଜିଲର ରିଓ ଡି ଜାନେରିଓରେ ଅନୁଷ୍ଠିତ ୧୭ତମ ବ୍ରିକ୍ସ ସମ୍ମିଳନୀର ଯେଉଁ ମିଳିତ ଘୋଷଣାନାମା ଜାରି କରାଯାଇଛି ସେଥିରେ ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଇରାନ ଉପରେ ଇସ୍ରାଏଲ ଆକ୍ରମଣକୁ ନିନ୍ଦା କରାଯାଇଛି । ତେବେ ପାକିସ୍ତାନର ନାମ ନିଆଯାଇ ନାହିଁ । ଏହା ପୂର୍ବରୁ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆ ସଦସ୍ୟ ଥିବା କ୍ୱାଡ ରାଷ୍ଟ୍ରଙ୍କ ବିଦେଶମନ୍ତ୍ରୀ ସମ୍ମିଳନୀରେ ପହଲଗାମ ଆକ୍ରମଣକୁ




ନିନ୍ଦା କରାଯାଇଥିଲା । ବ୍ରିକ୍ସ ସମ୍ମିଳନୀରେ ସାମିଲ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ପହଲଗାମ ଆକ୍ରମଣ କେବଳ ଭାରତ ନୁହେଁ, ବରଂ ସମ୍ପୂର୍ଣ୍ଣ ମାନବିକତା ଉପରେ ଆଘାତ । ଆତଙ୍କବାଦକୁ ନିନ୍ଦା କରିବା ଆମର ସିଦ୍ଧାନ୍ତ ହେବା ଉଚିତ, କିନ୍ତୁ ଏହା ସୁବିଧା ହେବା ଅନୁଚିତ । ଏହା ସହିତ ମୋଦୀ ଏକ ନୂଆ ବିଶ୍ୱ ବ୍ୟବସ୍ଥା ପାଇଁ ଦାବି କରିଥିଲେ । ସମ୍ମିଳନୀରେ ଆତଙ୍କବାଦକୁ ନେଇ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଶବ୍ଦରେ ନିନ୍ଦା କରାଯାଇ କୁହାଯାଉଛି ଯେ ଆତଙ୍କବାଦକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବା ଉଚିତ ନୁହେଁ ।

## ଟ୍ରମ୍ପଙ୍କ କଟାକ୍ଷ; ଟ୍ରାକ୍‌ଚ୍ୟୁତ ହୋଇଗଲେଣି ମସ୍କ

ୱାସିଂଟନ, ୭।୭ (ଏଜେନ୍ସି): ଶିଳ୍ପପତି ବନ୍ଧୁ ଏଲନ ମସ୍କ ନୂଆ 'ଆମେରିକା ପାର୍ଟି'କୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟାକ୍ଷ କରିଛନ୍ତି । କହିଛନ୍ତି ଯେ ଟେସ୍‌ଲା ମାଲିକ ସମ୍ପୂର୍ଣ୍ଣ ଭାବେ ଟ୍ରାକ୍‌ଚ୍ୟୁତ ହୋଇଯାଇଛନ୍ତି । ଗତ ୫ ସପ୍ତାହ ହେଲା ସେ ଏକ ଅନିୟନ୍ତ୍ରିତ ଟ୍ରେନ ଭଳି ହୋଇ ଯାଇଛନ୍ତି । ସେ ତୃତୀୟ ରାଜନୈତିକ ଦଳ ଆରମ୍ଭ କରିବାକୁ ଚାହୁଁଛନ୍ତି । କିନ୍ତୁ ଏହା କେବେ ସଫଳ ହୋଇନାହିଁ ବୋଲି ଇତିହାସ ସାକ୍ଷୀ ଅଛି । ଆମେରିକୀୟ ବ୍ୟବସ୍ଥା ଏଭଳି ଦଳ ପାଇଁ ହୋଇନାହିଁ । ତୃତୀୟ ଦଳ କେବଳ ଅବ୍ୟବସ୍ଥା ଏବଂ ଅରାଜକତା ସୃଷ୍ଟି କରିଥାଏ । ଚରମପନ୍ଥୀ ଡେମୋକ୍ରାଟ୍ସ ସୃଷ୍ଟି କରିଥିବା ଅନେକ ଅରାଜକତା ଦେଶରେ ଅଛି । ସମ୍ବିଧାନ ଅନୁଯାୟୀ ଦେଶର ଜନ୍ମିତ ନାଗରିକ ହିଁ ନିର୍ବାଚନ ଲଢ଼ିପାରିବେ । ତେଣୁ ଦକ୍ଷିଣ ଆଫ୍ରିକାରେ ଜନ୍ମ ହୋଇଥିବାରୁ ମସ୍କ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ନାହିଁ । ସେ ପ୍ରାର୍ଥୀ ଦେଇ କିଙ୍ଗମେକର ହେବାକୁ ଚାହୁଁଛନ୍ତି । ୨୦୨୬ ନଭେମ୍ବରରେ 'ହାଉସ୍ ଅଫ୍ ରିପ୍ରେଜେନଟେଟିଭ୍'ର ସମସ୍ତ ୪୩୫ ଆସନ ଏବଂ ସିନେଟର ୧୦୦ରୁ ୩୪ ଆସନରେ ନିର୍ବାଚନ ହେବ । ଏଥିରୁ ଯଥାକ୍ରମେ ୮-୧୦ ଏବଂ ୩-୪ ଆସନ ଜିତି ଟ୍ରମ୍ପଙ୍କ ବିଲ୍‌କୁ ଅଟକାଇବାକୁ ମସ୍କ ଲକ୍ଷ୍ୟ ରଖିଛନ୍ତି ।

## ଭୋଟର ତାଲିକା ଯାଞ୍ଚକୁ ନେଇ ବିହାର ରାଜନୀତି ସରଗରମ

ପାଟନା, ୭।୭ (ଏଜେନ୍ସି): ବିହାର ନିର୍ବାଚନ ପୂର୍ବରୁ ଭୋଟର ତାଲିକା ଯାଞ୍ଚକୁ ନେଇ ରାଜ୍ୟ ରାଜନୀତି ସରଗରମ । ନିର୍ବାଚନ କମିଶନଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ବିରୋଧୀ ଦଳଗୁଡିକ ଗୁରୁବାର ବିହାର ବନ୍ଦ ଡାକରା ଦେଇଛନ୍ତି । ଏଥିରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଧ୍ୟ ସାମିଲ ହେବେ । ବିହାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟାକୁ 'ଭୋଟ ବନ୍ଦୀ' ନାମ ଦେଇଛନ୍ତି । ସେ ଏହାକୁ ନେଇ ସୋମବାର ପାଟନାରେ ସାମ୍ବାଦିକ ସମ୍ମିଳନୀ କରିଛନ୍ତି । କହିଛନ୍ତି ଯେ ରବିବାର ଇସିଙ୍କୁ ଭେଟିଥିଲୁ, କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଜବାବ ମିଳିନାହିଁ । ପାଟନାର ଇସି କୌଣସି କାମକୁ ନୁହଁନ୍ତି । ଏହା ପୋଷ୍ଟ ଅଫିସ ଭଳି । ସେ କୌଣସି ନିଷ୍ପତ୍ତି ନେଇପାରୁ ନାହାନ୍ତି । ଅନ୍ୟପକ୍ଷରେ ଆରଜେଡି ମୁଖ୍ୟ ଲାଲୁ ଯାଦବ କହିଛନ୍ତି ଯେ ୨ ଗୁଜରାଟୀ ମିଶି ୮ କୋଟି ବିହାରୀଙ୍କ ଭୋଟ ଅଧିକାର କ୍ଷୁର୍ଣ୍ଣ କରିବାକୁ ପ୍ରୟାସ କରୁଛନ୍ତି । ଉଭୟେ ବିହାର, ସମ୍ବିଧାନ ଏବଂ ଗଣତନ୍ତ୍ରକୁ ଘୃଣା କରୁଛନ୍ତି । ସତର୍କ ହୋଇ ସ୍ୱର ଉଠାଇବାକୁ ଏବଂ ଗଣତନ୍ତ୍ର ବଞ୍ଚାଇବାକୁ ଲାଲୁ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି ।

## ଶଯ୍ୟାଶାୟୀ ପତିଙ୍କୁ ହତ୍ୟା କଲେ ପତ୍ନୀ ଓ ପ୍ରେମିକ


ନାଗପୁର, ୭ ।୭ (ଏଜେନ୍ସି): ମହାରାଷ୍ଟ୍ରର ନାଗପୁରରେ ଜଣେ ଶଯ୍ୟାଶାୟୀ ପତିଙ୍କ ମୁହଁରେ ତକିଆ ମାଡ଼ି ତାଙ୍କ ପତ୍ନୀ ଓ ପ୍ରେମିକ ହତ୍ୟା କରିଛନ୍ତି । ଦୁହେଁ ପୁଲିସ ନିକଟରେ ଏହା ସ୍ୱୀକାର କରିଛନ୍ତି । ୧୩ ବର୍ଷ ତଳେ ଚନ୍ଦ୍ରସେନ ରାମଟେକ ଓ ଦିଶା ରାମଟେକ ବିବାହ କରିଥିଲେ । ଉଭୟଙ୍କ ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି । ପାଖାପାଖି ଦୁଇବର୍ଷ ପୂର୍ବେ ଚନ୍ଦ୍ରସେନ୍ ପକ୍ଷାଘାତ ରୋଗର ଶିକାର ହୋଇ ଶଯ୍ୟାଶାୟୀ ହୋଇଥିଲେ । ଦୁଇମାସ ତଳେ ଦୀଶା ଜଣେ ମେକାନିକ୍ ଆସିଫ୍ ଇସଲାମ ଅନସାରୀ ଉଫ୍‌ର୍ ରାଜାବାବୁ ତିରେୱାଲାଙ୍କ ସହ ପରିଚିତ ହୋଇଥିଲା ଓ ପରେ ପରସ୍ପର ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ପତି ଦୀଶା ଓ ଆସିଫ୍‌ଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଥିବା ଜାଣି ପାରିଥିଲେ । ଏ ନେଇ ପତି ଓ ପତ୍ନୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଦିଶା ଏଭଳି ଚରମ ପଦକ୍ଷେପ ନେଇଥିଲେ ।

## ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଏତଲା ରୁଜୁ ହେବା ଆବଶ୍ୟକ: ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, ୭ ।୭ (ଏଜେନ୍ସି): ଉପରାଷ୍ଟ୍ରପତି ଜଗଦୀପ ଧନଖଡ ଜଷ୍ଟିସ ଯଶୋବନ୍ତ ବର୍ମାଙ୍କ ବାସଭବନରେ ମଳିଥିବା ଅଧାଜଳା ନଗଦ ଟଙ୍କା ମାମଲାରେ ତୁରନ୍ତ ଏତଲା ରୁଜୁ କରିବା ଜରୁରୀ ବୋଲି କହିଛନ୍ତି । ଏହି ମାମଲା ନିହାତି ଚିନ୍ତାଜନକ । ଏହା ଆମ ନ୍ୟାୟିକ ବ୍ୟବସ୍ଥାକୁ ଦୋହଲାଇ ଦେବା ଭଳି ସ୍ଥିତି ସୃଷ୍ଟି କରିଛି । ଏହି ମାମଲାର ମୂଳକୁ ଯିବା ଆବଶ୍ୟକ । ନଗଦ ଟଙ୍କା କେଉଁଠୁ ଆସିଲା ତାହା ଜାଣିବା ନିହାତି ଜରୁରୀ । କିନ୍ତୁ ଏହି ମାମଲାରେ କେନ୍ଦ୍ର ସରକାର ନାଚାର । ୯୦ ଦଶକରେ ସୁପ୍ରିମକୋର୍ଟଙ୍କ ଆଦେଶ କାରଣରୁ କୌଣସି ବିଚାରପତି ଉପରେ ଏତଲା ଦାଏର କରାଯାଇପାରିବ ନାହିଁ ବୋଲି ନ୍ୟାସନାଲ ଆଡଭାନ୍ସ ଲିଗାଲ ଷ୍ଟଡିଜ୍ (ଏନ୍‌ୟୁଏଲ୍‌ଏସ୍) ବିଶ୍ୱବିଦ୍ୟାଳୟର ସେମିନାରେ ଯୋଗ ଦେଇ ଧନଖଡ଼ ଏହା କହିଛନ୍ତି ।

### ଏନ୍‌ଆଇଏ ଜେରାରେ ସତ ମାନିଲା ତହବୁର

## ୨୬/୧୧ ଆକ୍ରମଣ ସମୟରେ ମୁମ୍ବାଇରେ ଥିଲା



ନୂଆଦିଲ୍ଲୀ, ୭।୭ (ଏଜେନ୍ସି): ୨୦୦୮ରୁ ୨୬/୧୧ ଆତଙ୍କବାଦୀ ଆକ୍ରମଣ ସମୟରେ ଆତଙ୍କବାଦୀ ତହବୁର ରାଣା ମୁମ୍ବାଇରେ ଥିଲା । ସେ ପାକିସ୍ତାନ ସେନାର ଏଜେଣ୍ଟ ଭାବେ ମଧ୍ୟ କାମ କରୁଥିଲା । ଆତଙ୍କବାଦୀ ଡେଭିଡ କୋଲମାନ ହେଡଲି ସହ ସେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ଶିବିରରେ ପ୍ରଶିକ୍ଷଣ ନେଇଥିଲା । ଏହି ଲସ୍କର ଏକ ଆତଙ୍କବାଦୀ ନେଟୱର୍କ ଭଳି କାମ କରୁଥିଲା । ଏନ୍‌ଆଇଏ ଜେରା ସମୟରେ ଆତଙ୍କବାଦୀ ତହବୁର ରାଣା ଏହା ସ୍ୱୀକାର କରିଛି । ଏହି ଜେରାରେ ସାମିଲ ମୁମ୍ବାଇ ପୁଲିସ କ୍ରାଇମବ୍ରାଞ୍ଚ ଏବେ ରାଣାକୁ ଗିରଫ କରି ରିମାଣ୍ଡରେ ନେବାକୁ ପ୍ରସ୍ତୁତି କରୁଛି । ଏବେ ସେ ନ୍ୟାୟିକ ହେପାଜତରେ ରହିଛି । ଦିଲ୍ଲୀର ଅଦାଲତ ଏହି ସମୟସୀମାକୁ ୯ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଦେଇଛନ୍ତି । ୨୦୦୯ ଅକ୍ଟୋବରରେ ଆମେରିକା ଏଜେନ୍ସି ଏଫ୍‌ବିଆଇ ରାଣାକୁ ଚିକାଗୋରୁ ଗିରଫ କରିଥିଲା । ତାକୁ ଗତ ଏପ୍ରିଲ ୧୦ ତାରିଖରେ ପ୍ରତ୍ୟର୍ପଣ କରି ଆମେରିକାରୁ ଭାରତ ଅଣା ଯାଇଥିଲା ।

### ପାକିସ୍ତାନର ଏଜେଣ୍ଟ ଥିଲା; ହେଡଲି ସହ ନେଇଥିଲା ପ୍ରଶିକ୍ଷଣ

ଜେରା ସମୟରେ ରାଣା କହିଥିଲା ଯେ ସେ ଯୋଜନା କରି ମୁମ୍ବାଇରେ ନିଜ କମ୍ପାନୀ ନାମରେ ଇମିଗ୍ରେସନ୍ ସେଣ୍ଟର ଖୋଲିଥିଲେ । ଆକ୍ରମଣର ପ୍ରସ୍ତୁତି ପାଇଁ ସ୍ଥାନ ଏବଂ ସୁବିଧା ଉପଲବ୍ଧ କରିବାକୁ ସେ ଏପରି କରିଥିଲା । ସେଠାରେ ହୋଇଥିବା କାରବାରକୁ ବ୍ୟବସାୟିକ ଖର୍ଚ୍ଚରେ ଦର୍ଶା ଯାଇଥିଲା । ସେ ହେଡଲିକୁ ମୁମ୍ବାଇରେ ଫାଷ୍ଟ ୱାର୍ଲ୍ଡ ନାମରେ ଅଫିସ ଖୋଲିବା ପାଇଁ ମଧ୍ୟ ସହଯୋଗ କରିଥିଲା । ନିଜ ଆତଙ୍କବାଦୀ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ହେଡଲି ଏହାକୁ ବ୍ୟବହାର କରିଥିଲା । ରାଣା ନିଜେ ଛତ୍ରପତି ଶିବାଜୀ ଟର୍ମିନସ୍ ଭଳି ସ୍ଥାନଗୁଡ଼ିକର ରେକି କରିଥିଲେ ବୋଲି ସ୍ୱୀକାର କରିଛି । ରିପୋର୍ଟ ଅନୁଯାୟୀ ରାଣା କହିଛି ଯେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇ ସହିତ ମିଶି ୨୬/୧୧ ଆକ୍ରମଣ କରିଥିଲା । ଉପସାଗରୀୟ ଦେଶରେ ଯୁଦ୍ଧ ସମୟରେ ତାକୁ ପାକ୍ ସେନା ସାଉଦି ଆରବ ପଠାଇ ଥିଲା ବୋଲି ସେ ସ୍ୱୀକାର କରିଛି ।

## ବିବାଦରେ ୟୁଟ୍ୟୁବର ଜ୍ୟୋତିଙ୍କ କେରଳ ଗସ୍ତ



ହିସାର, ୭ ।୭ (ଏଜେନ୍ସି): ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହିସାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ପୁଣି ଜେଲ୍‌କୁ ପଠାଇ ଦିଆଯାଇଛି । ସୋମବାର ଷଷ୍ଠଥର ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । କିନ୍ତୁ କୋର୍ଟ ତାଙ୍କୁ ପୁଣିଥରେ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇନ୍ତି । ଉଲ୍ଲେଖଥାଉ କି, ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହି ଅବସରରେ ଜ୍ୟୋତି ପାକିସ୍ତାନ ପାଇଁ ଗୁପ୍ତଚର ଭାବେ କାର୍ଯ୍ୟ କରି ସେନା ସମ୍ପର୍କିତ ଗୁପ୍ତ ତଥ୍ୟ ପାକିସ୍ତାନକୁ ସେୟାର କରିବା ଅଭିଯୋଗରେ ଗିରଫ ହୋଇଥିଲେ ।

ସେପଟେ ଜ୍ୟୋତିଙ୍କୁ ନେଇ ନୂଆ ଖୁଲାସା ହୋଇଛି । ଆରଟିଆଇ ଦ୍ୱାରା ଦାଏର କରାଯାଇଥିବା ଏକ ଆବେଦନର ଜବାବ ଦେବା ଅବସରରେ ଜ୍ୟୋତି କେରଳ ଗସ୍ତ କରିଥିଲେ ବୋଲି କୁହାଯାଇଛି ଓ ଏ ନେଇ ବିବାଦ ସୃଷ୍ଟି ହୋଇଛି । କେରଳ ସରକାରଙ୍କ ନିମନ୍ତ୍ରଣ କ୍ରମେ ସେ ସେଠାକୁ ଯାଇଥିଲେ । ଜ୍ୟୋତିଙ୍କ ସମେତ ଏକାଧିକ ବ୍ଲଗର୍ସଙ୍କୁ କେରଳ ଡକାଯାଇଥିଲା ବୋଲି କେରଳ ସରକାରଙ୍କ ପର୍ଯ୍ୟଟନ ମନ୍ତ୍ରୀ ମହମ୍ମଦ ରିୟାଜ୍ କହିଛନ୍ତି । କେରଳ ପର୍ଯ୍ୟଟନକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିଲା ବୋଲି ସେ କହିଛନ୍ତି । ଏହି ଗସ୍ତରେ ଜ୍ୟୋତି କୋଚି, କୁନ୍ନୁର, କୋଝିକୋଡ, ଅଲପୁଝା, ମୁନ୍ନାର ଓ ତିରୁଅନନ୍ତପୁରମ ଯାତ୍ରା କରିଥିଲେ । ଏହି ଅବସରରେ ସେ ଭିଡିଓ ବନାଇ ୨୦୨୫ ଜାନୁୟାରୀ ୩୧ରେ ତାଙ୍କ ୟୁଟ୍ୟୁବ ଚ୍ୟାନେଲ୍‌ରେ ଅପଲୋଡ କରିଥିଲେ । ତାଙ୍କ ସବୁ ଖର୍ଚ୍ଚ କେରଳ ସରକାର ବହନ କରିଥିଲେ । ଏ ନେଇ ବିଜେପି କେରଳ ସରକାରଙ୍କୁ ସମାଲୋଚନା କରିଛନ୍ତି । ଜ୍ୟୋତି ମହଙ୍ଗା ହୋଟେଲ ଓ ହାଉସ୍ ବୋଟ୍‌ରେ ରହିଥିଲେ ବୋଲି ଅଭିଯୋଗ ହୋଇଛି ।

# ସହିପାରୁ ନାହାନ୍ତି ଚୀନ୍, ପାକିସ୍ତାନ

### ଜାଲିଆତି କରି ଭାରତ ବିରୋଧରେ ଅପପ୍ରଚାର ଚଳାଇଛନ୍ତି

ପ୍ୟାରିସ, ୭।୭ (ଏଜେନ୍ସି): କ୍ରମାଗତ ଭାବେ ପାକିସ୍ତାନ ଏବଂ ଚୀନ୍ ଭାରତ ବିରୋଧୀ ଚକ୍ରାନ୍ତ କରି ଚାଲିଛନ୍ତି । 'ଅପରେସନ ସିନ୍ଦୂର' ଅଧିନରେ ଘମାଘୋଟ ଆକ୍ରମଣକୁ ଦେଖି ଅସ୍ତ୍ରବିରତି ପାଇଁ ଆମେରିକାର ଶରଣ ପଶି ଅସ୍ତ୍ରବିରତି ଅନୁରୋଧ କରିଥିବା ପାକିସ୍ତାନ ଚୀନ୍ ସହି ମିଶି ଭାରତ ବିରୋଧରେ ଅପପ୍ରଚାର ଚଲାଇଛି । ଚୀନ ଏବଂ ତୁର୍କୀର ସହାୟତା ନେଇ ବି ଭାରତ ସହ ୪ ଦିନିଆ ସଂଘର୍ଷରେ ହାର ମାନିଥିବା ଇସ୍‌ଲାମାବାଦ ଜମାରୁ ସୁଧୁରିବାର ନା ଧରୁନି । ଏହି ଯୁଦ୍ଧରେ ପାକିସ୍ତାନ, ଚୀନ୍ ଏବଂ ତୁର୍କୀକୁ ବଡ଼ ଝଟ୍‌କା ଲାଗିଥିଲା । ଯୁଦ୍ଧରେ ଚୀନ୍ ସମସ୍ତ ସହାୟତା ଦେଇଥିବା ସତ୍ତ୍ୱେ ପାକିସ୍ତାନ ମୁହଁ ମାଡ଼ି ପଡ଼ିଥିଲା । ଏହି ଝଟ୍‌କାକୁ ଚୀନ୍ ଏବଂ ପାକିସ୍ତାନ ସହି ପାରୁନାହାନ୍ତି । ତେଣୁ ଜାଲିଆତି କରି ରାଫେଲ ଲଢୁଆ ବିମାନକୁ ନେଇ ଭାରତ ଏବଂ ଫ୍ରାନ୍ସ ବିରୋଧରେ ମିଥ୍ୟା ପ୍ରଚାରପ୍ରସାର କରୁଛନ୍ତି । ରାଫେଲର କ୍ଷମତା ଉପରେ ପ୍ରଶ୍ନ ଉଠାଉଛନ୍ତି । ପାକିସ୍ତାନ ସାମାଜିକ ଗଣମାଧ୍ୟମରେ ଏବଂ ବିଭିନ୍ନ ଦେଶରେ ଥିବା ନିଜ ଦୂତାବାସଙ୍କୁ ଚୀନ୍ ବ୍ୟବହାର କରି ଏପରି କରୁଛି । ଏହି ଷଡ଼ଯନ୍ତ୍ର ପାଇଁ ଅପରେସନ ସିନ୍ଦୂରର ଏଆଇ ଫଟୋକୁ ବ୍ୟବହାର କରାଯାଉଛି । ପାକିସ୍ତାନର ଗୁମରକୁ ଭାରତ ଏବଂ ଫ୍ରାନ୍ସର ମିଲିଟାରୀ ଓ ସିକ୍ରେଟ ଅଧିକାରୀମାନେ ଚୀନ୍‌ର ମୁଖା ଖୋଲି ଦେଇଛନ୍ତି ।

ଅନେକ ପାକିସ୍ତାନୀ ସାମାଜିକ ଗଣମାଧ୍ୟମ ସାଇଟରେ ଭାରତର ତିନୋଟି ରାଫେଲ ସହିତ ୫ଟି ଯୁଦ୍ଧ ବିମାନ ଉଡ଼ାଇଥିବା ଦାବି କରାଯାଇଥିଲା । ଏଥିରେ ଭାରତୀୟ ବାୟୁସେନାର ୪ ପାଇଲଟ ପ୍ରାଣ ହରାଇଥିବା କୁହାଯାଇଥିଲା । ଏମାନଙ୍କ ମଧ୍ୟରେ ରାଫେଲର ତିନି ପାଇଲଟ ଥିବା ଭାରତ ସରକାର ସ୍ୱୀକାର କରିଛନ୍ତି ବୋଲି କୁହାଯାଇଥିଲା । ତେବେ ଭାରତ ସରକାର ଏହାକୁ ଖଣ୍ଡନ କରିଦେଇଛନ୍ତି । ଏହି ଦାବିର କୌଣସି ସତ୍ୟତା ନାହିଁ ବୋଲି ପ୍ରେସ୍ ଇନଫରମେସନ ବ୍ୟୁରୋ (ପିଆଇବି)ର ଫ୍ୟାକ୍ଟ ଚେକ୍ ୟୁନିଟ ପକ୍ଷରୁ କୁହାଯାଇଛି । ପାକିସ୍ତାନ ସମ୍ପୂର୍ଣ୍ଣ ମିଥ୍ୟା ଦାବି କରୁଛି । ଏଭଳି ଖବରକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ କୁହାଯାଇଛି । ସରକାରଙ୍କ ପକ୍ଷରୁ ଏଭଳି କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।

## ପାକିସ୍ତାନରେ ସାମରିକ ବିଦ୍ରୋହକୁ ନେଇ ଚର୍ଚ୍ଚା

### ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରିବେ ଜେନେରାଲ ମୁନୀର!

ଇସଲାମାବାଦ, ୭।୭: ପାକିସ୍ତାନରେ ଯେକୌଣସି ମୁହୂର୍ତ୍ତରେ ହୋଇପାରେ ସାମରିକ ବିଦ୍ରୋହ । ରାଷ୍ଟ୍ରପତି ଆସିଫ ଅଲୀ ଜର୍ଦ୍ଦାରୀଙ୍କୁ ଗାଦିଚ୍ୟୁତ କରାଯିବ । ତାଙ୍କ ସ୍ଥାନରେ ରାଷ୍ଟ୍ରପତି ହେବେ ସେନାଧକ୍ଷ ଜେନେରାଲ ଅସିମ ମୁନୀର । ପାକିସ୍ତାନ ଗଣମାଧ୍ୟମରେ ଆଜି ଦିନ ତମାମ ଏଭଳି ଜୋରଦାର ଚର୍ଚ୍ଚା ଚାଲିଛି । ରାଜନୈତିକ ବାତାବରଣ ମଧ୍ୟ ବେଶ ସରଗରମ ରହିଛି । କିନ୍ତୁ ସେନା କିମ୍ବା ସରକାର ଏସଂପର୍କରେ ମୁହଁ ଖୋଲୁନଥିବାରୁ ସାମରିକ ବିଦ୍ରୋହ ପାଇଁ ପରଦା ପଛରେ ପ୍ରସ୍ତୁତି ଚାଲିଥିବା କୁହାଯାଉଛି ।

ପାକିସ୍ତାନ ।।ରେ ସେନା ଅଧକ୍ଷ ଜେନେରାଲ ମୁନୀରଙ୍କ ଦବ୍‌ଦବା ଗତ କିଛି ମାସ ହେଲା ବଢ଼ି ବଢ଼ି ଚାଲିଛି । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍ ତରବରିଆ ଭାବେ ଯେଭଳି ମୁନୀରଙ୍କୁ ଫିଲ୍ଡ ମାର୍ଶଲ ଘୋଷଣା କଲେ, ସେଥିରୁ ସ୍ପଷ୍ଟ ସୂଚନା ମିଳୁଥିଲା ଯେ ସରିଫ ଆତଙ୍କିତ ଅବସ୍ଥାରେ ଅଛନ୍ତି । ନିଜର ପଦବୀ ବଞ୍ଚାଇବା ଲାଗି ମୁନୀରଙ୍କୁ ପଦୋନ୍ନତି ଦେଇଥିଲେ । ପାକିସ୍ତାନ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ସାମରିକ ବିଦ୍ରୋହ ହେଲେ ସରିଫ ବି ବଳିପଡ଼ିବେ ।

ରାଷ୍ଟ୍ରପତି ଜର୍ଦ୍ଦାରୀଙ୍କ ସହିତ ଜେନେରାଲ ମୁନୀରଙ୍କ ସଂପର୍କ ଗତ କିଛି ଦିନ ଧରି ତିକ୍ତ ହେବାରେ ଲାଗିଛି । ଏହାର କାରଣ କଣ ତାହା ଜଣାପଡ଼ି ନଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ପୁଅ ତଥା ପୂର୍ବତନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋଙ୍କ ଏକ ବିବାଦୀୟ ବୟାନ ଏଭଳି ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି । ଏକ ବିଦେଶୀ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତ ଦେଇ ଜେନେରାଲ ମୁନୀରଙ୍କର କଡ଼ା ସମାଲୋଚନା କରିଥିଲେ ଭୁଟ୍ଟୋ । କେବଳ ଏତିକି ନୁହେଁ ମୁନୀରଙ୍କ ଛତ୍ରଛାୟାରେ ରହିଥିବା ଦୁଇ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ହାଫିଜ ସୟୀଦ ଏବଂ ମସୁଦ ଆଝାରଙ୍କୁ ଭାରତକୁ ହସ୍ତାନର କରିବା ସପକ୍ଷରେ ସେ ଯୁକ୍ତି କରିଥିଲେ । ତାଙ୍କର ଏହି ବୟାନ ପାକିସ୍ତାନ ମୌଳବାଦୀଙ୍କ ଭିତରେ ନିଆଁ ଲଗାଇଦେଇଛି । ମୁନୀର ବି କ୍ଷୁବ୍ଧ । ଭୁଟ୍ଟୋ ମୁନୀରଙ୍କୁ ଯେଭଳି ପ୍ରହାର କରିଛନ୍ତି, ସେଥିରୁ ସାମରିକ ବିଦ୍ରୋହର ଆଭାସ ମିଳୁଥିବା କୁହାଯାଉଛି ।

## ମହାରାଷ୍ଟ୍ରରେ ଉଗ୍ର ହେଉଛି ଭାଷା ବିବାଦ

### ଠାକରେଙ୍କୁ ନିଶିକାନ୍ତ ଦୁବେଙ୍କ ଧମକ

ମୁମ୍ବାଇ, ୭।୭ (ଏଜେନ୍ସି): ମୁମ୍ବାଇର ସ୍ଥାନୀୟ ପୌର ନିର୍ବାଚନ ପୂର୍ବରୁ ମରାଠୀକୁ ନେଇ ସୃଷ୍ଟି ହୋଇଥିବା ବିବାଦ ବଡ଼ ରାଜନୈତିକ ପ୍ରସଙ୍ଗ ପାଲଟି ଗଲାଣି । ଏମଏନଏସ ନେତା ହିନ୍ଦୀ ଭାଷଭାଷୀ ଲୋକଙ୍କ ସହ ମାର୍‌ପିଟ୍ କରୁଛନ୍ତି । ଏହା ମଧ୍ୟରେ ଏମଏନଏସ ଉପାଧ୍ୟକ୍ଷ ଜାଭେଦ ଶେଖ୍‌ଙ୍କ ପୁଅ ରାହିଲ ଅର୍ଦ୍ଧନଗ୍ନ ଅବସ୍ଥାରେ ଗାଡ଼ି ଚଲାଇ ନେଲ୍ ଆର୍ଟିଷ୍ଟ ରାଜଶ୍ରୀ ମୋରଙ୍କ କାର୍‌କୁ ଧକ୍କା ଦେବା ସହିତ ଧମକ ଦେଇଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ମନ୍ତ୍ରୀ ଆଶୀଷ ସେଲାର ମୁମ୍ବାଇରେ ହିନ୍ଦୁଙ୍କ ଉପରେ ଆକ୍ରମଣକୁ ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ତୁଳନା କରିଛନ୍ତି । କିଛି ନେତା ହିନ୍ଦୁଙ୍କ ସହ ହେଉଥିବା ମାର୍‌ପିଟର ଆନନ୍ଦ ନେଉଛନ୍ତି । ମରାଠୀ ନ କହିବାରୁ ମିଠା ଦୋକାନ ମାଲିକଙ୍କୁ ଏମଏନଏସ କର୍ମୀ ମାଡ଼ ଏବଂ ନିବେଶକ ସୁଶୀଲ କେଡିଆଙ୍କ ଘର ଭଙ୍ଗାଯିବା ପରେ ମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି । ଅନ୍ୟପଟେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ କିଛି ଦିନ ତଳେ ରାଜ୍ ଠାକରେ ଦେଇଥିବା ଟିପ୍ପଣୀକୁ ସମାଲୋଚନା କରି ଏହା ଦାଦାଗିରିକୁ ପ୍ରୋତ୍ସାହନ ଦେବ ବୋଲି କହିଛନ୍ତି । ଉତ୍ତର ପ୍ରଦେଶର ଜଣେ ପୂର୍ବତନ କମାଣ୍ଡୋ ପ୍ରବୀଣ କୁମାର ତେଓତିଆ କହିଛନ୍ତି ଯେ ୨୬/୧୧ ଆକ୍ରମଣ ବେଳେ ମୁଁ ଲୋକଙ୍କ ଜୀବନ ବଞ୍ଚାଇ ଥିଲି । ସେତେବେଳେ ଏମଏନଏସ କର୍ମୀ କୁଆଡେ ଚାଲି ଯାଇଥିଲେ?

ଏବେ ବିଜେପି ସାଂସଦ ନିଶିକାନ୍ତ ଦୁବେ ରାଜ ଠାକେରଙ୍କୁ ଧମକ ଦେଇ କହିଛନ୍ତି ଯେ ଯଦି ନିଜ ରାଜ୍ୟରେ ତୁମେ ନିଜକୁ ବହୁତ ବଡ଼ ବସ୍ ଭାବୁଚ ତେବେ ବିହାର, ଉତ୍ତର ପ୍ରଦେଶ, ତାମିଲନାଡୁ ଆସ । ସେଠାରେ ତୁମକୁ ବୁଲାଇ ବୁଲାଇ ମାଡ଼ ମାରିବୁ ।

# ଆଜି ଦାରୁଦିଅଁଙ୍କ ରତ୍ନବେଦୀ ବିଜେ



## ଅପରାହ୍ଣ ୪ଟାରୁ ପହଣ୍ଡି ଆରମ୍ଭ

ପୁରୀ,୭।୭(ସମିସ): ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରି ଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୂଢ଼ ଠାକୁର ସୁନାବେଶରେ ଲକ୍ଷଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ସୋମବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ମଙ୍ଗଳବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଏହାସହ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା ଏବଂ ବୁଧବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳିଚହଳି। ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ୍ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ଣ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

## ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

ପୁରୀ,୭।୭(ସମିସ): ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି,

### ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥା'ନ୍ତି। ପରେ ଗୋଟିପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥା'ନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢ଼ାଇଥା'ନ୍ତି।

ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲି ଦିଆଯାଏ। ମହାପ୍ରଭୁ ଜୟବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପରପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାର ଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥା'ନ୍ତି। ପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥା'ନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ।

## ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ଼ ଆଜି

### ସାରା ରାଜ୍ୟରେ ଆନ୍ଦୋଳନକୁ ଓହ୍ଲାଇବେ ଗାଡ଼ି ଚାଳକ

ଭୁବନେଶ୍ୱର, ୭।୭ (ସମିସ): ୭ ଦଫା ଦାବି ନେଇ ମଙ୍ଗଳବାରଠାରୁ ସାରା ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବ ଓଡ଼ିଶା ଡ୍ରାଇଭର ମହାସଂଘ। ଦାବି ପୂରଣ ନହେବା ଯାଏଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି। ମାସେ

### ୭ଦଫା ଦାବି ପୂରଣ ପାଇଁ ଆନ୍ଦୋଳନ ଡକରା

ତଳେ ମହାସଂଘ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ଉକ୍ତ ଦାବି ପୂରଣ ହୋଇନଥିବାରୁ ମଙ୍ଗଳବାରଠାରୁ ରାଜ୍ୟର ସମସ୍ତ ଗାଡ଼ି ଚାଳକ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟପଟେ ଗାଡ଼ି ଚାଳକମାନଙ୍କ ଦ୍ୱାରା ଦିଆଯାଇଥିବା ଏହି ଆନ୍ଦୋଳନ ଡାକରାକୁ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ଓ ଟ୍ରକ୍ ମାଲିକ ସଂଘ ସମର୍ଥନ ଜଣାଇଛି। ତେଣୁ ସାରା ରାଜ୍ୟରେ ଏହି ଆନ୍ଦୋଳନର ଜୋରଦାର୍ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଛି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ ବିଗତ ଦିନରୁ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଏହି ସମୟ ମଧ୍ୟରେ ଡ୍ରାଇଭର୍‌ମାନଙ୍କର କେବଳ ଗୋଟିଏ ଦାବି ପୂରଣ ହୋଇଛି। ଗତ ମାର୍ଚ୍ଚ ୨୯ରୁ ୬ ଦିନ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ହେଲେ ସରକାର ଡ୍ରାଇଭରମାନଙ୍କ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଫଳରେ ଡ୍ରାଇଭରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି ଏବଂ ସମସ୍ତ ଡ୍ରାଇଭର୍ ବଡ଼ ଆନ୍ଦୋଳନକୁ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସୂଚନାଥାଉ କି ମହାସଂଘର ଦାବିଗୁଡ଼ିକ ହେଲା, ଡ୍ରାଇଭର୍ ଉନ୍ନୟନ ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରିବା ସହ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା, ଗାଡ଼ି ପାଇଁ ପାର୍କିଂସ୍ଥଳ ଓ ଡ୍ରାଇଭରଙ୍କ ବିଶ୍ରାମ ପାଇଁ ସ୍ଥାନ, ଖଣି ଖାଦାନ ଏବଂ କାରଖାନାରେ ୭୦ପ୍ରତିଶତ ଓଡ଼ିଆ ଡ୍ରାଇଭର ନିଯୁକ୍ତି ଓ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ଘୋଷଣା ଇତ୍ୟାଦି।

## ଲଘୁଚାପ ବର୍ଷା ଜାରି
# ଆଜି ମୁଣ୍ଡଳୀରୁ ବନ୍ୟା ଜଳ

ଭୁବନେଶ୍ୱର,୭।୭(ସମିସ): ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଏହାର ଆଖପାଖ ଅଞ୍ଚଳରେ ସକ୍ରିୟ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏହି ଲଘୁଚାପ କ୍ଷେତ୍ରଟି ଆଗାମୀ ୨ ଦିନ ମଧ୍ୟରେ ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଦେଇ ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ସମେତ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ମଧ୍ୟ ପ୍ରବଳ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ ଲାଗିରହିଥିବା ବର୍ଷା ସ୍ଥିତି ଯୋଗୁଁ ବର୍ତ୍ତମାନ ଅଧିକାଂଶ ନଦୀର ଜଳସ୍ତର ଅଧିକ ରହିଛି। ବିଶେଷକରି ଉତ୍ତର ଓଡ଼ିଶା ମଧ୍ୟ ଦେଇ ଯାଇଥିବା ନଦୀଗୁଡ଼ିକର ଜଳସ୍ତର ଅଧିକ ରହିଥିବା ବେଳେ ମଙ୍ଗଳବାର ମହାନଦୀରେ ମୁଣ୍ଡଳୀଠାରେ ଚଳିତ ବର୍ଷ ପ୍ରଥମ ବନ୍ୟା ଜଳ ପ୍ରବାହିତ ହେବାକୁ ଯାଉଛି।

ତେବେ ରାଜ୍ୟରେ ବନ୍ୟା ସ୍ଥିତି ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ କୌଣସି ନଦୀର ଜଳସ୍ତର ବର୍ତ୍ତମାନ ବିପଦ ସଙ୍କେତ ଉପରେ ନାହିଁ। ଅତ୍ୟଧିକ ବର୍ଷା ଯୋଗୁଁ ଭଦ୍ରକ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ କିଛି କ୍ଷୟକ୍ଷତି ହୋଇଛି। ରିପୋର୍ଟ ଆସିଲେ କ୍ଷତିପୂରଣ ପ୍ରଦାନ କରାଯିବ। ତଳି ଅଞ୍ଚଳରେ ବର୍ଷା ପାଣି ରହିଛି, କିନ୍ତୁ କେଉଁଠି ବି ବନ୍ୟା ପାଣି ପଶିନାହିଁ। ଏହାସତ୍ତ୍ୱେ ଜିଲ୍ଲାପାଳମାନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ଏବଂ ବନ୍ୟା ଆଶ୍ରୟ ସ୍ଥଳୀ ପ୍ରସ୍ତୁତ ରହିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ ଅଛନ୍ତି। ଯଦି ବନ୍ୟା ସ୍ଥିତି ଉପୁଜେ ତେବେ ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ହୀରାକୁଦରେ ଏବେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ମଙ୍ଗଳବାର ସକାଳ ୬ଟା ପରେ ମୁଣ୍ଡଳୀରେ ଏହି ବନ୍ୟାଜଳ ପହଁଚିବ। ମୁଣ୍ଡଳୀଠାରେ ୪.୫ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ। ଆଗାମୀ ଦିନରେ ବର୍ଷା ଅଧିକ ହେଲେ ଅଧିକ ଗେଟ୍ ଖୋଲା ହେବାର ଆଶଙ୍କା ରହିଛି।

# ବଜ୍ରପାତରେ ଟଳିପଡ଼ିଲେ ୩ ଚାଷୀ

ଭଦ୍ରକ/ତିହିଡ଼ି/ଖଇରା/ସିମୁଳିଆ, ୭।୭ (ସମିସ): ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ଆଜି ବଜ୍ରପାତରେ ୨ଭାଇଙ୍କ ସମେତ ୩ଚାଷୀଙ୍କ ଜୀବନ ଯାଇଛି। ମୃତକମାନେ ହେଲେ, ତିହିଡ଼ି ବ୍ଲକ୍ ଅନ୍ତର୍ଗତ ହରସିଂପୁର ପଞ୍ଚାୟତର ଚଣ୍ଡୀସାହି ଗାଁର ମଦନ ମହାରଣା (୬୦) ଓ ହୃଦାନନ୍ଦ ମହାରଣା (୫୫) ଏବଂ ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବ ଚାଷୀ ଚନ୍ଦ୍ରକାନ୍ତ ପଣ୍ଡା (୨୫)। ସେହିପରି ଅନ୍ୟ ଜଣେ ଚାଷୀ ଗିରିଧାରୀ ମହାଳିକ ଗୁରୁତର ଆହତ ହୋଇଛନ୍ତି।



ସୂଚନାନୁଯାୟୀ, ମଦନ ଓ ହୃଦାନନ୍ଦ ଦୁଇଭାଇ। ସେମାନେ ଆଜି ମଧ୍ୟାହ୍ନରେ ଗିରିଧାରୀଙ୍କ ସହ ବିଲକୁ କାମ କରିବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ସେମାନେ ନିକଟରେ ଥିବା କୁଡ଼ିଆରେ ଆଶ୍ରୟ ନେଇଥିଲେ। ସେଠାରେ ବଜ୍ରପାତ ହେବାରୁ ୩ଜଣ ଯାକ ଗୁରୁତର ଆହତ ହୋଇଥିଲେ। ତେବେ ସୌଭାଗ୍ୟକୁ ସେଠାରେ ଉପସ୍ଥିତ ଥିବା ଅନ୍ୟ ୨ ଜଣ ବ୍ୟକ୍ତି ମେଘୁଆ ମହାଳିକ, ଜୟଦେବ ମହାରଣା ଅଳ୍ପକେ ବର୍ତ୍ତି ଯାଇଥିଲେ। ଗୁରୁତରମାନଙ୍କୁ ତୁରନ୍ତ ତିହିଡ଼ି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମଦନ ଓ ହୃଦାନନ୍ଦଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୀରହାଟ ପ୍ରଦେଶ ସେବା ସଙ୍ଗଠନର କର୍ମକର୍ତ୍ତା ମୃତାହତଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସେହିପରି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଅଧୀନ କୁରୁଣ୍ଟା ଗ୍ରାମର ଯୁବଚାଷୀ ଚନ୍ଦ୍ରକାନ୍ତ ଆଜି ଅପରାହ୍ଣରେ ବିଲରେ ହଳ କରାଉଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ଚିକିତ୍ସା ଲାଗି ପରିବାରଲୋକ ତାଙ୍କୁ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରକାନ୍ତଙ୍କ ଆକସ୍ମିକ ମୃତ୍ୟୁରେ ସମଗ୍ର କୁରୁଣ୍ଟା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ବିଜେପି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶାଳୀନ ମନ୍ତବ୍ୟ ମାମଲା

# ରାଜ୍ୟ ମହିଳା କମିସନଙ୍କ ଦ୍ୱାରସ୍ଥ ହେଲା ବିଜେଡି

ଭୁବନେଶ୍ୱର,୭।୭(ସମିସ): ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦିକା ଡଃ ଲେଖାଶ୍ରୀ ସାମନ୍ତସିଂହାରଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟକୁ ନେଇ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛି ଦଳ। ସୋମବାର ଦଳର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ମହିଳା କମିସନଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଧାୟକ ଶ୍ରୀ ଖଟୁଆ ଜଣେ ନାରୀ ନେତ୍ରୀଙ୍କ ପ୍ରତି ଦେଇଥିବା ଅଶାଳୀନ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ଶ୍ରୀ ଖଟୁଆଙ୍କ ମନ୍ତବ୍ୟ କେବଳ ଲେଖାଶ୍ରୀଙ୍କର ସମ୍ମାନ ଉପରେ ନୁହଁ; ବରଂ ସମଗ୍ର ନାରୀ ଜାତିର ମାନ ସମ୍ମାନ ଉପରେ ଆଞ୍ଚ ଆଣିଛି ବୋଲି ସ୍ମାରକପତ୍ରରେ କୁହାଯାଇଛି। ଏହା ପୂର୍ବରୁ ଡଃ ସାମନ୍ତସିଂହାର ମହିଳା ଥାନାରେ ଏକ ଏଫଆଇଆର ଦାଖଲ କରିଥିଲେ, ଯାହା ପଞ୍ଜୀକୃତ ହୋଇଛି।

ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଜ୍ୟ ମହିଳା କମିସନଙ୍କ ଅଫିସକୁ ଯାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ଅଶାଳୀନ ମନ୍ତବ୍ୟ ମାମଲାରେ ମହିଳା କମିସନଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।



- ବିଧାୟକଙ୍କ ମନ୍ତବ୍ୟ କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ
- ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ, ରାଜ୍ୟ ସରକାର ଆଦୌ ତତ୍ପର ନୁହନ୍ତି
- ଏକ ବର୍ଷ ହେଲା ଖାଲି ପଡ଼ିଛି ରାଜ୍ୟ ମହିଳା କମିସନ ପଦବୀ

ଏ ନେଇ ଗଣମାଧ୍ୟମକୁ ନିଜର ମନ୍ତବ୍ୟ ଦେଇ ଶ୍ରୀମତୀ ସାହୁ କହିଥିଲେ ଯେ ରାଜ୍ୟରେ ଗତ ଏକ ବର୍ଷର ବିଜେପି ଶାସନରେ ନାରୀମାନଙ୍କ ଉପରେ ଅତ୍ୟାଚାର ଓ ଦୁଷ୍କର୍ମ ଅହେତୁକ ବୃଦ୍ଧି ପାଇଛି। ସରକାରୀ ଦଳର ବିଧାୟକ ହୋଇ ନାରୀ ଜାତି ପ୍ରତି ଏପରି ଅଶାଳୀନ ମନ୍ତବ୍ୟ, ଅପରାଧିକ ମନସ୍ତତ୍ତ୍ୱକୁ ଦର୍ଶାଇବା ସହିତ ଅପରାଧୀଙ୍କ ମନୋବଳକୁ ବୃଦ୍ଧି କରୁଛି। ମହିଳାଙ୍କୁ ସୁରକ୍ଷା ପ୍ରଦାନ ପାଇଁ ସରକାର ଆଦୌ ତତ୍ପର ନାହାନ୍ତି। ବିଜେପି ସରକାର କ୍ଷମତାକୁ ଆସିବାର ଏକବର୍ଷ ପୂରଣ ହୋଇଥିବା ବେଳେ ସରକାର ବର୍ଷ ପୂର୍ତ୍ତି ପାଳନରେ ବ୍ୟସ୍ତ ଅଛନ୍ତି। କିନ୍ତୁ ମହିଳାଙ୍କ ସ୍ୱାର୍ଥକୁ ଅଣଦେଖା କରିଚାଲିଛନ୍ତି। ଗତ ଏକ ବର୍ଷ ହେଲାଣି ରାଜ୍ୟ ମହିଳା କମିସନ ପଦ ଖାଲି ପଡିଛି। ମହିଳା କମିସନ କାର୍ଯ୍ୟାଳୟରେ ସମ୍ପାଦକ ମଧ୍ୟ ନାହାନ୍ତି। ତେଣୁ ଆଜି ଭାରପ୍ରାପ୍ତ ସମ୍ପାଦକଙ୍କୁ ସ୍ମାରକପତ୍ର ଦିଆଯାଇଛି। ବିଧାୟକ ଶ୍ରୀ ଖଟୁଆଙ୍କ ବିରୋଧରେ କମିଶନ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଆଶା ରହିଛି। ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଲେ, ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀମତୀ ସାହୁ ଚେତାବନୀ ଦେଇଥିଲେ।

ପ୍ରତିନିଧିମଣ୍ଡଳୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ମନ୍ମଥ ରାଉତରାୟ, ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ, ଲୋରା ମହାପାତ୍ର, ମାନସୀ ସୁନ୍ଦରାୟ, ଅଂଶୁ ତ୍ରିପାଠୀ, ରକି ଦାସ, ମୋନାଲିସା ଗନ୍ତାୟତ, ଇଲା ସ୍ୱାଇଁ, ସଂଗ୍ରାମ ସାମଲ ପ୍ରମୁଖ ସାମିଲ ଥିଲେ।

## ଏଟିଏମ୍ କାଟି ଲୁଟିନେଲେ ୧୭ ଲକ୍ଷ

ସୋର, ୭।୭ (ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତର ଯୋଡ଼ାମ୍ବ ଛକରେ ଥିବା ଏକ ଏସ୍‌ବିଆଇ ଏଟିଏମ୍‌ରୁ ବଡ଼ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ୧୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏହି ଆପରାଧିକ ଘଟଣା ଘଟିଛି। ଖବର ପାଇ ଆଜି ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତମାନେ କଳା ରଙ୍ଗ ସ୍ପ୍ରେ' କରିଦେଇଥିବାରୁ ଫୁଟେଜ୍‌ରୁ ଅଭିଯୁକ୍ତମାନଙ୍କୁ ଧରିବା ପୁଲିସ୍ ପାଇଁ ଆହ୍ୱାନ ହୋଇଛି। ସୂଚନାନୁଯାୟୀ, ଏହି ଏସ୍‌ବିଆଇ ଏଟିଏମ୍‌ଟି ଏକ ଭଡ଼ା ଘରେ ଚାଲିଛି। ଗତ ବିଳମ୍ବିତ ରାତିରେ ୫ରୁ ୬ଜଣ ଦୁର୍ବୃତ୍ତ ଏଟିଏମ୍‌ରୁ ଟଙ୍କା ଲୁଟ୍ ପାଇଁ ଆସିଥିଲେ। ପ୍ରଥମେ ସେମାନେ ଏଟିଏମ୍ କାଉଣ୍ଟର୍‌ରେ ଲାଗିଥିବା ସିସିଟିଭି କ୍ୟାମେରା ଉପରେ କଳାରଙ୍ଗ ସ୍ପ୍ରେ' କରି ଦେଇଥିଲେ। ପରେ ଗ୍ୟାସ୍ କଟର୍‌ରେ ଏଟିଏମ୍ ମେସିନ୍‌କୁ କାଟି ସେଥିରେ ଥିବା ଟଙ୍କା ଲୁଟ୍ କରିଥିଲେ।

## ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ

ଭୁବନେଶ୍ୱର,୭।୭(ସମିସ): ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତରୀ ସେବା ସ୍ତରରେ ବଡ଼ଧରଣର ଅଦଳବଦଳ କରାଯାଇଛି। ପ୍ରଫେସର ଡା. ସୁଚିତ୍ର ଦାସଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଡିନ୍ ଏବଂ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା.ଦୁର୍ଗା ମାଧବ ଶତପଥୀଙ୍କୁ ଏମ୍‌କେସିଜି ଏମ୍‌ସିଏଚ୍ ବ୍ରହ୍ମପୁରର ଅଧୀକ୍ଷକ, ପ୍ରଫେସର ଡା. ହରେକ୍ରୀଷ୍ଣ ଦଳେଇଙ୍କୁ ଏସ୍‌ଏଲ୍‌ଏନ୍ ଏମ୍‌ସିଏଚ୍, କୋରାପୁଟ୍ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ଗୀତା ସାହୁଙ୍କୁ ଜିଏମ୍‌ସି ସୁନ୍ଦରଗଡ଼ ଡିନ୍ ଏବଂ ଅଧ୍ୟକ୍ଷ, ପ୍ରଫେସର ଡା. ବି. ଦାସଙ୍କୁ ବିବି ଏମ୍‌ସିଏଚ୍, ବଲାଙ୍ଗିରର ଅଧୀକ୍ଷକ ଏବଂ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ସାହାଣୀଙ୍କୁ ଜିଏମ୍‌ସିଏଚ୍, ସୁନ୍ଦରଗଡ଼ର ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରଫେସର ଡା. ସୁଭ୍ରା ଘୋଷଙ୍କ ବଦଳିକୁ ରଦ୍ଦ କରାଯାଇ ଓଆଣ୍ଡଜି, ଏସ୍‌ସିବି ଏମ୍‌ସିଏଚ୍‌ର କଟକରେ ପ୍ରଫେସର ଭାବେ ନିଯୁକ୍ତ ଦିଆଯାଇଛି। ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ ମଧ୍ୟ ପ୍ରଫେସର ସାଇକ୍‌ଆଟ୍ରିକ୍ ଭାବେ ଅବସ୍ଥାପିତ ରହିବେ। ପ୍ରଫେସର ଡା. ବ୍ରଜ କିଶୋର ଦାସଙ୍କୁ ପିଆର୍‌ଏମ୍ ଏମ୍‌ସିଏଚ୍, ବାରିପଦାରେ ପ୍ରଫେସର ଏଫ୍‌ଏମ୍‌ଟି, ଭାବେ ନିଯୁକ୍ତି ଦିଆଯାଇଛି।

# ଆସୁଛନ୍ତି ରାହୁଲ ଗାନ୍ଧୀ

### ଗସ୍ତ ସଫଳ ପାଇଁ ପୁରୀ କଂଗ୍ରେସର ପ୍ରସ୍ତୁତି

ପୁରୀ,୭।୭(ସମିସ): ଆସନ୍ତା ୧୧ ତାରିଖରେ କେନ୍ଦ୍ର ବିରୋଧୀ ଦଳ ନେତା ସାଂସଦ ରାହୁଲ ଗାନ୍ଧୀ ଭୁବନେଶ୍ୱରରେ ସମ୍ବିଧାନ ବଞ୍ଚାଓ କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୋମବାର ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ପରିସରରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।



ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲୁ ଓଡ଼ିଶାର ମହିଳା, ଶିଶୁ ଚାଲାଣ ଏବଂ ୧୦ମ ଶ୍ରେଣୀ ସ୍କୁଲ ଛାତ୍ରୀ ସନ୍ତାନ ପ୍ରସବ କରିବା ଆଦି ଦୁଃଖଦ ପରିସ୍ଥିତି ଉପରେ ଆଲୋକପାତ କରିଥିଲେ। ସେହିପରି ରଥଯାତ୍ରାରେ ଘଟିଥିବା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ପିସିସି ଉପସଭାପତି ତାରାପ୍ରସାଦ ବାହିନୀପତି ଓଡ଼ିଶା ବିଧାନସଭାରେ ତାଙ୍କ ପ୍ରତି ହୋଇଥିବା ଆକ୍ରୋଶମୂଳକ ବ୍ୟବହାର ସମ୍ପର୍କରେ କହିଥିଲେ। ଦଳର ସମସ୍ତ କର୍ମୀଙ୍କୁ କଂଗ୍ରେସ କରିଥିବା ଉନ୍ନତିକରଣ କାର୍ଯ୍ୟ ଲୋକଙ୍କ ପାଖରେ ପହଞ୍ଚାଇବା ସହ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସଫଳ କରିବା ଲାଗି ଆହ୍ୱାନ ଦେଇଥିଲେ।

ପିସିସି ସମ୍ପାଦକ ଶିଳ୍ପୀଶ୍ରୀ ହରିଚନ୍ଦନ, ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ଉପସ୍ଥିତିରେ ପିସିସି ସଭ୍ୟ ସୁଜିତ ମହାପାତ୍ର, ପୁରୀ ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି ଏବଂ ବିଧାୟକ ପ୍ରାର୍ଥୀମାନେ ନିଜର ଆଭିମୁଖ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ପାତ୍ର, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଉତ୍ତମ ଆଚାର୍ଯ୍ୟ, ଲକ୍ଷ୍ମୀଧର ପ୍ରଧାନ, ପୂର୍ବତନ ଗୋପ ବ୍ଲକ ସଭାପତି ନୀଳମଣି ପ୍ରଧାନ, ବିଶ୍ୱଭୂଷଣ ଦାସଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବିରୋଧୀ ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ

# ସନ୍ତୋଷଙ୍କୁ ନେଇ ବିଜେପିରେ ଅସନ୍ତୋଷ

- ଦଳର ନିରବତାକୁ ନେଇ ସାଧାରଣରେ ସମାଲୋଚନା
- ମୌସୁମୀ ଅଧିବେଶନରେ ସଂସଦରେ ଉଠାଇବ କଂଗ୍ରେସ

ଭୁବନେଶ୍ୱର,୭।୭(ସମିସ): ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼ ଘଟଣାରେ ନାକେଦମ୍ ବିଜେପିକୁ ଏବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଅଳକରେ ପକାଇଛନ୍ତି। ଶାସକ ବିଜେପିର ଶ୍ରୀ ଖଟୁଆଙ୍କ ରୁଚିହୀନ ଓ ଅଶାଳୀନ ମନ୍ତବ୍ୟ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି । ରାଜ୍ୟରେ ମୋହନ ସରକାର ଏଥିପାଇଁ ଅପଦସ୍ତ ହୋଇଛନ୍ତି ଓ କେନ୍ଦ୍ରରେ ବିଜେପି ସରକାରକୁ ବିରୋଧୀ ଅଳକରେ ପକାଇଛନ୍ତି। ଏପରିକି ଆଗାମୀ ମୌସୁମୀ ଅଧିବେଶନ ପ୍ରସଙ୍ଗରେ କଂଗ୍ରେସ ଓ ଇଣ୍ଡି ମେଣ୍ଟର ସହଯୋଗୀମାନେ ଏହାକୁ ପ୍ରସଙ୍ଗ କରିବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ରାଜ୍ୟ ବିଜେପିର ନିଦ ଭାଙ୍ଗୁ ନାହିଁ । କେବଳ ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହିପରି ମନ୍ତବ୍ୟକୁ ଅତ୍ୟନ୍ତ କଠୋର ଶବ୍ଦରେ ନିନ୍ଦା କରିବା ଭିନ୍ନ ଦଳର ଅନ୍ୟ ଜଣେ ବି ନେତା ଏହାକୁ ନେଇ ତୁଣ୍ଡ ଖୋଲୁ ନାହାନ୍ତି । ଯଦିଓ ଦଳ ଭିତରେ ସନ୍ତୋଷକୁ ନେଇ ଦଳରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲେ ହେଁ ଏ ସମ୍ପର୍କରେ ନେତାମାନେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି।

ସନ୍ତୋଷ ଖଟୁଆ ଏବେ ଦଳ ପାଇଁ ଗଳଗ୍ରହ ହୋଇଛନ୍ତି ବୋଲି କିଛି ବିଜେପି ନେତା କହୁଛନ୍ତି। ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ଶାସକ ବିଜେପିକୁ ଷଣ୍ଢୁଆସୀ ଆକ୍ରମଣ ଜାରି ରଖିଛନ୍ତି। ସାମାଜିକ ଅନୁଷ୍ଠାନଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ନୀଳଗିରି ବିଧାୟକଙ୍କ ଔଦ୍ଧତ୍ୟକୁ ସମାଲୋଚନା କରାଯାଉଛି ଏବଂ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ମାତ୍ର ବିଧାୟକ ଶ୍ରୀ ଖଟୁଆଙ୍କ ମୁହଁ ଟାଣ ଭାଙ୍ଗୁନି। ଘଟଣାକୁ ନେଇ ଦୁଃଖ କି ଅନୁଶୋଚନା କରିବା ପରିବର୍ତ୍ତେ ଗଣମାଧ୍ୟମ ନିଜକୁ ଠିକ୍ ବୋଲି ଯୁକ୍ତି ବାଢ଼ୁଛନ୍ତି। ଏବଂ ଏପରି ଘଟଣାକୁ ନେଇ ସେ ଅନୁଶୋଚିତ ନୁହନ୍ତି ବୋଲି ଗଣମାଧ୍ୟମ ଆଗରେ ବୟାନ ରଖିଛନ୍ତି। ଯାହାକୁ ନେଇ ଦଳ ଅଧିକ ଅଡୁଆରେ ପଡ଼ିଛି। ଶୃଙ୍ଖଳାର ଅଭାବ ଯୋଗୁଁ ଦଳର ନେତାମାନଙ୍କର ଔଧତ୍ୟ ବଢ଼ି ଚାଲିଛି ବୋଲି କର୍ମୀମାନେ କହୁଛନ୍ତି । ଯେତେ ଅନ୍ୟାୟ କଲେ ମଧ୍ୟ ସରକାରୀ କଳ ଏବଂ ପ୍ରଶାସନ ମଧ୍ୟ ବାଛ ବିଚାର କରି ଶାସକ ଦଳ ନେତାଙ୍କ ଦେହରେ ହାତ ମାରିବାକୁ ଭୟ କରୁଛନ୍ତି। ଏପରି ଦୁର୍ବଳତାର ସୁଯୋଗ ନେଇ ବିଧାୟକ ଖଟୁଆଙ୍କ ପରି ନେତା ଶାଳୀନତାର ସବୁ ସୀମା ଲଙ୍ଘନ କରିବାକୁ ସାହସ ପାଉଛନ୍ତି ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଶ୍ରୀ ଖଟୁଆଙ୍କ ମନ୍ତବ୍ୟକୁ ନେଇ ବୁଦ୍ଧିଜୀବୀ ଓ ରାଜନୈତି ସମୀକ୍ଷକମାନେ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି । ଏପରି ଲଜ୍ଜାଜନକ ଘଟଣାରେ ଉଭୟ ସରକାର ଏବଂ ସଂଗଠନ ନିରବତା ପ୍ରଦର୍ଶନ କରିବା ଯୋଗୁଁ ଖଟୁଆଙ୍କ ମନୋବଳ ବୃଦ୍ଧି କରିଛି। ଏପରି ତତ୍ତ୍ୱଙ୍କୁ ସରକାର ଘଣ୍ଟ ଘୋଡ଼ାଇ ନିଜର ହିଁ କ୍ଷତି କରୁଛନ୍ତି। ରାଜ୍ୟ ବିଜେପି ମହିଳା ବିରୋଧୀ ବୋଲି ଏକ ବାର୍ତ୍ତା ସାଧାରଣରେ ପ୍ରଚାର ହେଲାଣି। ତେଣୁ ତୁରନ୍ତ ସନ୍ତୋଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ନେଲେ ତାହା ବିଜେପି ପାଇଁ ଘାତକ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଅପରପକ୍ଷେ ନୂଆ ସଭାପତି ଚୟନ ପରେ ଦଳର ଶୃଙ୍ଖଳା କମିଟି ବୈଠକ ବସିବା ନେଇ ମଧ୍ୟ ଦଳର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପରୋକ୍ଷରେ ସୂଚନା ପ୍ରଦାନ କରିଛନ୍ତି। ତେବେ ବିଜେପି ନେତାଙ୍କ ଆଭିମୁଖ୍ୟ ଓ ଗତିବିଧିକୁ ଦେଖିଲେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ଭାବନା କ୍ଷୀଣ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ରସଗୋଲା ଖୁଆଇ ମାନଭଞ୍ଜନ କଲେ ମହାବାହୁ



ନବରଙ୍ଗପୁର,୭।୭(ସମିସ) : ରତ୍ନ ସିଂହାସନକୁ ବିଜେ କରି ବିଳମ୍ବିତ ରାତ୍ରରେ ଅଗଣିତ ଭକ୍ତଙ୍କୁ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି। ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ହୋଇଥିଲା ମହାପ୍ରଭୁ ଙ୍କ ଅଧର ପଣା ଓ ସୁନାବେଶ ନୀତି କାନ୍ତି। ରଥ ଉପରେ ଅଧର ପଣା ଓ ସୁନାବେଶ ନୀତି ସରିବାପରେ ସୋମବାର ଦିନ ବିଳମ୍ବିତ ରାତ୍ରରେ ହୋଇଥିଲା ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରିବିଜେ ନୀତି କାନ୍ତି। ଏହି ନୀଳାଦ୍ରି ବିଜେ ନୀତି ସରିବା ପରେ ହୋଇଥିଲା ମହାପ୍ରଭୁଙ୍କ ବଚନିକା ନୀତି। ବଚନିକା ସରିବା ପରେ ମହାଲକ୍ଷ୍ମୀଙ୍କୁ ରସଗାଲ ଖୁଆଇ ମାନ ଭଞ୍ଜନ କରିବା ପରେ ନିଜର କର୍ମଭୂମି ବା ରତ୍ନ ସିଂହାସନକୁ ବିଜେ ହୋଇଥିଲେ ଚତୁର୍ଦ୍ଧାମୂର୍ତ୍ତି। ଆଜିକୁ ଦୀର୍ଘ ୨୭ ଦିନ ପରେ ଆଜି ରତ୍ନ ସିଂହାସନରେ ଅଗଣିତ ଶ୍ରୀ ଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ନବରଙ୍ଗପୁର ରାଜ ପୁରୋହିତ ତଥା ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗର ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ହୋଇଥିଲା। ନବରଙ୍ଗପୁର ତହସିଲଦାର ତଥା ଦେବୋତ୍ତର ନିର୍ବାହି ଅଧିକାରୀ କୈଳାସ ଚନ୍ଦ୍ର ତ୍ରିପାଠୀ, ନବରଙ୍ଗପୁର ଅତିରିକ୍ତ ଦେବୋତ୍ତର କମିଟି ସଭାପତି ଝାଡେଶ୍ୱର ଖାଡଙ୍ଗା, ଦେବୋତ୍ତର କମିଟି ସଦସ୍ୟ ମିଟୁ ପାତ୍ର, ପିଣ୍ଟୁ ତ୍ରିପାଠୀ ,କୈଳାସ ଚନ୍ଦ୍ର ଦାସ, ପରେଶ୍ ମିଶ୍ର , ରାଜେନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ସୁର ,ନରେଶ ତ୍ରିପାଠୀ , ଗୌରାଙ୍ଗ ପାତ୍ର , ଭବାନୀ ଶତପଥୀ, ନବରଙ୍ଗପୁର ଥାନା ଅଧିକାରୀ ସମ୍ବିତ କୁମାର ବେହେରା, ଏସ ଆଇ ଦେବାଶିଷ ସାହୁ, ଏସ ଆଇ ସବିର ଅହମ୍ମଦ ରହିଥିବା ବେଳେ ନୀତି କାନ୍ତିରେ ପଣ୍ଡିତ ପ୍ରମୋଦ ଚନ୍ଦ୍ର ତ୍ରିପାଠୀ , ଜଗନ୍ନାଥ ମନ୍ଦିର ପୂଜକ ଶେଷ ଦେବ ବ୍ରହ୍ମା , ଜଗନ୍ନାଥ ବ୍ରହ୍ମା , ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବିନ୍ଦ୍ର ନାଥ ଶତପଥୀ, ସୁଧୀର ଶତପଥୀ , ସନ୍ତୋଷ କୁମାର ସାହୁ , ସୁଧାକର ପାଢ଼ୀ , ସୁମିତ ହ?ପ , ବାବୁଲା ତ୍ରିପାଠୀ , ତ୍ରୟନାଥ ତ୍ରିପାଠୀ , ବିଧୁ ତ୍ରିପାଠୀ, ଚିନୁ ଦାସ , ବଦ୍ରୀ ତ୍ରିପାଠୀ , ଗେହ୍ଲେଇ ତ୍ରିପାଠୀ , ମୁନୁ ତ୍ରିପାଠୀ, ଦିପୁ ତ୍ରିପାଠୀ , ପପୁ ତ୍ରିପାଠୀ , ସୁମିତ ପାଳ , ଭିକି ପାତ୍ର , ଭିକି ଦାସ , ତାପସ ତ୍ରିପାଠୀ ପ୍ରମୁଖ ଙ୍କ ସମେତ ଦେବୋତ୍ତର ବିଭାଗର ଗଗନ ସୌରା , ଆର୍ ଆଇ ବିଜୟ ମାଝୀ ,ଆର୍ ଆଇ ଭି ବି ରାଜୁ , ସନ୍ତୋଷ ମହାଙ୍କୁଡ , ଗଣାପତି ଗୌଡ଼ , ନରସିଂହ ଗୌଡ଼ , ଚୈତନ୍ୟ ନାୟକ , ଭାଗିରଥି ନାୟକ , ମୀନ ନାୟକ , ନରସିଂହ ନାୟକ , ଟି. ଶ୍ରୀପତି, ପିଣ୍ଟୁ ତ୍ରିପାଠୀ,ରାକେଶ ଗୁପ୍ତା, ପଞ୍ଚାନନ ଦାସ, ସୁବାସ ନାୟକ, ସମୀର ପାତ୍ର , ସତ୍ୟନାରାୟଣ ପଟ୍ଟନାୟକ , ନୁନୁ ଦାସ , ଲକ୍ଷ୍ମୀ କାନ୍ତ ପଣ୍ଡା, ମିଟୁ ମହାରଣା, ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ, ନିଯୋଗ ସଭାପତି ନରେଶ କୁମାର ତ୍ରିପାଠୀ , ଉପ ସଭାପତି ଭବାନୀ ଶତପଥୀ , ଶ୍ରୀଜଗନ୍ନାଥ ନୀତି ପରିଚାଳନା ନିଯୋଗ ସମ୍ପାଦକ କୁନା ପାତ୍ର , ଦୁର୍ଗା ତ୍ରିପାଠୀ , ସି ଏଚ ଚିଟି ବାବୁ, ଭି ଭେଙ୍କଟ , ମଣ୍ଟୁ ଆଚାର୍ଯ୍ୟ ବହୁ ଲୋକ ଏଥିରେ ସହଯୋଗ କରିତିଲେ।

## ପ୍ରଫେସର ହରେକୃଷ୍ଣ ଦଳେଇ ଏସଏଲଏନ୍ ମେଡ଼ିକାଲ କଲେଜ ଅଧ୍ୟକ୍ଷ ନିଯୁକ୍ତ

କୋରାପୁଟ,୭।୭(ସମିସ): ପ୍ରଫେସର ହରେକୃଷ୍ଣ ଦଳେଇ କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଡିନ ଓ ଅଧ୍ୟକ୍ଷ ଭାବେ ନିଯୁକ୍ତ ପାଇଛନ୍ତି। ବର୍ତ୍ତମାନ ପ୍ରଫେସର ଦଳେଇ ବ୍ରହ୍ମପୁର ମେଡ଼ିକାଲ କଲେଜରେ ନିଶ୍ଚେତକ ବିଭାଗ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। କିଛି ମାସ ହେବ କୋରାପୁଟ ମେଡିକାଲ କଲେଜରେ ଅଧ୍ୟକ୍ଷ ପଦ ଖାଲି ରହିଥିଲା। କୋରାପୁଟ ହସପିଟାଲର ଅଧିକ୍ଷକ ଡାକ୍ତର ପ୍ରଫେସର ସୁଶାନ୍ତ କୁମାର ସାହୁ କଲେଜର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବରୁ ପ୍ରଫେସର ଦଳେଇ କୋରାପୁଟ ହସପିଟାଲର ଅଧିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଆଜି ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତିରୁ ଏହା ପ୍ରକାଶ ପାଇଛି।

## ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି



ନବରଙ୍ଗପୁର,୭।୭(ସମିସ): ନବରଙ୍ଗପୁର ପୌରପାଳିକା ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୦ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା।

## ବିଳମ୍ବିତ ରାତିରେ ଶ୍ରୀମନ୍ଦିର ପହଞ୍ଚିଲେ ତିନି ଠାକୁର

ନନ୍ଦପୁର : ନନ୍ଦପୁର ଥର ଯାତ୍ରା ଠାରୁ ବାହୁଡା ପରେ ପୁଣି ଅବ୍ୟବସ୍ଥା ଶ୍ରୀ ମନ୍ଦିର ଗୃହରେ। ରତୁ ଅଧରେ ପଟୁଆର ଯୋଗାଡ଼ କରି ମନ୍ଦିର ଭିତରକୁ ତିନି ଠାକୁରଙ୍କୁ ଅଣାଯାଇଥିଲା। ନିର୍ଦ୍ଧାରିତ ସମୟରେ କାହିଁକି ସବୁ ନୀତି ହେଉନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଭକ୍ତ, ସେବାୟତଙ୍କ ମଧ୍ୟରେ ତିକ୍ତତା ଦେଖା ଦେଇଛି।

## ନୀଳକନ୍ଦରକୁ ଫେରିଲେ ନୀଳମଣି



କୋରାପୁଟ,୭।୭(ସମିସ):ସରିଲା ଶ୍ରୀଗୁଣ୍ଡିଚା ଯାତ୍ରା। ଆଜି ସଂନ୍ଧ୍ୟା ଆଳତୀ ପରେ ଧାଡି ପହଣ୍ଡିରେ ରତ୍ନ ସିଂହାସନ ଅଭିମୁଖେ ନୀଳାଦ୍ରୀ ବିଜେରେ ବାହୁଡିଲେ ନୀଳମଣି। ଅନ୍ୟପଟେ ହେରାପଞ୍ଚମୀରେ ମା ମହାଲକ୍ଷ୍ମୀ ଗୁଣ୍ଡିଚାମନ୍ଦିରକୁ ଯାଇ ଫେରି ଆସିବାକୁ ଅଳି କରିଥିଲେ। ବାହୁଡା ଦିନ ପୁଣି ଥରେ ରଥ ନିକଟକୁ ଯାଇ ଶ୍ରୀମନ୍ଦିର ଆସିବା ପାଇଁ ନିବେଦନ କରିଥିଲେ। କିନ୍ତୁ ଚକ୍ରରାଜ ସୁଦର୍ଶନ,ବଡଠାକୁର ବଳଭଦ୍ର ଓ ଯୋଗମାୟା ସୁଭଦ୍ରାଙ୍କୁ ମନ୍ଦିର ଭିତରକୁ ପ୍ରବେଶ ଅନୁମତି ଦେଇଥିଲେ ମଧ୍ୟ ଅଭିମାନୀନି ମା ମହାଲକ୍ଷ୍ମୀ ଅଭିମାନ କରି ସିଂହଦ୍ୱାର ନିକଟରେ ମହାପ୍ରଭୁ ଜଗନ୍ନାଥଙ୍କ ବାଟ ବନ୍ଦ କରିଦେଇଥିଲେ।

**■ ମାନଭଞ୍ଜନ କଲେ ମହାବାହୁ**

ସେଠାରେ ଜଗତରନାଥ ମା ଜଗତଜନନୀ ମହାଲକ୍ଷ୍ମୀଙ୍କ ମଧ୍ୟରେ ହୋଇଥିଲା ବଚନିକା। ମହାପ୍ରଭୁ କଥାଦେଇ ରସଗୋଲାରେ ପ୍ରାଣପ୍ରିୟାଙ୍କ ମାନଭଞ୍ଜନ କରିଥିଲେ। ଟାଉନ ପୁଲିସ ଦ୍ୱାରା ଶୃଙ୍ଖଳିତ ଭାବରେ ନୀଳାଦ୍ରୀବିଜେ ପାଇଁ ବ୍ୟବସ୍ଥା କରାଯାଇଥିବା ବେଳେ ପ୍ରଶାସନ ଓ ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ବାହୁଡାରେ ଗୋଟି ପହଣ୍ଡିରେ ବାହାରି ମାଉସୀମା ଘରେ ପୋଡପିଠା ଖାଇ ସୁନାବେଶରେ ଦର୍ଶନ ଦେଇ ରଥ ଉପରେ ଅଧରପଣା ନୀତି ଶେଷ ହୋଇଥିଲା।

## ସୁନାବେଶରେ ଭଜନ ସଂଧ୍ୟା



ନନ୍ଦପୁର, ୭।୭ (ସମିସ): ମାଉସୀମା ମନ୍ଦିର ରେ ୯ ଦିନ ରହଣି ପରେ ବାହୁଡା ରେ ତିନି ଠାକୁର ଶ୍ରୀ ମନ୍ଦିର ପହଞ୍ଚିବା ପରେ ରବିବାର ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା ଯୋଗ ଦେଇ ନିଜ କଣ୍ଠରେ ଭଜନ ଗାନ କରି ଭକ୍ତଙ୍କ ମନୋରଞ୍ଜନ କରିଥିଲେ। ତେବେ ଏ ନେଇ କମିଟିର ବରିଷ୍ଠ ସଦସ୍ୟ ଗୋପାଳକୃଷ୍ଣ ବେବର୍ତ୍ତା, ବିଡିଓ ଶ୍ରୀ ଦୋରାଙ୍କ ଭଜନ ଗାନକୁ ପ୍ରଶଂସା କରିଥିଲେ।

## ୯ରେ ଟ୍ରେଡ୍ ୟୁନିୟନର ହରତାଳ ଡାକରା



ନବରଙ୍ଗପୁର, ୭।୭(ସମିସ):ଆସନ୍ତା ୯ ଜୁଲାଇରେ କେନ୍ଦ୍ରୀୟ ଟ୍ରେଡ୍ୟୁନିୟନର ଦେଶବ୍ୟାପି ହରତାଳ ଡାକରାରୁ ସମର୍ଥନ କରି ନବରଙ୍ଗପୁର ଜିଲ୍ଲାରେ ମଧ୍ୟ ୬ଟି ଟ୍ରେଡୟୁନିୟନ୍ ଓ ୮ଟି ସଂଗଠନ ପକ୍ଷରୁ ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି। ଏନେଇ ପୂର୍ତ୍ତବଙ୍ଗଳା ଠାରେ ଆୟୋଜିତ ଟ୍ରେଡୟନିୟନ ଓ ସଂଗଠନ ଗୁଡିକ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସ୍ୱଷ୍ଟ କରିଛନ୍ତି ରାଷ୍ଟ୍ରୀୟ କିଷାନ ମଜଦୂର ମହାସଂଘ ଜିଲ୍ଲାସପାଦକ ଭଗବାନ ବୈରାଗୀ। ସିଆଇଟିୟୁ ଜିଲ୍ଲାସଂପାଦକ ରାଜେଶ ଜାନୀ, ଆଇଏନଟିୟୁସିର ଜିଲ୍ଲାସଭାପତି ବିଘ୍ନରାଜ ନାୟକ, ଏଆଇଟିୟୁସିର ଜିଲ୍ଲାସଭାପତି ସନାତନ ସାହୁ, ଟିୟୁସିସ ଜିଲ୍ଲାସଭାପତି ସୁଶାନ୍ତ କୁମାର ସୁନା, ଏଆଇକେଏସ୍ ଜିଲ୍ଲାସଂପାଦକ ଦେବରାଜ ନାଗ, ଡିଓ୍ୱାଇଏଫଆଇ ସଦସ୍ୟ ଦୟାନିଧି ସୁନା, ରାଷ୍ଟ୍ରୀୟ କିଷାନମଜଦୂର ମହାସଂଘ ଜିଲ୍ଲାସପାଦକ ଭଗବାନ ବୈରାଗୀ, ଖ୍ରୀଷ୍ଟିୟାନ ମାଇନୋରେଟି ଜିଲ୍ଲାସଭାପତି ସୁଧୂର ପାତ୍ର, ଓଡିଶା ଆଦିବାସୀ ଅଧିକାର ମଞ୍ଚ ଜିଲ୍ଲାସଭାପତି ନୂଆଁ ଖାଉ ଭତ୍ରା, ଓଡିଶା କୃଷକ ସଭା ଜିଲ୍ଲାସଭାପତି ଧରମଦାସ ଭତା, ଜିଲ୍ଲାରାଜମିସ୍ତ୍ରୀ ସଂଘ ସଭାପତି ବିପିନ ନାଗ ପ୍ରମୁଖ ଯୋଗଦେଇ ସରକାରଙ୍କ ନୀତି ବିରୁଦ୍ଧରେ ୯ ଜୁଲାଇରେ ୧୨ ଘଣ୍ଟିଆ ହରତାଳ ଡାକରା ଦିଆଯାଇଛି।

## ନାଲ୍‌କୋ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋରାପୁଟ/ଦାମନଯୋଡ଼ି,୭।୭ (ସମିସ): ଦାମନଯୋଡି ନାଲ୍‌କୋରେ ବରିଷ୍ଠ ଅଧିକାରୀ ରୂପେ କାର୍ଯ୍ୟରତ ଆର୍ତତ୍ରାଣ ସାହୁ ଦୀର୍ଘ ୩୫ ବର୍ଷ ଚାକିରୀ କରିବା ପରେ ଅବସର ଗ୍ରହଣ କରିଛନ୍ତି। ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ପାଇଁ ସେ ଅନେକ ଥର କମ୍ପାନୀ ତରଫରୁ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଶ୍ରୀ ସାହୁଙ୍କୁ ଏକ ଭବ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଇଡି ନିରଞ୍ଜନ ସାମଲ (ଖଣି ଏବଂ ରିଫାଇନାରୀ), ସମସ୍ତ ଜିଜିଏମ ନାଲୋକ ସିଜିଏମ ଆଶୀଷ ସେନାପତି, ସୁଗତ ବସୁ,ସଞ୍ଜୟ ଗୁପ୍ତା, ଏସ କେ ପଟ୍ଟନାୟକ, ଅନୀଲ କୁମାର ସିଂହ ପ୍ରମୁଖ ଯୋଗଦେଇ ତାଙ୍କର କାର୍ଯ୍ୟ ଦକ୍ଷତାକୁ ପ୍ରଶଂସା କରିଥିଲେ।

## ବିଦ୍ୟାଳୟ ଓ ଗଣଶିକ୍ଷା ନିର୍ଦ୍ଦେଶକଙ୍କ ଦୁଇ ବିଦ୍ୟାଳୟ ପରିଦର୍ଶନ



**ଛାତ୍ରୀଙ୍କ ଆଚରଣ ନେଇ ସହପାଠୀ ଭୟଭୀତ**

ଜୟପୁର/ବୈପାରୀଗୁଡ଼ା, ୭।୭(ସମିସ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ବିରେନ୍ଦ୍ର କରକରା ଆଜି ଅଚାନକ ଜୟପୁର ବ୍ଲକ ପାତ୍ରପୁଟ ଅପଗ୍ରେଡ ଉଚ୍ଚ ବିଦ୍ୟାଳୟକୁ ଗସ୍ତ କରିଥିଲେ। ବିଦ୍ୟାଳୟରେ ଅନେକ ଅବ୍ୟବସ୍ଥାକୁ ନେଇ ନିର୍ଦ୍ଦେଶକ ଅସନ୍ତୋଷ ପ୍ରକାଶ କରିଥିଲେ। ବିଦ୍ୟାଳୟରେ ଜଣେ ଶିକ୍ଷୟିତ୍ରୀ ବିନା ସୂଚନାରେ ଅନୁପସ୍ଥିତ ରହିଥିବାରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ଗୋଟିଏ ଦିନର ଦରମା ବନ୍ଦ କରିବାକୁ ଉପସ୍ଥିତ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବୈପାରୀଗୁଡ଼ା ବ୍ଲକ ଚନ୍ଦ୍ରପଡ଼ା ଅପଗ୍ରେଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗସ୍ତ ବେଳେ ପ୍ରଧାନଶିକ୍ଷକ ଅନୁପସ୍ଥିତ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଏହିପରି ସେଠାରେ ନିୟମିତ ବିଦ୍ୟାଳୟକୁ ଶିକ୍ଷକ ଶିକ୍ଷୟତ୍ରୀ ଆସୁନଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଫଳରେ ବିଦ୍ୟାଳୟର ଭିତ୍ତିଭୂମି ଠିକ ରହିଥିଲେ ସଦ୍ଧା ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ନୈରାଶ୍ୟଜନକ ରହିଛି। ବିଦ୍ୟାଳୟର ୨୨ ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦ ଜଣ ନିଜ ପାଠ୍ୟକ୍ରମ ବହି ପଢି ପାରିନଥିଲେ। ଏଥିନେଇ ନିର୍ଦ୍ଦେଶକ ପାଠ୍ୟକ୍ରମ ନେଇ ପ୍ରସ୍ତୁତି ପୁସ୍ତିକା ତଦାରଖ ପାଇଁ ମାଗିଥିଲେ। କିନ୍ତୁ ସେଠାରେ କୌଣସି ଲେଖାନଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିପରି ନିର୍ଦ୍ଦେଶକ ଏବଂ ଅଧିକାରୀ ମାନେ ପହଞ୍ଚିବା ପୂର୍ବରୁ ଉକ୍ତ ବିଦ୍ୟାଳୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜଣେ ଛାତ୍ରଙ୍କ ଆଚରଣକୁ ନେଇ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହିପରି ଗ୍ରାମବାସୀ ମାନେ ଛାତ୍ରଙ୍କୁ ଭୁତ ଲାଗିଥିବା ନେଇ ପ୍ରକାଶ କରିଥିଲେ। କିନ୍ତୁ ଉପସ୍ଥିତ ଶିକ୍ଷାଧିକାରୀ ମାନେ ତୁରନ୍ତ ଛାତ୍ରଙ୍କୁ ନିଜ ଗାଡିରେ ଡାକ୍ତରଖାନାକୁ ନେବାକୁ କହିଥିଲେ। କିନ୍ତୁ ଗ୍ରାମବାସୀ ମାନେ ମନା କରିବା ସହ ଗ୍ରାମର ଗୁଣିଆକୁ ଡାକି ଝଡାଫୁଙ୍କା କରିଥିଲେ। ଉପସ୍ଥିତ ଅଧିକାରୀ ମାନେ ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ବୈପାରୀଗୁଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅଚାନକ ଗସ୍ତ ବେଳେ ଅତିରିକ୍ତ ନିର୍ଦ୍ଦେଶକ ସୁଧାଂଶୁ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଡଃ. ପ୍ରଶାନ୍ତ କୁମାର ମହାନ୍ତି, ଜୟପୁର ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବଳିଦାନର ପର୍ବ ମହରମ ପାଳିତ




ଜୟପୁର, ୭।୭(ସମିସ): ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଇସଲାମ କ୍ୟାଲେଣ୍ଡରର ପ୍ରଥମ ମାସର ୧୦ମ ଦିବସକୁ ମହରମ ଭାବେ ପାଳନ କରାଯାଇଥାଏ । ଏହି ଅବସରରେ କୋରାପୁଟ ଜିଲ୍ଲା ଜୟପୁର ଠାରେ ଉଭୟ ସୁନ୍ନି ଓ ସିହା ସମ୍ପ୍ରଦାୟ ପକ୍ଷରୁ ଏହି ପର୍ବକୁ ବଳିଦାନ ଓ ସହିଦଙ୍କ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଗତ ୯ ଦିନ ଧରି ସୁନ୍ନି ସମ୍ପ୍ରଦାୟ ପକ୍ଷରୁ ଧର୍ମୀୟ ସମ୍ପ୍ରଦାୟର ପ୍ରତୀକ ଗୁଡିକକୁ ରଖାଯାଇ ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସେହିପରି ପ୍ରତ୍ୟେକ ଦିନ ସଂଧ୍ୟାରେ ସୁନ୍ନି ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଆସ୍ଥାନା ସମ୍ମୁଖରେ ଜଳନ୍ତା ନିଆଁ ଉପରେ ଖାଲିପାଦରେ ହାତରେ ଧର୍ମୀୟ ପ୍ରତୀକକୁ ଧରି ଚାଲିବା ସହିଦ ଇମାମ ହୁସେନଙ୍କ ଧର୍ମ ଓ ସତ୍ୟ ରକ୍ଷା ପାଇଁ ବଳିଦାନ ନେଇ ଗୀତ ମାଧ୍ୟମରେ ସ୍ମରଣ କରିଥିଲେ । ଏହିପରି ଏହି ୯ ଦିନ ଗରୀବ ଲୋକଙ୍କୁ ଖାଦ୍ୟ, ପାନୀୟ ପ୍ରଦାନ କରିବା ସହିତ ଦାନ କରାଯାଇଥିଲା। ରବିବାର ମହରମର ଅନ୍ତିମ ଦିବସ ଅବସରରେ ଉପବାସ ରଖିବା ସହିତ ନମାଜ ପାଠ କରାଯାଇଥିଲା। ସହରରେ ବସବାସ କରୁଥିବା ସିହା ମୁସଲମାନଙ୍କ ପକ୍ଷରୁ ଏହି ୯ ଦିନ ପର୍ଯ୍ୟନ୍ତ ଦୁଃଖ ଏବଂ ଅନୁତପ୍ତ ଦିବସ ଭାବେ ମିଳତ ଭାବେ ପାଳନ ଓ ପ୍ରାର୍ଥନ କରାଯାଇଥିଲା। ଏହିପରି ସିହା ସମ୍ପ୍ରଦାୟର ମୌଲାନା ଧର୍ମାଲମ୍ବୀ ମାନଙ୍କୁ ନମାଜ ପାଠ ସହିତ ସହିଦ ଏବଂ ମହାପୁରୁଷ ମାନଙ୍କ ବଳିଦାନକୁ ନେଇ ପ୍ରବଚନ ପ୍ରଦାନ କରିଥିଲେ। ଆଜି ମହରମ ଅବସରରେ ସିହା ସମ୍ପ୍ରଦାୟର ଯୁବକ ମାନେ ହାତରେ ନିଜ ଶରୀରକୁ ଆଘାତ କରିବା ସହିତ ଏକ ଶୋଭାଯାତ୍ରାରେ ଗଙ୍ଗାନଗର ନିକଟସ୍ଥ ହାଇଦ୍ରାବାଦ ଲାଇନରୁ ବାହାରିବା ସହିତ ବାହୁଡା ଯାତ୍ରା ପାଇଁ ବେଲ ରୋଡ ଏବଂ ମହାରାଣି ପେଟା ଦେଇ ପାର୍କସାହି ସ୍ଥିତ ଗୋବର୍ଦ୍ଧନମୁଣ୍ଡା ପୋଖରୀ ଠାରେ ପହଞ୍ଚି ଶେଷ ହୋଇଥିଲା। ଏହି ଶୋଭାଯାତ୍ରାରେ ସମ୍ପ୍ରଦାୟର ଉଭୟ ପୁରୁଷ, ମହିଳା ଏବଂ ଛୋଟଛୁଆ ମାନେ ଭାଗ ନେଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟରେ ପାଠ୍ୟକ୍ରମ ଶୁଭାରମ୍ଭ



ଜୟପୁର,୭।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ସରକାରୀ ଉଚ୍ଚବିଦ୍ୟାଳୟ ନିକଟରେ ଥିବା ଅସ୍ଥାୟୀ ଭବନରେ କେନ୍ଦ୍ରୀୟ ବିଦ୍ୟାଳୟରେ ଆଜି ଠାରୁ ପାଠ୍ୟକ୍ରମ ଆରମ୍ଭ ହୋଇଯାଇଛି। ଗତ ମାସ ୨ରୁ ୧୬ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ଦାଖଲା ହୋଇଥିଲା। ଗତକାଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବର୍ତ୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ୫ମ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ୪୦ଟି ଲେଖାଏଁ ଛାତ୍ରଛାତ୍ରୀ ନାମଲେଖା କରିବା ପାଇଁ ଧାର୍ଯ୍ୟ କରାଯାଇଥିବା ବେଳେ କେବଳ ୩ୟ ଏବଂ ୫ମ ଶ୍ରେଣୀରେ ୩୮ ଜଣ ଛାତ୍ରଛାତ୍ରୀ ଦାଖଲ ନେଇ ନାହାନ୍ତି। ଯାହା ଫଳରେ ମୋଟ ୧୯୮ ଜଣ ଛାତ୍ର ଛାତ୍ରୀ ଦାଖଲ ନେଇଛନ୍ତି। ଆଜି ପ୍ରଥମ ଦିବସରେ ମୋଟ ୧୭୯ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଶିକ୍ଷା ଗ୍ରହଣ କରିଥିଲେ। ପ୍ରତିଦିନ ସକାଳ ୭ଟା ୫୦ ମିନିଟରୁ ୨ଟା ୧୦ ରେ ବିଦ୍ୟାଳୟରେ ପାଠ୍ୟକ୍ରମ ଅନୁଷ୍ଠିତ ହେବ। ୧ମରୁ ୫ମ ଶ୍ରେଣୀ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ୮ଜଣ ଶିକ୍ଷକ ଉପସ୍ଥିତ ରହିଛନ୍ତି। ଆଗାମୀ ଦିନରେ ଶିକ୍ଷାଦାନ ସହ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ପଣ୍ଡା ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳଙ୍କ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି



ନନ୍ଦପୁର,୭।୭ (ସମିସ): କୋରାପୁଟ ଜିଲ୍ଲାପାଳଙ୍କ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ନନ୍ଦପୁର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ଆଇଏଏସ୍ ପ୍ରୋବେସନାରୀ ସନ୍ତସ କୁମାର ପାତ୍ର, ସିଡି ଓ ବେଣୁଧର ଶବର, ସିଡିଏମ୍‌ଓ ରବି ନାରାୟଣ ମିଶ୍ର, ନନ୍ଦପୁର ଏସ ଡି ପି ଓ ଦେବେନ୍ଦ୍ର କୁମାର ମଲ୍ଲିକ, ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କର୍ତ୍ତୁଲ, ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ କର୍ମଚାରୀ ଯୋଗ ଦେଇ ଥିଲେ। ତେବେ ସମବାର ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମୋଟ ୬୨ଟି ଅଭିଯୋଗ ଶୁଣାଣି ହୋଇଥିଲା।

# ବାଲିମେଳା ବସ୍‌ଷ୍ଟାଣ୍ଡ ଅବସ୍ଥା ଶୋଚନୀୟ



କୋରୁକୋଣ୍ଡା,୭।୭(ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ବସଷ୍ଟାଣ୍ଡ ଦୟନୀୟ ଅବସ୍ଥାରେ ରହିଛି। ବସଷ୍ଟାଣ୍ଡ ପରିସରରେ ଖାଲଖମା ଓ ବଡ଼ବଡ଼ ଗର୍ତ୍ତ ଯୋଗୁ ବର୍ଷା ଜଳ ଜମି ସୃଷ୍ଟି ହୋଇଛି ବହୁ କୃତ୍ରିମ ଗାଡିଆ। ରାସ୍ତା ଫାଟି ଆଁ କରିବା ସହ ବିଭିନ୍ନ ସ୍ଥାନରେ ରଡ୍ ଦେଖା ଗଲାଣି। ଗତ କିଛିଦିନ ହେବ ବାଲିମେଳା ସହରରେ ଲଗାଣ ବର୍ଷା ଜାରି ରହିବା ଯୋଗୁ ଏହି ବସ୍‌ଷ୍ଟାଣ୍ଡର ଅବସ୍ଥା ଆହୁରି ଶୋଚନୀୟ ହୋଇପଡିଛି। ବିଡମ୍ବନାର ବିଷୟ ବର୍ଷା ଜଳ ବସଷ୍ଟାଣ୍ଡ ପରିସରରୁ ଡ୍ରେନ୍‌ରେ ପ୍ରବାହିତ ହେବା ବଦଳରେ ବସ ଗୁଡିକ ରହୁଥିବା ପ୍ଲାଟଫର୍ମ ମାନଙ୍କରେ ଆଣ୍ଠୁଏ ଲେଖାଏଁ ଜମି ରହୁଛି। ଖାଲି ଏତିକିରେ ସରିନି ସମସ୍ୟା। ଅଧିକ ବର୍ଷା ହେଲେ ବର୍ଷା ଜଳ ଯାତ୍ରୀ ବିଶ୍ରାମ ଗୃହରେ ପ୍ରବେଶ କରି ବହୁ ପରିମାଣର ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଫଳରେ ପ୍ରତିଦିନ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ କିଛି ଯାତ୍ରୀ ଅଭିଯୋଗ କରିଛନ୍ତି। ସବୁ ଜାଣି ନିରବ ସାଜିଛି ସ୍ଥାନୀୟ ପ୍ରଶାସନ ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରିଛନ୍ତି। ବାଲିମେଳା ବସ୍‌ଷ୍ଟାଣ୍ଡକୁ ପ୍ରତିଦିନ ପ୍ରାୟ ୫୦ରୁ ଅଧିକ ସରକାରୀ ଓ ବେସରକାରୀ ବସ୍ ଆସି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାୟଗଡା, ବିଶାଖାପାଟଣା, ଛତିଶଗଡ, ଭଦ୍ରାଚଲମ, ଇନ୍ଦ୍ରାବତୀ, ଜୟପୁର ଭଳି ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ବାହାର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଗୁଡିକୁ ଯାତାୟାତ କରିଥାଏ। ବାଲିମେଳା ସହର ସମେତ ବିଭିନ୍ନ ଅଞ୍ଚଳର ଶହ ଶହ ଯାତ୍ରୀ ଏହି ବସଷ୍ଟାଣ୍ଡ ଉପରେ ନିର୍ଭରଶୀଳ। ତେବେ ବସଷ୍ଟାଣ୍ଡ ପରିସରରେ ଏପରି ଖାଲ ଖମା ହୋଇ ବର୍ଷା ଜଳ ଜମୁଛି। ଯାହା ଦ୍ୱାରା ଲୋକେ ଚାଲିଯିବା ମଧ୍ୟ କଷ୍ଟକର ହୋଇପଡୁଛି। ଅନେକ ସ୍ଥାନରେ ସିମେଣ୍ଟ କଙ୍କ୍ରିଟ୍ ରାସ୍ତାରୁ ଲୁହା ରଡ଼ ବାହାରକୁ ବାହାରି ଦେଖା ଗଲାଣି। ଏହି ବାହାରକୁ ବାହାରିଥିବା ଲୁହା ରଡ଼ରେ ଝୁଣ୍ଟି ଏବଂ ଖାଲଖମାରେ ବହୁବାର ଛୋଟ ବଡ଼ ଦୁର୍ଘଟଣା ଘଟି କିଛି ଲୋକ ଆହତ ହୋଇଥିବା ମଧ୍ୟ ଖବର ରହିଛି। ଏଥିସହ ବସଷ୍ଟାଣ୍ଡ ବିଲଡିଂ ମଧ୍ୟ ଏପରି ନିର୍ମାଣ ହୋଇଛି ଯେ ବର୍ଷା ଜଳ ବସଷ୍ଟାଣ୍ଡ ପରିସରକୁ ଯାଇ ପାଣି ଜମି ରହୁଛି। ଯାତ୍ରୀ ଏଠାରେ ବିଶ୍ରାମ ନେବା ପାଇଁ କଷ୍ଟକର ହୋଇପଡୁଛି। ତେଣୁ ତୁରନ୍ତ ଏହି ବସଷ୍ଟାଣ୍ଡର ପୁନଃରୁଦ୍ଧାର କରି ସମ୍ମୁଖରେ ଥିବା ଖାଲଖମା ରାସ୍ତା ନିର୍ମାଣ କରିବାକୁ କାଉନ୍‌ସିଲର କୃଷ୍ଣ ବାଘଙ୍କ ସମେତ ବାଲିମେଳା ସହରବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବାଲିମେଳା ଏନଏସି ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ପଚାରିବାରୁ ସେ କହିଥିଲେ ଯେ, କଙ୍କ୍ରିଟ୍ ଭାଙ୍ଗି ରଡ଼ ଦେଖା ଯାଉଥିବା ଓ ଖାଲ ଖମା ସ୍ଥାନ ଗୁଡିକ ତୁରନ୍ତ ମରାମତି କରାଯିବ। ସେଥିପାଇଁ କନିଷ୍ଠ ଯନ୍ତ୍ରୀ କୁମୁଦ୍ରୁନୀ ସେଠୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ବସଷ୍ଟାଣ୍ଡ ନିର୍ମାଣ ନିମନ୍ତେ ଡିପିଆର ପ୍ରସ୍ତୁତ କରି ଉଚ୍ଚ କତୃପକ୍ଷଙ୍କ ନିକଟକୁ ପଠା ଯାଇଛି ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଦୋରା କହିଛନ୍ତି।

## କାନ୍ଥ ଭୁଶୁଡ଼ି ବୃଦ୍ଧାଙ୍କ ମୃତ୍ୟୁ



ବନ୍ଧୁଗାଁ, ୭।୭(ଇମିସ): ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ରାମଜୀପୁଟ ଗାଁରେ କାନ୍ଥ ଭୁଶୁଡ଼ି ପଡିବାରୁ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗାଁ ରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ନିଜ ଜମିରେ ଘର କରି ସେ ପରିବାର ସହିତ ରହି ଆସୁଥିଲେ। ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ତିନ୍ତି ଯାଇ ଥିଲା। ଘରର କାମ କରିବା ପାଇଁ ବୃଦ୍ଧା ରୁକ ମେଲେକା କାନ୍ଥ ପାଖରେ ରହିଥିଲେ। ତେବେ କାନ୍ଥଟି ଭୁଶୁଡ଼ି ପଡ଼ି ବୃଦ୍ଧା ଜଣକ ଚାପି ହୋଇ ରହିଥିଲେ। ବୃଦ୍ଧାଙ୍କୁ ଉଦ୍ଧାର କରିବା ସହିତ ଏକ ଅଟୋ ଗାଡ଼ିରେ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମେଡିକାଲରେ ପହଞ୍ଚିବା ଆଗରୁ ବୃଦ୍ଧା ଙ୍କ ମୃତ୍ୟୁ ହୋଇଯାଇଥିଲା। ସରକାରଙ୍କ ତରଫରୁ ଏହି ପରିବାରକୁ କିଛି ଆର୍ଥିକ ସହାୟତା ରାଶି ଯୋଗାଇ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

ସକାଳ
THE SAKALA
ମଙ୍ଗଳବାର
୮ ଜୁଲାଇ, ୨୦୨୫



**ବି ସିଂହପୁର-ରାଣୀଗଡ଼ ରାସ୍ତା କାର୍ଯ୍ୟରେ ଦୁର୍ନୀତି**

# ପାଣିରେ ପଡ଼ିଲା ୧୭ କୋଟି, ୬ ମାସରେ ଫାଟି ଆଁ

କୋରାପୁଟ,୭।୭(ସମିସ):



ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବିସିଂହପୁର ଠାରୁ ରାଣୀଗଡ଼ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। କାମ ଶେଷ ହେବାର ମାତ୍ର ୬ ମାସ ମଧ୍ୟରେ ପିଚୁ ରାସ୍ତା ଫାଟି ଆଁ କରିଛି। ମେର୍ଦ୍ଧାମାଳ ନିକଟରେ ନିର୍ମାଣ ହଇଥିବା ବକ୍ସ ବ୍ରିଜ ଓ ଗାର୍ଡୱାଲ କଂକ୍ରିଟର ମାନକୁ ନେଇ ପ୍ରଶ୍ନ ଉଠାଇ ଏହାର ଭିଜିଲାନସ୍ ତଦନ୍ତ ଦାବି କରାଯାଇଛି।

ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଜୟପୁର ପୂର୍ତ୍ତ ବିଭାଗ ଦ୍ୱାରା ୧୬ କୋଟି ୬୬ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ରାସ୍ତା କୋରାପୁଟ-ବୋରିଗୁମ୍ମା ରାସ୍ତାର ରାଣୀଗଡ଼ ଛକଠାରୁ ବିସିଂହପୁର ପର୍ଯ୍ୟନ୍ତ ୭ କିଲୋମିଟର ୩୦୦ ମିଟର ରାସ୍ତାର ପ୍ରଶସ୍ତି କରଣ, ବିଭିନ୍ନ ସ୍ଥାନରେ ବକ୍ସବ୍ରିଜ ଓ ରାସ୍ତା ପାଶ୍ୱର୍ରେ ଗାର୍ଡୱାଲ୍ ନିର୍ମାଣ ପାଇଁ ଖର୍ଚ୍ଚ ହୋଇଛି। କିନ୍ତୁ ଠିକା ସଂସ୍ଥା ଦ୍ୱାରା ଆରମ୍ଭରୁ କାର୍ଯ୍ୟର ମାନ ଠିକ୍ ନଥିବାରୁ ଅଞ୍ଚଳବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତାଗିଦ ସତ୍ତ୍ୱେ ଠିକା ସଂସ୍ଥା ନିଜ ମନମାନୀ ଅନୁଯାୟୀ କାମ ସାରି ଦେଇଥିବା ଜଣାପଡ଼ିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର କେତେକ ସ୍ଥାନରୁ ପିଚୁ ଉଠି ଗଲାଣି । କେଉଁଠି ରାସ୍ତା ଫାଟି ଆଁ କଲାଣି ତ ଆଉ କେଉଁଠି ବ୍ରିଜ ଓ ଗାର୍ଡୱାଲ ଭାଙ୍ଗିବାକୁ ବସିଲାଣି। ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ବକ୍ସ ବ୍ରିଜ ଏବଂ ଗାର୍ଡୱାଲ ନିର୍ମାଣରେ ବ୍ୟବହୃତ ବାଲି ନିମ୍ନ ମାନର। ଯେଉଁଥିରେ କାଦୁଆ ଅଂଶ ଅଧିକ ରହିଥିବା ବେଳେ ସିମେଣ୍ଟ ଭାଗ କମ୍ ରହିଛି । ଠିକା ସଂସ୍ଥା ସିମେଣ୍ଟ ଓ ବାଲିର ଭାଗ ମାପ ଠିକ୍ କରି ନଥିବାରୁ ଏ ସମସ୍ୟା ଦେଖା ଦେଇଛି।। ଗାର୍ଡୱାଲର ଅନେକ ସ୍ଥାନରେ ବର୍ତ୍ତମାନ ଠାରୁ ଫାଟ ଦେଖା ଗଲାଣି। ଏହି ସବୁ ବ୍ୟତିକ୍ରମ ଯୋଗୁଁ ରଣସପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଲୋକନାଥ ନାୟକ, ଅନନ୍ତ ନାରାୟଣ ନାୟକ, ବୁଲୁ ପରଜା, ଦେବ ଗୌଡ଼, ସାନୁ ହରିଜନ, ପବିତ୍ର ମହାନନ୍ଦିଆ, ନାଇନା ମାଛୁ, ଡମ୍ବରୁ ହରିଜନ, କମ ପେଣ୍ଟିଆ, ବଳି ମାଛୁ, ଟୁକୁ ପ୍ରଧାନି ଓ ଡମୁ ପେଣ୍ଟିଆ ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ସହ ଭିଜିଲାନସ୍ ତଦନ୍ତ ଦାବିକରିଛନ୍ତି। ଅନ୍ୟ ପକ୍ଷରେ ନିମ୍ନମାନର କାର୍ଯ୍ୟକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ଜୟପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରାଙ୍କୁ ପଚାରିବାରୁ ରାସ୍ତାରେ ନୂଆ ମାଟି ପଡ଼ିଥିବା କାରଣରୁ ଭାରୀ ଯାନ ଚଳାଚଳ ଯୋଗୁଁ ମାଟି ଦବିବା ଦ୍ୱାରା ରାସ୍ତା ଫାଟି ଥିବା କହିଛନ୍ତି। ମରାମତି କାମ ଠିକା ସଂସ୍ଥା ନିଜ ଖର୍ଚ୍ଚରେ କରିବେ ବୋଲି ଜୟପୁର ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ବେହେରା ପ୍ରତିକ୍ରିୟା ଦେଇଛନ୍ତି।

**ଠିକା ସଂସ୍ଥାକୁ କଳା ତାଲିକାଭୁକ୍ତ ଓ ଭିଜିଲାନସ୍ ତଦନ୍ତ ଦାବି**

## ନୂତନ ଟ୍ରେନ୍ ଚଳାଚଳ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର

ଜୟପୁର, ୭ ।୭ (ସମିସ) :

କୋରାପୁଟ ଜିଲ୍ଲା ଜୟପୁର ସତ୍‌ସଙ୍ଗ ବିହାର ପକ୍ଷରୁ ନୂତନ ରେଳ ଚଳାଚଳ ଦାବି ନେଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗତକାଲି କୋରାପୁଟ ଠାରେ ପ୍ରଦାନ କରାଯାଇଛି। ଛତିଶଗଡର ଜଗଦଲପୁର ଠାରୁ ଝାଡଖଣ୍ଡ ରାଜ୍ୟର ବୈଦନାଥଧାନ ଏବଂ ଦେଓଘର ଯାତ୍ରା ପାଇଁ କୌଣସି ସିଧାସଳଖ ଟ୍ରେନ ବ୍ୟବସ୍ଥା ନାହିଁ। ଛତିଶଗଡ ରାଜ୍ୟର ବସ୍ତର ଜିଲ୍ଲା, ଅବିଭକ୍ତ କୋରାପୁଟ ଜିଲ୍ଲା, କଳାହାଣ୍ଡି, ବଲାଙ୍ଗିର, ସମ୍ବଲପୁର ଏବଂ ସୁନ୍ଦରଗଡ ଜିଲ୍ଲାର ବାସିନ୍ଦା ମାନେ ରାଉରକେଲା ଏବଂ ଟାଟା ନଗର ଠାରେ ଦୀର୍ଘ ୫ରୁ ୬ ଘଣ୍ଟା ଟ୍ରେନ ପରିବର୍ତ୍ତନ ପାଇଁ ଅପେକ୍ଷା କରୁଛନ୍ତି। ଏହି ଅଞ୍ଚଳରେ ଠାକୁର ଅନୁକୂଳଚନ୍ଦ୍ର ଏବଂ ବାବାଧାମର ଅନେକ ଭକ୍ତ ରହିଥିବା ଯୋଗୁଁ ସେମାନେ ଉକ୍ତ ଅଞ୍ଚଳକୁ ଯାତ୍ରା ପାଇଁ ଯୋଶଧି ଜଙ୍କସନ ରେଳଷ୍ଟେସନ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ସିଧାସଳଖ ଟ୍ରେନ ନଥିବା ଯୋଗୁଁ ଭକ୍ତ ଓ ଶ୍ରଦ୍ଧାଳୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ତେଣୁ ତୁରନ୍ତ ନୂତନ ଟ୍ରେନ ଚଳାଚଳ ବ୍ୟବସ୍ଥା କରାଗଲେ ସାଧାରଣ ଯାତ୍ରୀଙ୍କ ସମେତ ଭକ୍ତ ଓ ଶ୍ରଦ୍ଧାଳୁ ଉପକୃତ ହୋଇ ପାରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଜୟପୁର ସତ୍‌ସଙ୍ଗ ବିହାରର ମୁଖ୍ୟ ବିନୋଦ ମହାପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

● ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଗସ୍ତ

## କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଶିକ୍ଷା ସ୍ଥିତି ନେଇ ସମୀକ୍ଷା



କୋରାପୁଟ,୭।୭(ସମିସ): ସ୍ଥାନୀୟ ସଦଭାବନା ସଭାଗୃହରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର. ଆୟର କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଶିକ୍ଷା ସ୍ଥିତି ନେଇ ସମୀକ୍ଷା କରିଛନ୍ତି। ଅତିଥି ଅଧ୍ୟାପକ ନିଯୁକ୍ତି,ଏକାଡେମିକ୍ ସହାୟତା କାର୍ଯ୍ୟକ୍ରମ ,ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳାଫଳ ଉପରେ ସମୀକ୍ଷା କରାଯାଇଛି। ଭିତ୍ତିଭୂମି ବିକାଶର ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇଛି କି ନାହିଁ ତାହାର ମଧ୍ୟ ସମୀକ୍ଷା କରାଯାଇଛି। କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଆଞ୍ଚଳିକ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ସମଗ୍ର ଶିକ୍ଷା ଅଭିଯାନର ଗୁଣ।।କ ଶିକ୍ଷା ସଂଯୋଜକ ଚନ୍ଦ୍ରକଳା ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ପ୍ରଧାନ ଶିକ୍ଷକ ମାନେ ଉପସ୍ଥିତ ଥିଲେ।

● ନାଗେଶ୍ୱରୀ ପାହାଡ଼

## ହଟିଲା ଅବରୋଧ, ଖୋଲିଲା ରାସ୍ତା

ନନ୍ଦପୁର,୭।୭ (ସମିସ): ବହୁ ଲୋକ ପ୍ରିୟ ପର୍ଯ୍ୟଟନ ସ୍ଥଳୀ ନାଗେଶ୍ୱରି ପାହାଡ଼ ରାସ୍ତା ଅବରୋଧ ହଟିଛି। ଗତ ତିନି ତଳେ ପୁଣି ପର୍ଯ୍ୟଟନ ସ୍ଥଳୀ ନାଗେଶ୍ୱରି ପାହାଡ ଉପରକୁ ଯିବା ରାସ୍ତା ଉପରେ ପଥର ପକାଇ ଅବରୋଧ କରାଯାଇଥିଲା। ସୋମବାର ଏହି ଘଟଣା ଜିଲ୍ଲାପାଳଙ୍କ ଠାରେ ପହଞ୍ଚିବା ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପାଡୁଆ ପୁଲିସ। ଏହି ଖବର ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର ଆଣିଛି। ସୂଚନା ଅନୁଯାୟୀ, ପୂର୍ବରୁ ଦୀର୍ଘ ତିନି ମାସ ପର୍ଯ୍ୟନ୍ତ ରାସ୍ତା ଅବରୋଧ ରହିଥିବା ବେଳେ ପ୍ରଥମେ କୁହାଗଲା ପାହାଡ ସୁରକ୍ଷା କମିଟି ଦ୍ୱାରା ଆଦାୟ ଟଙ୍କା ଅନିୟମିତତା ପାଇଁ ଫାଟକ ବନ୍ଦ ରହିଛି । ପରେ ପ୍ରଶାସନ ଦ୍ୱାରା ଆଲୋଚନା ପରେ ଜୈବିକ ସୁରକ୍ଷାକୁ ଢ଼ାଲ କରି ଫାଟକ ରହିଥିବା କୁହାଯାଇଥିଲା। ଏକ ମାସ ହେବ ରାସ୍ତା ଅବରୋଧ ହଟିଥିଲା। ଅବରୋଧ ରାସ୍ତା ରାତିରେ ହଟିଥିଲା। ଗତ ତିନି ଦିନ ତଳେ ପଥର ରଖି ରାସ୍ତା ଅବରୋଧ କରାଯାଇଥିଲା। । ପର୍ଯ୍ୟଟକ ମାନେ ନିରାଶ ହୋଇଥିଲେ। ଏହି ଖବର ସମ୍ବାଦପତ୍ରରେ ପ୍ରକାଶିତ ହେବା ସହ ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ ପରେ ପାଡୁଆ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



## ଡ୍ରେନ୍ ନ ଥିବାରୁ ରାସ୍ତାରେ ବର୍ଷା ଜଳ, ଲୋକେ ହନ୍ତସନ୍ତ



ପୋଡ଼ାଗଡ଼,୭।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ଠାରେ ଥିବା ଥାନା ଛକଠାରୁ କଲେଜ, ତହସିଲ, ଅଗ୍ନିଶମ, କୃଷି , ଆର୍‌ଡି ବିଭାଗ , ବନ ବିଭାଗ କାର୍ଯ୍ୟାଳୟ ସହିତ ୫ ପଞ୍ଚାୟତକୁ ସଂଯୋଗ କରୁଥିବା ଏକମାତ୍ର ମୁଖ୍ୟରାସ୍ତାରଅବସ୍ଥାଅତିଶୋଚନୀୟ। ଏହି ରାସ୍ତାକୁ ମରାମତି କରାଯାଉନାହିଁ କି, ରାସ୍ତା ପାଶ୍ୱର୍ରେ ବର୍ଷା ଜଳ ନିଷ୍କାସନ ପାଇଁ, ଡ୍ରେନ ବ୍ୟବସ୍ଥା ହେଉ ନାହିଁ। ଫଳରେ ସ୍ଥାନୀୟ ଲୋକ, ବର୍ଷା ହେଲେ, ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଭିନ୍ନ ସ୍ଥାନର ଅଳିଆ ଆବର୍ଜନା ପାଣି, ରାସ୍ତାରେ ଚାଲୁଛି। ଲୋକେ ନାକେଦମ୍ ହୋଇ ଯାଉଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଯାନବାହନ ଠାରୁ ଆରମ୍ଭ କରି ଯାତାୟତ କରୁଛି। +୨ ଓ + ୩ର କଲେଜ ଛାତ୍ରଛାତ୍ରୀ ମାନେ ଯାତାୟତ କରୁଛନ୍ତି। ଥାନା ଛକଠାରୁ ପ୍ରାୟ ଏକ କିମି ଦୂର କଲେଜ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାଶ୍ୱର୍ରେ ଡ୍ରେନ୍‌ର ବ୍ୟବସ୍ଥା ନ ଥିବା ଯୋଗୁଁ ଅଳ୍ପ ବର୍ଷା ହେବା ମାତ୍ରେ ରାସ୍ତା ଉପରେ ପାଣିର ସୁଅ ଛୁଟୁଛି। ରାସ୍ତା ଖରାପ ହେବାରେ ଲାଗିଛି। ଯାତାୟାତରେ ବାଧା ସୃଷ୍ଟି ହେଉଛି। ସମୟ ସମୟେ ତୋଳିଆ ଘର ଗୁଡିକରେ ପାଣି ପଶିଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଦେଇ ପିଣ୍ଡାପଦର, ଲୁଲ୍ଲା, ନନ୍ଦିଗାଁ, ଏ ମାଲକାନଗିରି, ଓ ପାଇକ ଫୁଲବେଡା ପଞ୍ଚାୟତର ଜନସାଧାରଣ ବିଭିନ୍ନ କାମକୁ ନେଇ ବ୍ଲକକୁ ଆସିଥାନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଡ୍ରେନର ବ୍ୟବସ୍ଥା କରିବା ସହ ପାଣି ନିଷ୍କାସନର ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ



କାଶୀପୁର,୭।୭(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ସଦର ମହକୁମା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ପ୍ରଥମ ସମ୍ପାଦକ ବୃନ୍ଦାବନ ସାହୁ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବିଦ୍ୟାଳୟର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅମୟ କୁମାର ଦାସ ଯୋଗ ଦେଇ ଶିକ୍ଷା ହିଁ ସଫଳତାର ଚାବିକାଠି ହୋଇଥିବାରୁ ଛାତ୍ରଛାତ୍ରୀ ମାନଙ୍କର ସାମଗ୍ରିକ ବିକାଶ ପାଇଁ ମାନସିକ, ଶାରିରୀକ ଓ ଆଧାକିକ ଶିକ୍ଷା ଦିଆଯିବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ ଓ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା, କର୍ମଚାରୀଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସହାୟତା କରିଥିଲେ। ଶେଷରେ ଗୁରୁମା ସୁନୀତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସେମିଳିଗୁଡା ମହାବିଦ୍ୟାଳୟରେ ବନ ମହୋତ୍ସବ



ସେମିଳିଗୁଡା, ୭।୭ (ସମିସ): ଜୁଲାଇ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ବନମହୋତ୍ସବ ଦିବସର ଶେଷ ଦିନରେ କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡଃ. ଝାନ୍ସୀ ସିଂଙ୍କ ନେତୃତ୍ୱରେ ବନ ମହୋତ୍ସବ ପାଳନ କରାଯାଇଛି। ଯୁବ ରେଡକ୍ରସର ପ୍ରତିଷ୍ଠାତା ଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିରେ ସେମିଳିଗୁଡା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନୀଳାଚଳ ଆଚାର୍ଯ୍ୟ ଯୋଗଦେଇ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କ ମାନଙ୍କ ସହ ମିଶି ବୃକ୍ଷରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ କାଉନସିଲର ଶିବାଶିଷ ପଟ୍ଟନାୟକ ପରିଚାଳନା କରିଥିଲାବେଳେ ରେଡକ୍ରସ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ଯୋଗ ଦେଇ ଶହେ ଚାରାରୋପଣ କରି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି। ଆଗାମୀ ଦିନରେ ୫ଶହରୁ ଅଧିକ ଚାରା ରୋପଣ ରେଡକ୍ରସ ସ୍ୱୋଚ୍ଛାସେବୀ କରିବେ ବୋଲି କାଉନ୍‌ସିଲର ପ୍ରତିଶୃତି ଦେଇଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବନ ମହୋତ୍ସବ

ଜୟପୁର, ୭ ।୭ (ସମିସ) :



ଜୟପୁର ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ସୋମବାର ବନମହୋତ୍ସବ ସପ୍ତାହ ପାଳନ ଅନୁଷ୍ଠିତ ହୋଇଥିଲା। ସମବାୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷରୋପଣ ବିଦ୍ୟାଳୟ ପ୍ରାଙ୍ଗଣରେ କରାଯାଇଥିଲା। ଏଥିରେ ଅଁଳା, ବାହାଡା, ଅର୍ଜୁନ ଔଷଧିୟ ବୃକ୍ଷ ସହ ଅନ୍ୟାନ୍ୟ ବୃକ୍ଷରୋପଣ କରାଯାଇଥିଲା ଏବଂ ଏହାର ଯତ୍ନନେବା ପାଇଁ ସଂକଳ୍ପ ପାଠ କରାଯାଇଥିଲା। ଏଥିରେ ସମବାୟ ବିଭାଗର ଉପନିବନ୍ଧକ ଭୀମସେନ୍ ସାହୁ, ସହକାରୀ ନିବନ୍ଧକ ରଞ୍ଜନ କୁମାର ସାହୁ, ଉପସହକାରୀ ନିବନ୍ଧକ ଶିଶିରକାନ୍ତ ଦାଶ, ଶିକ୍ଷା ବିଭାଗର ସିଆର୍‌ସିଏସ ବିଜୟଲକ୍ଷ୍ମୀ ସ୍ୱାଇଁ ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନଙ୍କ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟ୍ ଓ ଗାଇଡ୍ ଶିଶୁ, ସ୍କାଉଟ୍ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଏବଂ ବିଦ୍ୟାଳୟର ଅନ୍ୟାନ୍ୟ ଗୁରୁଜୀ ଗୁରୁମାମାନେ ଅଂଶ ଗ୍ରହଣ କରିଥିଲେ।

## ରାଜସ୍ୱ ଅମଲା ସଂଘର କଳାବ୍ୟାଜ୍ ପରିଧାନ



ବୈପାରୀଗୁଡ଼ା,୭।୭(ସମିସ): ଓଡିଶା ରାଜସ୍ୱ ଅମଲା ସଙ୍ଘ ପକ୍ଷରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଆରମ୍ଭ କରାଯାଇଛି। ଆଗକୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛି ସଂଘ । ସୋମବାର ବୈପାରୀଗୁଡା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ରାଜସ୍ୱ ଅମଲା ସଙ୍ଘ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ଦଶ ଦଫା ଦାବୀ ନେଇ ପ୍ରତିବାଦ କରାଯାଉଥିବା ବେଳେ ଆଜି ପୁଣି କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରାଯାଇଛି। ଦାବି ଗୁଡିକ ପୂରଣ କରିବାରେ ରାଜ୍ୟ ସରକାର ଟାଳଟୁଳ ନିତି ଏବଂ ଅହେତୁକ ବିଳମ୍ବ ହେତୁ ସମସ୍ତ ରାଜସ୍ୱ ଅମଲାମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏଣୁ ଜୁଲାଇ ୭ରୁ ଜୁଲାଇ ୧୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରି ପ୍ରତିବାଦ କରିବେ। ଆଗାମୀ ୧୪ ଜୁଲାଇରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ ହେବ ବୋଲି ଚେତାନନୀ ଦେଇଛନ୍ତି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଚାରାରୋପଣ

ରାୟଗଡ଼ା,୭।୭(ସମିସ): ରାୟଗଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକର ସଚିବ ସୁବ୍ରତ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ସୋମବାର ଜିସିଡି ହାଇସ୍କୁଲ ପରିସରରେ ଚାରାରୋପଣ କରାଯିବା ସହିତ ଜୁଭେନାଇଲ ଜଷ୍ଟିସ ଆକ୍ଟ ଏବଂ ରାଇଟ୍ ଟୁ କମ୍ପଲସରି ଏଜୁକେଶନ ଆକ୍ଟ ଉପରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ମାନଙ୍କ ମଧ୍ୟରେ ରାୟଗଡା ବାର ଆସୋସିଏସନର ଆଇନଜୀବୀ ଦେବରାଜ ନାୟକ, ଭାରତୀ ତ୍ରିପାଠୀ, ଜିସିଡି ହାଇସ୍କୁଲ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ନିଜର ବକ୍ତବ୍ୟ ରଖିଥିଲେ। ଦୁଇ ଆଇନର ଉଦ୍ଦେଶ୍ୟ, ଆଭିମୁଖ୍ୟ, ନ୍ୟାୟିକ ବ୍ୟବସ୍ଥା ଓ ସେମାନଙ୍କ ପାଇଁ ଆଇନରେ ଉଦ୍ଦିଷ୍ଟ ଥିବା ବିଭିନ୍ନ ଧାରା ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ନାଲ୍‌ସାର ବିଭିନ୍ନ ଯୋଜନା ଉପରେ ଉପସ୍ଥିତ ଥିବା ଅଂଶଗ୍ରହଣକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ଶେଷରେ ସଚିବ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି।



## 'ମା'ପାଇଁ ଗଛଟିଏ' କାର୍ଯ୍ୟକ୍ରମ



ଚନ୍ଦ୍ରପୁର,୭।୭(ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟ ପରିସରରେ ଡ଼ାଙ୍ଗସରଡ଼ା ବନପାଳ ସୁଜାତା ସୁନାମୁଦିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତରେ ଆଜି ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କର୍ଯ୍ୟକ୍ରମରେ ଜନଜାତି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା। ବନପାଳ ଶ୍ରୀମତୀ ସୁନାମୁଦି କହିଲେ ମନୁଷ୍ୟ ବଞ୍ଚି ରହିବା ପାଇଁ ବୃକ୍ଷର ଆବଶ୍ୟତା ରହିଛି। ବଞ୍ଚି ରହିବାକୁ ହେଲେ ଜୀବନ, ଜୀବିକା ପାଇଁ ବୃକ୍ଷଜରୁରୀ ବୋଲି ସୂଚାଇ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରତ କୁସୁଲିଆ, ଶିକ୍ଷକ ରବୀନ୍ଦ୍ର କୁମାର ବିହାରି, ଦୁର୍ଗା ପ୍ରାସାଦ ନାୟକ, ସଞ୍ଜୟ ବେହେରା, ସନାଲି ଦୋରାଙ୍କ ସହ ବିଟ ବନରକ୍ଷୀ କସ୍ତୁରୀ ପ୍ରହରାଜ, କୁନି କୁଶୁଲିଆ, ବିଶ୍ୱଜିତ ମହାରଣା ଓ ପାରା କର୍ମଚାରୀ ରମାକାନ୍ତ ଦାଶଙ୍କ ସହିତ ପାରା କର୍ମଚାରୀ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ଉଜୁଡ଼ିଲା ଫୁଲକୋବି



କୋରାପୁଟ,୭।୭(ସମିସ): ସପ୍ତାହେ ହେଲା କୋରାପୁଟରେ ଲାଗି ରହିଛି ଝିପଝିପ ବର୍ଷା। ଲଗାଣ ବର୍ଷାରେ ସାରା ଜିଲ୍ଲାରେ ବେହାଲ ପରିସ୍ଥିତି ହୋଇଥିବା ବେଳେ ନଦୀ, ନାଳ ଓ ଜଳଭଣ୍ଡାର ଗୁଡିକର ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ତଳିଆ ଅଞ୍ଚଳରେ ଲଗାଣ ବର୍ଷା ଫଳରେ ଅନେକ ସ୍ଥାନରେ ରାସ୍ତା ଘାଟ ମଧ୍ୟ ଧୋଇଯିବା ସହିତ ଖାଲୁଆ ଅଞ୍ଚଳରେ ପାଣି ଜମି ରହିଛି। କୋଲାବ ଜଳଭଣ୍ଡାର ନିକଟସ୍ଥ କୋରାପୁଟବ୍ଲକ ଅନ୍ତର୍ଗତ ଡୁମୁରିଗୁଡା ଗାଁରେ ଲଗାଣ ବର୍ଷା ଚାଷୀଙ୍କ ଫୁଲକୋବି ଚାଷ ଉପରେ ପ୍ରଭାବ ପକାଇଛି। ଉତ୍ପାଦନ ବେଳକୁ ବର୍ଷା ଏକରକମ ଦାଉ ସାଧିଥିବା ବେଳେ ଜଳଭଣ୍ଡାରର ଜଳସ୍ତର ବଢି ପନିପରିବା ଚାଷ ଜମି ଉପରକୁ ପାଣି ମାଡି ଆସିଛି। ବାଧ୍ୟ ହୋଇ ଚାଷୀ ଛୋଟ ଛୋଟ ଫୁଲକୋବି ହେବା ବେଳକୁ ମୂଳ ସହ କାଢି ଆଣି ସାପ୍ତାହିକ ହାଟରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଫୁଲକୋବିକୁ ବଢିବା ପାଇଁ ଆହୁରି ସମୟ ଥିଲା। ଆକାର ବଢିଥାନ୍ତା ଓ ସ୍ୱାଦ ମଧ୍ୟ ଲାଗିଥାନ୍ତା। ହେଲେ ନିରୁପାୟ ହୋଇ ଉପର ବର୍ଷା ଓ ଜଳଭଣ୍ଡାରର ପାଣି ମାଡି ଆସିବା ଯୋଗୁଁ ଅତି ଛୋଟ କୋବିକୁ ବିକ୍ରି କରିବାକୁ ବାଧ୍ୟ ହୋଇଥିବା ଚାଷୀ ମାନେ କହିଛନ୍ତି। ଡୁମୁରିଗୁଡାର ମଦନ ମାଳିଙ୍କ କହିବା ଅନୁଯାୟୀ, ଏଥର ୩୦ରୁ ଅଧିକ ପରିବାର ଜମି ପ୍ରସ୍ତୁତ କରି ପ୍ରତିବର୍ଷ ପରି ପନିପରିବା ଚାଷ ସହ ପର୍ଯ୍ୟାପ୍ତ ଭାବେ ଫୁଲକୋବି ଲଗାଇଥିଲେ। କିନ୍ତୁ ବଢିଲା ଜଳଭଣ୍ଡାରର ଜଳ ପାଇଁ ଛୋଟ ହେଲେ ବି କୋବି ନ କାଢିଲେ ଧୋଇ ନେବ ବୋଲି ସବୁ ତୋଳି ଆଣିଲୁ ବୋଲି ସେ କହିଛନ୍ତି। ମହିଳା ଚାଷୀ ଦଇମତି ମାଳି କହିଛନ୍ତି, କୋବି ସହ ନାଡ ମିଶାଇ ୨୦ ଟଙ୍କାରେ ମଧ୍ୟ ଲୋକେ ନେବାକୁ ମଙ୍ଗୁ ନାହାଁନ୍ତି। ଯାହା ଖର୍ଚ୍ଚ ହୋଇଥିଲା ଅଧା ମଧ୍ୟ ବାହାରିଲା ନାହିଁ ବୋଲି ସେ କହିଛନ୍ତି। ଜିଲ୍ଲାରେ ମୌସୁମୀ ବର୍ଷା ଜାରି ରହିଛି। ଆଗକୁ କୋରାପୁଟ ବ୍ଲକ ସମେତ ଜିଲ୍ଲାର ଅନ୍ୟାନ୍ୟ ବ୍ଲକରେ ପନିପରିବା ଚାଷୀଙ୍କ ପାଇଁ ଲଗାଣ ବର୍ଷା ଦୁଃଖ ଦେଇପାରେ ବୋଲି ଆଶଙ୍କା କରାଯାଉଛି।

# ସମ୍ପାଦକୀୟ



ନିର୍ବାଚନୀ ଯୁଦ୍ଧର ମୂଳରେ ଥାଏ ପ୍ରତାରଣା ।
-ସୁନ ଜୁ

ସକାଳ THE SAKALA

## ତୁର୍କୀ ବିରୋଧୀ କୂଟନୀତି

ଛୋଟ ସଫଳତା ହେଲେ ମଧ୍ୟ ଅନୁଭବ ବଡ଼ । 'ଅପରେସନ ସିନ୍ଦୂର' ପ୍ରେକ୍ଷାପଟରେ ତୁର୍କୀ ଓ ଆଜରବାଇଜାନ୍ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ବିଶେଷକରି ତୁର୍କୀର ସାମରିକ ସାହାଯ୍ୟ ପ୍ରଦାନ ଭାରତର କୂଟନୈତିକ ବିଫଳତାକୁ ଇଙ୍ଗିତ କରୁଥିଲା । ଯୁଦ୍ଧ ବିରାମ ପରେ ଭାରତ ଏହି ଦୁଇ ରାଷ୍ଟ୍ର ବିରୋଧରେ ବାଣିଜ୍ୟିକ ଓ କୂଟନୈତିକ ସ୍ତରରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏଥିମଧ୍ୟରେ ଭାରତ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପରେ ନିଜର ସ୍ଥିତି ଜାହିର କରିଛି । ଗ୍ରୀସ, ସାଇପ୍ରସ୍ ଓ ଆର୍ମେନିଆ ସହ ଭାରତର ନିବିଡ଼ ସଂପର୍କକୁ 'ମିନିକ୍ୱାଡ୍' ର ରୂପରେଖ ଦେଇଛନ୍ତି ପର୍ଯ୍ୟବେକ୍ଷକ ମହଲ । କେବଳ ରଣନୀତିକ ସହାୟତା ନୁହେଁ, ସାମରିକ ଅସ୍ତ୍ରଶସ୍ତ୍ର ଯୋଗାଇବାର ପ୍ରତିଶ୍ରୁତି ମଧ୍ୟ ଦେଇଛି ଭାରତ । ତୁର୍କୀର ବଡ଼ଭାଇପଣିଆ ବିରୋଧରେ ରୋକ୍ ଲଗାଇବାରେ ଏହି ସଂପର୍କ ସହାୟକ ହେବ ।

ତୁର୍କୀ ଓ ଆଜରବାଇଜନ୍ ସହ ଏକାଧିକ ବିବାଦରେ ଜଡ଼ିତ ଥିବା ଆର୍ମେନିଆ, ସାଇପ୍ରସ୍ ଓ ଗ୍ରୀସ୍ ପରସ୍ପର ମଧ୍ୟରେ ସହଯୋଗ ଓ ସାମରିକ ବୁଝାମଣା ମାଧ୍ୟମରେ ପ୍ରତିକୂଳ ପରିସ୍ଥିତିର ମିଳିତ ମୁକାବିଲା ସକାଶେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇଥିବା ବେଳେ ଭାରତର କୂଟନୈତିକ ସଂପର୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିଛି । 'ଅପରେସନ ସିନ୍ଦୂର'ରେ ଭାରତ ତାହାର ସାମରିକ ପାରଦର୍ଶିତା ପ୍ରଦର୍ଶନ କରିଥିବାରୁ ତୁର୍କୀ ସହ ମୁକାବିଲା ପାଇଁ ଏହି ସଂପର୍କର ଭିତ୍ତିଭୂମି ଅଧିକ ସଫଳ ହୋଇଛି । ବ୍ରହ୍ମୋସ କ୍ଷେପଣାସ୍ତ୍ର ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ବେପାରର ସୁଯୋଗ ସଂପ୍ରସାରିତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ କି ଇରାନ ଉପରେ ଇସ୍ରାଏଲର ଆକ୍ରମଣ ବେଳେ ତେହେରାନରେ ଅବସ୍ଥାନ କରୁଥିବା ଭାରତୀୟ ଛାତ୍ରଙ୍କୁ ନିରାପଦରେ ଫେରାଇ ଆଣିବା ଏତେ ସହଜ ନଥିଲା । ଏ କ୍ଷେତ୍ରରେ ଆର୍ମେନିଆ ସହଯୋଗରୁ ଦ୍ୱିପାକ୍ଷିକ ସଂପର୍କର ପ୍ରତିଶ୍ରୁତିବଦ୍ଧତା ସ୍ପଷ୍ଟ ହୋଇଛି । ଇରାନ୍‌ର ନୁରଦୁଜ୍ ଆଗାରାକ୍ ସୀମା ନିକଟରୁ ୧୧୦ ଜଣ ଭାରତୀୟ ଛାତ୍ରଙ୍କୁ ଉଦ୍ଧାର କରି ଆର୍ମେନିଆ ସ୍ୱତନ୍ତ୍ର ବିମାନ ଯୋଗେ ନୂଆଦିଲ୍ଲୀ ପଠାଇ ପାରିସ୍ପରିକ ଆସ୍ଥା ଓ ବିଶ୍ୱାସକୁ ସୁଦୃଢ଼ କରିଛି ।

ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଏସିଆ ଓ ପୂର୍ବ ୟୁରୋପ ଗସ୍ତରେ ଯାଇଥିଲେ । ତୁର୍କୀ ବିରୋଧୀ ରାଷ୍ଟ୍ରଙ୍କ ସହ ସୁସଂପର୍କ ପ୍ରତିଷ୍ଠା କରି ଆଞ୍ଚଳିକ ସ୍ତରରେ ସେମାନଙ୍କୁ ସାମରିକ ଦୃଷ୍ଟିରୁ ସମୃଦ୍ଧ ଓ ସମର୍ଥ କରିବା ସକାଶେ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଉତ୍ତର ସାଇପ୍ରସ୍‌ର ଯେଉଁ ଅଞ୍ଚଳ ତୁର୍କୀର ନିୟନ୍ତ୍ରଣରେ ଅଛି ତାହା ପରିଦର୍ଶନ କରି ମୋଦୀ ପରିସ୍ଥିତିର ଗମ୍ଭୀରତାକୁ ଅନୁଶୀଳନ କରିଛନ୍ତି । ସାଇପ୍ରସ୍‌ର ଆଞ୍ଚଳିକ ସଂହତି ଓ ସାର୍ବଭୌମିତା ପ୍ରତି ଭାରତର ଅତୁଟ ସମର୍ଥନକୁ ସେ ଆଲୋଚନା ପ୍ରସଙ୍ଗରେ ଦୋହରାଇଥିଲେ । ଦ୍ୱିପାକ୍ଷିକ ସାମରିକ ସହଯୋଗର ସୂଚନା ଦେଇ ପ୍ରଧାନମନ୍ତ୍ରୀ ତୁର୍କୀକୁ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି । ସାଇପ୍ରସ୍ ସହ ଭାରତର ପ୍ରତିରକ୍ଷା ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ବେପାର ଆଗକୁ ବଢ଼ିବାର ସୂଚନା ମିଳିଛି । ଏମିତିରେ ଗ୍ରୀସ ସହ ଭାରତର ସଂପର୍କ ଆଜିର ନୁହେଁ ବହୁଦିନର । ୨୦୨୩ ରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତବେଳେ ସେହି ସଂପର୍କ ଅଧିକ ସୁଦୃଢ଼ ହୋଇଛି । ଏଥେନ୍ସରେ ସେ ଘୋଷଣା କରିଥିଲେ ଯେ ଭାରତ ପାଇଁ ଗ୍ରୀସ ୟୁରୋପର ପ୍ରବେଶ ଦ୍ୱାର । ପ୍ରତିରକ୍ଷା କ୍ଷେତ୍ରରେ ଗ୍ରୀସ ସହ ଭାରତର ସଂପର୍କ ଓ ସହଯୋଗ ପୂର୍ବ ଭଳି ଏବେ ବଳବତ୍ତର ରହିଛି । ପାକିସ୍ତାନ ଓ ତୁର୍କୀ ସଂପର୍କ ନେଇ ଭାରତ ଓ ଗ୍ରୀସ ଉଦ୍‌ବେଗ ପ୍ରକାଶ କରିବା ସହ ପାରସ୍ପରିକ ବୁଝାମଣା ଓ ସହଯୋଗ ସକାଶେ ସହମତି ପ୍ରକାଶ କରିଛନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ସହଭାଗିତା ସୁଦୃଢ଼ ହୋଇଛି । ଏପରକି ଭାରତୀୟ ନୌବାହିନୀର ଯୁଦ୍ଧଜାହାଜ ଭୂମଧ୍ୟ ସାଗରରେ ବିଚରଣ କରୁଥିବା ବେଳେ ଗ୍ରୀସ ଉପକୂଳରେ ସାମୟିକ ଅବସ୍ଥାନ କରିଥାଏ । ଏହାକୁ ଦ୍ୱିପାକ୍ଷିକ ସଂପର୍କର ନିଦର୍ଶନ କୁହାଯାଇପାରେ ।

ଆର୍ମେନିଆ, ଗ୍ରୀସ ଓ ସାଇପ୍ରସ ମଧ୍ୟରେ ୨୦୨୧ ଅଗଷ୍ଟ ୩୧ ରେ ସାମରିକ ସହଯୋଗ ସକାଶେ ତ୍ରିପାକ୍ଷିକ ରାଜିନାମା ସ୍ୱାକ୍ଷରିତ ହୋଇଛି । ଏମାନେ ମିଳିତ ପ୍ରତିରକ୍ଷା ରଣକୌଶଳ ପ୍ରଦର୍ଶନ କରିବା ସହ ନିଜ ନିଜ ମଧ୍ୟରେ ସାମରିକ ଜ୍ଞାନକୌଶଳ ବିନିମୟ କରିଥା'ନ୍ତି । ତୁର୍କୀ ଓ ଆଜରବାଇଜାନ ବିରୋଧରେ ଏହି ସାମରିକ ମେଣ୍ଟକୁ ଭାରତ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛି । ତେଣୁ ଏହାକୁ ଚତୁଃରାଷ୍ଟ୍ରୀୟ ମିନିକ୍ୱାଡ୍ ମାନ୍ୟତା ଦିଆଯାଇଛି । ଡ୍ରୋନ ଜ୍ଞାନକୌଶଳରେ ନିପୁଣତାର ସୁଯୋଗ ଦୃଷ୍ଟିରୁ ପାକିସ୍ତାନ ତୁର୍କୀଠାରୁ ସଂଗ୍ରହ କରିଥିବା ଡ୍ରୋନ ଭାରତ ବିରୋଧରେ ଉପଯୋଗ କରିଥିଲା । ତେବେ ଆମର ବାୟୁ ପ୍ରତିରକ୍ଷା ପ୍ରଣାଳୀ ମାଧ୍ୟମରେ ଡ୍ରୋନ ଆକ୍ରମଣକୁ କେବଳ ପ୍ରତିହତ କରାଯାଇନି ପାକିସ୍ତାନକୁ ମଧ୍ୟ ଉଚିତ ଜବାବ ଦିଆଯାଇଛି । ଏକ୍ଷେତ୍ରରେ ଚୀନର ସାମରିକ ଜ୍ଞାନକୌଶଳ ମଧ୍ୟ ପଛରେ ପଡ଼ିଯାଇଛି ।

ଚୀନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅତ୍ୟାଧୁନିକ ଜେଟ ଓ କ୍ଷେପଣାସ୍ତ୍ର ପାକିସ୍ତାନ ଭାରତ ବିରୋଧରେ ପ୍ରୟୋଗ କରିଥିଲେ ମଧ୍ୟ ଆକାଂକ୍ଷିତ ସଫଳତା ହାସଲ କରିପାରିନାହିଁ । ଏହା କେବଳ ଭାରତୀୟ ବିଶେଷଜ୍ଞଙ୍କ ଦାବି ନୁହେଁ ପାକିସ୍ତାନ ମନ୍ତ୍ରୀ ମୋହସିନ୍ ନକ୍‌ଭି ମଧ୍ୟ ଆଲୋଚନା ପ୍ରସଙ୍ଗରେ ସ୍ୱୀକାର କରିଛନ୍ତି । ସେ ଦୃଷ୍ଟିରୁ ଆମେରିକାର ସମର୍ଥନ ଲୋଡ଼ିଛି ପାକିସ୍ତାନ । ସାମରିକ ମୁଖ୍ୟ ମୁନୀରଙ୍କ ଆମେରିକା ଗସ୍ତ ପରେ ବାୟୁସେନାର ମୁଖ୍ୟ ଏୟାର ମାର୍ଶାଲ୍ ବାବର ଆମେରିକାରୁ କେଉଁ ଯୁଦ୍ଧ ବିମାନ ସଂଗ୍ରହ କରାଯିବ ସେ ନେଇ କଥାବାର୍ତ୍ତା ସକାଶେ ପେଣ୍ଟାଗନ ଗସ୍ତରେ ଅଛନ୍ତି । ଯୁଦ୍ଧ ବିରାମକୁ ନେଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଭୂମିକା ବିବାଦୀୟ ହୋଇଥିଲେ ମଧ୍ୟ ପାକିସ୍ତାନ ସହ ଅସ୍ତ୍ରଶସ୍ତ୍ର ବେପାର ପାଇଁ ଏହା ତାଙ୍କର ସୁଚିନ୍ତିତ କୂଟନୈତିକ ଚାଲବାଜି କୁହାଯାଇପାରେ । କୂଟନୀତିରେ ଯଦି ବୈପାରିକ ସଂପର୍କ ଯୋଡ଼ି ହୋଇଯାଏ ତାହା ଯେଉଁ ବିଭ୍ରାନ୍ତି ଓ ବିଭ୍ରାଟ ସୃଷ୍ଟି କରେ ଏହି ଯୁଦ୍ଧ ବିରାମ ତାହାର ଏକ ନିଦର୍ଶନ ।

## ଆନ୍ତରିକତା ରହିତ ଆମ ଶିକ୍ଷା ବ୍ୟବସ୍ଥା

ଅର୍ଜୁନ ଘଡ଼େଇ

ଯା'ବିଦ୍ୟା ସା ବିମୁକ୍ତୟେ' ପରି ମହତ୍ତ୍ୱପୂର୍ଣ୍ଣ ବାଣୀ ମଣିଷର ଶିକ୍ଷା ଲାଭ ପାଇଁ ମାନସିକତା ସୃଷ୍ଟି କରିଥାଏ । ପୁରାଣ ଯୁଗର ଗୁରୁକୁଳ ଆଶ୍ରମଠାରୁ ଅଦ୍ୟାବଧି ଶିକ୍ଷାର୍ଥୀମାନଙ୍କୁ ଉଚିତ ଶିକ୍ଷାଦାନ କରି ତାଙ୍କର ସୁସ୍ଥ, ସୁନ୍ଦର ଓ ନିରାମୟ ଜୀବନ ଗଠନରେ ବିଭିନ୍ନ ସମୟର ଆବଶ୍ୟକତା ନେଇ ବିବିଧ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରାଯାଇଛି । ସମୟାନୁସାରେ ଏହି ବ୍ୟବସ୍ଥା ମଧ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ପରିବର୍ତ୍ତନ ବି ଘଟିଛି । ଛାତ୍ରଛାତ୍ରୀଙ୍କ ସାମଗ୍ରିକ ବିକାଶରେ ଏହା ସହାୟକ ହୋଇପାରିଛି କି ନାହିଁ ତାହା ଏକ ବିତର୍କିତ ପ୍ରଶ୍ନ । ସମୟର ଆହ୍ୱାନ, ବିସ୍ତୃତ ଜ୍ଞାନର ଅନୁପ୍ରବେଶ, ବୈଷୟିକ ଜ୍ଞାନ, ବିଜ୍ଞାନର ଅଭିବୃଦ୍ଧି, ସର୍ବୋପରି ଛାତ୍ରାଛାତ୍ରୀଙ୍କ ମାନସିକ ଚିନ୍ତାଧାରାକୁ ସୀମିତ ପରିଧିରେ ନରଖି ବିଶ୍ୱଚିନ୍ତାଭିମୁଖୀ କରିବା ପାଇଁ ବିଭିନ୍ନ ସମୟରେ ଯେଉଁ ଚିନ୍ତାଧାରାରେ ସରକାର ଶିକ୍ଷାବ୍ୟବସ୍ଥାକୁ ଯେପରି ନିୟନ୍ତ୍ରଣ କରିବାକୁ ଚାହିଁଛନ୍ତି ତାକୁ କାର୍ଯ୍ୟକାରୀ କରିବାକୁ ପ୍ରଚେଷ୍ଟା କରିଛନ୍ତି । ସାଧାରଣ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକ ଏହାକୁ ସାଦରେ ଗ୍ରହଣ କରିନେବାକୁ ବାଧ୍ୟ ହୋଇଛନ୍ତି ।

ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ, ବିଶେଷକରି ପ୍ରାଥମିକଠାରୁ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ, ଆମ ଉପରେ ଯେଉଁ ଶିକ୍ଷା ବ୍ୟବସ୍ଥା ଲଦି ଦିଆଯାଇଛି, ସେଥିରୁ ମନେହୁଏ ଏବେ ବି ଶିକ୍ଷାକୁ 'ସାର୍ବଜନୀନ' କରାଯାଇପାରିନାହିଁ । ସବୁ ପିଲାଙ୍କୁ ଶିକ୍ଷାୟତନକୁ ଅଣାଯାଇପାରିନି । ପ୍ରାଥମିକଠାରୁ ମାଧ୍ୟମିକ ଶିକ୍ଷାରେ 'ଡ୍ରପ୍ ଆଉଟ୍' ସଂଖ୍ୟା କମିନି । ଉଚ୍ଚଶିକ୍ଷାରେ ନାମଲେଖା ସିଟ୍ ଖାଲି ପଡୁଛି । ବୈଷୟିକ ଶିକ୍ଷାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ କମୁଛି । ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା, ତର୍କ, ବ୍ୟବସ୍ଥା ଚାଲୁଛି । ତଥାପି ସମସ୍ୟାର ସମାଧାନ ହେଉନାହିଁ । ଏଭଳି ପରିସ୍ଥିତିରେ ଶିକ୍ଷକର ଶିକ୍ଷାଦାନ ପ୍ରତି ଆନ୍ତରିକତାର ଅଭାବ ସହିତ ଶିକ୍ଷାର୍ଥୀଙ୍କର ବିଦ୍ୟାଳୟକୁ ଆସି ଶିକ୍ଷାଗ୍ରହଣ କରିବାର ମାନସିକତା ଓ ଆଗ୍ରହ ହ୍ରାସ ପାଉଛି । ବିଶେଷ କରି ସରକାରୀ ବିଦ୍ୟାଳୟରେ ଏହାର ପ୍ରଭାବ ବେଶୀ ଅନୁଭୂତ ହେଉଛି । ଉପଯୁକ୍ତ ଶିକ୍ଷା ମିଳୁଥିଲେ କୋଚିଙ୍ଗ୍ ସେଣ୍ଟର ମୁହାଁ ପିଲାମାନେ ହୁଅନ୍ତି କାହିଁକି?

ନିଜର ସଂଚିତ ଜ୍ଞାନକୁ କଳା, କୌଶଳ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଆନ୍ତରିକ ଓ ସମର୍ପିତ ଭାବେ ଉପସ୍ଥାପନ କଲେ ଶିକ୍ଷାଦାନ ସଫଳ ହୁଏ । ଶିକ୍ଷାର୍ଥୀଟିଏ ଶିକ୍ଷକର ଶିକ୍ଷାଦାନକୁ ସହଜରେ, ସନ୍ଦେହମୁକ୍ତ ଭାବେ ବୁଝିପାରିଲେ ଶିକ୍ଷା ଗ୍ରହଣ ସାର୍ଥକ ହୁଏ । ଏକଥା ଅତୀତର ଶିକ୍ଷକମାନେ ଭଲ ଭାବରେ ଜାଣିଥିଲେ । ସେମାନଙ୍କର ଅତ୍ୟଧିକ ଶିକ୍ଷାଗତ ଯୋଗ୍ୟତା ନଥିଲା । ସ୍ୱଳ୍ପ ବେତନପ୍ରାପ୍ତ ସେହି ଶିକ୍ଷକମାନେ ଆର୍ଥିକ ଅଭାବ, ଅନଟନ, ସମସ୍ୟା ଭିତରେ ବି ନିଜ ଛାତ୍ରଛାତ୍ରୀମାନଙ୍କୁ କିପରି ଉଚିତ ଶିକ୍ଷା ଦିଆଯାଇପାରିବ, ସେମାନେ ଚରିତ୍ରବାନ୍, ଶୃଙ୍ଖଳିତ ହେବା ସହ ଭଲ ମଣିଷ ହୋଇ ସମାଜରେ ମୁଣ୍ଡଟେକି ଛିଡ଼ା ହେବେ, ସେଥିପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ । ଫଳରେ ସେ ସମୟର ଛାତ୍ରସମାଜ ଏତେ ବିଶୃଙ୍ଖଳିତ ନଥିଲେ । ଆଜିର ଶିକ୍ଷକମାନେ ଅତି ଉଚ୍ଚଶିକ୍ଷିତ । କିନ୍ତୁ ସେମାନଙ୍କ ଭିତରେ ଶିକ୍ଷାଦାନ ପାଇଁ ବୋଧହୁଏ ସମର୍ପିତ ଭାବନା ନାହିଁ କିମ୍ବା ବିବିଧ ସମସ୍ୟାରେ ଜର୍ଜରିତ ହୋଇ ନିଜର କର୍ତ୍ତବ୍ୟବୋଧ ହରାଇଛନ୍ତି । ଅତୀତର ଶିକ୍ଷକମାନେ ଶିକ୍ଷା ନୀତି, ଶିକ୍ଷାବ୍ୟବସ୍ଥା, ସରକାରୀ ନିର୍ଦ୍ଦେଶନାମା ଇତ୍ୟାଦି ସଂପର୍କରେ ଅଧିକ ଆଲୋଚନା, ତର୍ଜମା ନକରି ଶ୍ରେଣୀକକ୍ଷରେ ଉତ୍ତମ ଶିକ୍ଷାଦାନ ପାଇଁ ଚିନ୍ତା କରୁଥିଲେ । ଏବେ ଏତେ ସରକାରୀ ନିର୍ଦ୍ଦେଶନାମା ଯେ ତା'ର ଅଧ୍ୟୟନ କରିବା ଓ ଉତ୍ତର ଦେବାରେ ଶିକ୍ଷକମାନଙ୍କର ଓ ବିଦ୍ୟାଳୟ ମୁଖ୍ୟଙ୍କର ଅନେକ ସମୟ ବିନିଯୋଗ ହେଉଛି । ବୋଧହୁଏ ଏଇ ସରକାରୀ କାର୍ଯ୍ୟ କରିବାର ବାଧ୍ୟବାଧକତାରୁ ଶିକ୍ଷକମାନେ ସଂପୂର୍ଣ୍ଣ ସମୟ ଶିକ୍ଷାଦାନ କରିବାରେ ସମର୍ଥ ହେଉ ନାହାନ୍ତି । ଏହା ଆମେ ସମସ୍ତେ ଜାଣୁଛେ, ଅନୁଭବ କରୁଛେ, କିନ୍ତୁ ଏଥିରେ କିଏ ଅଙ୍କୁଶ ଲଗେଇବାକୁ ସମର୍ଥ ହେବ ଏହାହିଁ ପ୍ରଶ୍ନବାଚୀ ।

ସମସ୍ୟା କେବଳ ଶିକ୍ଷାଦାନରେ ନୁହେଁ । ଆମ ଆଗରେ ବିଭିନ୍ନ ଶ୍ରେଣୀର ବିଦ୍ୟାଳୟ ପ୍ରତିଷ୍ଠିତ ହେଇଛି ଓ ହେଉଛି ମଧ୍ୟ । ସରକାରୀ, ବେସରକାରୀ, ଅନୁଦାନ ପ୍ରାପ୍ତ, ଅଣଅନୁଦାନ ପ୍ରାପ୍ତ, ସ୍ୱୀକୃତି ପ୍ରାପ୍ତ, ଅଣସ୍ୱୀକୃତି ପ୍ରାପ୍ତ, ଟ୍ରଷ୍ଟ ବା ସଂଗଠନ ପରିଚାଳିତ ଅନେକ ବିଦ୍ୟାଳୟ ଖୋଲିଛି । ଏଥିରେ ଶିକ୍ଷକ ନିଯୁକ୍ତି, ଦରଦାମରେ ତାରତମ୍ୟ, କ୍ୟାଡର, ଏକ୍ସ କ୍ୟାଡର, ବିଭିନ୍ନ ଶ୍ରେଣୀର ଶିକ୍ଷକ ନିଯୁକ୍ତି ସମସ୍ୟା ଏତେ ଅଧିକ ଯେ ସମସ୍ୟାର ସମାଧାନ ପାଇଁ ଅନେକ ଶିକ୍ଷକ ବିଦ୍ୟାଳୟ ଛାଡ଼ି ରାଜରାସ୍ତାରେ ଦିନ ଦିନ, ମାସ ମାସ ଧରି ଆନ୍ଦୋଳନ କରନ୍ତି କିମ୍ବା କୋର୍ଟ କଚେରିର ଦ୍ୱାରସ୍ଥ ହୋଇ ନ୍ୟାୟ ଭିକ୍ଷା କରନ୍ତି । ସେମାନଙ୍କର ବିଦ୍ୟାଳୟରେ କ୍ରମାଗତ ଅନୁପସ୍ଥିତି କାରଣରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ସୁବିଧା ସତ୍ତ୍ୱେ ସାଧାରଣ ଲୋକଟି ଗାଁର ସରକାରୀ ବିଦ୍ୟାଳୟରେ ନିଜ ପିଲାଟିକୁ ନାମ ଲେଖାଇବା ପରେ ଦେଖୁଛି ଅଧିକାଂଶ ସମୟରେ ତା'ପିଲା ସ୍କୁଲ ବାହାରେ ଖେଳୁଛି କିମ୍ବା ବୁଲୁଛି କିମ୍ବା ଘରେ ରହୁଛି । ତେଣୁ ଏପରି ବିଦ୍ୟାଳୟଟି ପ୍ରତି ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଆଶା, ଭରସା କେମିତି ରହିବ? ସେଥିପାଇଁ ଯେତେ ଅସୁବିଧା ପଛେ ହେଉ ଘରୋଇ ବିଦ୍ୟାଳୟରେ ହିଁ ନାମ ଲେଖାଇବା ପାଇଁ ସେ ଆଗ୍ରହୀ ହେଉଛି । ଏସବୁ ପ୍ରତି କ'ଣ ନୀତି ନିୟମ ପ୍ରଣୟନ କରୁଥିବା ସରକାରୀ ଅଧିକାରୀ କିମ୍ବା ସରକାର ଅବଗତ ନାହାନ୍ତି? ଅବଗତ ଥିଲେ ବି ଶିକ୍ଷାବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଆନ୍ତରିକ ଉଦ୍ୟମ ନାହିଁ ଏହା ସୁନିଶ୍ଚିତ ।

ସେ ଯେଉଁପ୍ରକାର ସ୍କୁଲ ହେଉନା କାହିଁକି, ଏପରି ଏକ ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠାରେ କି ରାଜନୈତିକ ହସ୍ତକ୍ଷେପ ହେଉନାହିଁ । ଶିକ୍ଷକ ନିଯୁକ୍ତିଠାରୁ ବଦଳି ପର୍ଯ୍ୟନ୍ତ ସବୁ ସେମାନଙ୍କ ପ୍ରଭାବରେ ଓ ନିର୍ଦ୍ଦେଶରେ ହୋଇଥାଏ । ଶିକ୍ଷାଧିକାରୀମାନେ ନିରବଦ୍ରଷ୍ଟା ଭାବେ କାର୍ଯ୍ୟ କରନ୍ତି । ଅଯଥାରେ ଶିକ୍ଷକମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରି ସେମାନଙ୍କୁ ମାନସିକ ନିର୍ଯାତନା ଦେଲେ ଶିକ୍ଷକମାନେ ସୁସ୍ଥ ମନରେ ଶିକ୍ଷା ଦେବାକୁ ସମର୍ଥ ହେବେ କିପରି? ଅବଶ୍ୟ ଏମିତି ରାଜନେତା ବି ଥିବେ ବା ଏପରି ଶିକ୍ଷାନୁଷ୍ଠାନ ବି ଥାଇପାରେ, ଯେଉଁଠି ରାଜନୈତିକ ହସ୍ତକ୍ଷେପ ହେଉ ନଥିବ । ଏପରି ବିଦ୍ୟାଳୟ ଆଜିର ସମାଜରେ ବିରଳ ନିଶ୍ଚୟ । ଗାଁର ୱାର୍ଡ ମେମ୍ବର, କାଉନସିଲରଙ୍କଠାରୁ ଆରମ୍ଭ କରି ଉଚ୍ଚସ୍ତରର ରାଜନେତାମାନେ ସେମାନଙ୍କ ବିଦ୍ୟାଳୟରେ ସୁସ୍ଥ ପରିବେଶ ସୃଷ୍ଟି କଲେ ତାଙ୍କ ପିଲାମାନେ ସରକାରୀ ସୁବିଧା ସୁଯୋଗ ପାଇଁ ଭଲ ପଢ଼ନ୍ତେ - ଏକଥା କ'ଣ ଆମେ ଭାବିବା ଉଚିତ ନୁହେଁ? ସରକାରୀ ସ୍କୁଲରେ ଭଲ ପାଠ ପଢ଼ା ହେଉନି ଅର୍ଥ ଶିକ୍ଷକମାନେ ପାଠ ପଢ଼ାଉ ନାହାନ୍ତି କେବଳ ଦରମା ପାଇଁ ଆସୁଛନ୍ତି, ଏପରି ଭାବନା ଆମ ଶିକ୍ଷାବ୍ୟବସ୍ଥା ସହିତ ଜଡ଼ିତ ସମସ୍ତଙ୍କୁ ଆଘାତ ଦେଉଥିବ ନିଶ୍ଚୟ । କିନ୍ତୁ ଏ ସମସ୍ୟାର ସମାଧାନ କିଏ କରିବ? ସବୁସ୍ତରରେ ଆନ୍ତରିକତାର ଅଭାବ ପରିଦୃଷ୍ଟ ।

ଅନୁରୂପ ଭାବେ ଶିକ୍ଷାଧିକାରୀମାନେ ମଧ୍ୟ ଶାସନ ବ୍ୟବସ୍ଥା ଭିତରେ ଶିକ୍ଷାର ମହାନ ଆଦର୍ଶକୁ କାର୍ଯ୍ୟକାରୀ କରିବାରେ ନିଷ୍ଠାପର ମନୋଭାବ ନରଖି କେବଳ ସରକାରୀ ନିର୍ଦ୍ଦେଶନାମାଗୁଡ଼ିକୁ ଶକ୍ତିମତେ ପାଳନ କରୁଛନ୍ତି । ନିଜେ ଅନ୍ୟମାନଙ୍କ ଦ୍ୱାରା ଶୋଷିତ ହୋଇ ଶୋଷଣ କରୁଛନ୍ତି ଅଧସ୍ତନ କର୍ମଚାରୀମାନଙ୍କୁ । କୌଣସି ଶିକ୍ଷା ବିଭାଗର ପଦସ୍ଥ ଅଧିକାରୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସ୍ୱଅଧୀନସ୍ଥ ସ୍କୁଲ ସମୂହକୁ ପରିଦର୍ଶନ କରି, ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା କରିବାରେ ସଫଳ ହେଉଛନ୍ତି କି? ନିଜେ ଅନେକ ଦୁର୍ନୀତିରେ ଲିପ୍ତ ହୋଇ ଶିକ୍ଷା ବିଭାଗର କର୍ମଚାରୀଙ୍କୁ ଦୁର୍ନୀତିମୁକ୍ତ କରିବାକୁ ଆହ୍ୱାନ ଦେବା, ନିଜର ଚରିତ୍ର ସ୍ଖଳନ କରି ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ ପାଇଁ ଉପଦେଶ ଦେବା, ଲଜ୍ଜାପୂର୍ଣ୍ଣ କାର୍ଯ୍ୟ ନୁହେଁ କି? ନିଜେ ଗଢ଼ି ହେବା ସହ ଅନ୍ୟକୁ ଗଢ଼ିବା ପାଇଁ ପରାମର୍ଶ ଦେବା ଉଚିତ । ଶିକ୍ଷା ବିଭାଗରେ ଏହି ତତ୍ତ୍ୱର ଯଥେଷ୍ଟ ଗୁରୁତ୍ୱ ଓ ଆନ୍ତରିକତା ରହିବା ଆବଶ୍ୟକ ।

ତଳସ୍ତରରୁ ଉପର ସ୍ତର ଯାଏଁ ଶିକ୍ଷାବ୍ୟବସ୍ଥା ସହ ଜଡ଼ିତ ସମସ୍ତ ବ୍ୟକ୍ତିବିଶେଷ ଯଥା ଶିକ୍ଷକସମାଜ, ସରକାର ଓ ଶିକ୍ଷା ବିଭାଗର ଅଧିକାରୀମାନେ ସମର୍ପିତ ଭାବନାରେ କାର୍ଯ୍ୟ ନିର୍ବାହ କଲେ ଆମ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଆପଣେଇ ନେବାର ପଥ ସୁଗମ ହେବ । ଆମ ପିଲାମାନେ ସରକାରୀ ବିଦ୍ୟାଳୟ ଓ ଶିକ୍ଷାବ୍ୟବସ୍ଥାକୁ ଆପଣେଇ ନେବେ । ଆନ୍ତରିକ ଉଦ୍ୟମ ସଫଳତାର ଚାବିକାଠି । ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ପ୍ରୋତ୍ସାହନ ଓ ସମ୍ମାନ ଦେବାରେ ଆମେ ଯେତେ ଅନାଗ୍ରହୀ ବେସରକାରୀ ବିଦ୍ୟାଳୟ କ୍ଷେତ୍ରରେ ଆମ ମାନସିକ ଯଥେଷ୍ଟ ଆଗରେ । ଯେଉଁଥିପାଇଁ ଆମ ସରକାରୀ ବିଦ୍ୟାଳୟ ପ୍ରତି ବିମୁଖତା ଯେତିକି ବଢୁଛି ବେସରକାରୀ ବିଦ୍ୟାଳୟ ପ୍ରତି ଆନ୍ତରିକତା ସେତିକି ସୃଷ୍ଟି ହେଉଛି । ସମସ୍ତ ଅସୁବିଧାର ନିରାକରଣ ପାଇଁ ଅଭିଭାବକ, ଶିକ୍ଷକ, ସରକାର ଓ ସରକାରୀ ବ୍ୟବସ୍ଥା ସୁନିୟନ୍ତ୍ରଣ ପାଇଁ ଆନ୍ତରିକତାର ଅଭାବ ରହିଲେ ଯେତେ ଶିକ୍ଷାନୀତି ପ୍ରଣୟନ ହେଉ ଏହା ଆମକୁ ଆକର୍ଷିତ ନକରି ମନରେ ସନ୍ଦେହ, ଆଶଙ୍କା ସୃଷ୍ଟି କରିବ ଏହା ସୁନିଶ୍ଚିତ ।

(ଅବସରପ୍ରାପ୍ତ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ)
ଦାଣ୍ଡମୁକୁନ୍ଦପୁର(ପୁରୀ),
ମୋ: ୯୪୩୮ ୦୪୮ ୭୧୫

## ଭାରତୀୟ ସଂସ୍କୃତିରେ ଉଦ୍ଭିଦ

ସୁରେନ୍ଦ୍ର ମେହେର

ହଜାର ହଜାର ବର୍ଷ ଧରି ଭାରତୀୟ ସଂସ୍କୃତି ବୃକ୍ଷାଦିଙ୍କୁ ବହୁତ ସମ୍ମାନ ଦେଇଆସିଛି ଏବଂ ଆଧ୍ୟାତ୍ମିକ, ଔଷଧୀୟ ଓ ପରିବେଶ ଦୃଷ୍ଟିରୁ ଏଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦେଇଛି । ବେଦ, ପୁରାଣ ଓ ଉପନିଷଦ ଭଳି ପୁରାତନ ଶାସ୍ତ୍ରଗୁଡ଼ିକ ମଣିଷ ଓ ଉଦ୍ଭିଦ ମଧ୍ୟରେ ଥିବା ଗଭୀର ସମ୍ପର୍କକୁ ଦର୍ଶାଇଥାଏ ଏବଂ ପ୍ରକୃତିକୁ ଜୀବନ, ଶକ୍ତି ଓ ଆଧ୍ୟାତ୍ମିକ ସମନ୍ୱୟର ଉତ୍ସ ବୋଲି ବର୍ଣ୍ଣନା କରିଥାଏ ।

ଆମର ପୂର୍ବପୁରୁଷମାନେ ସ୍ୱାସ୍ଥ୍ୟ, ଧନ ଓ ସମୃଦ୍ଧି ପାଇଁ ବୃକ୍ଷର ଗୁରୁତ୍ୱକୁ ବୁଝିଥିଲେ ଏବଂ ଏହାକୁ ପୂଜା କରୁଥିଲେ । ଆଜି ମଧ୍ୟ ଆମର ଅନେକ ଧାର୍ମିକ ପର୍ବରେ ବୃକ୍ଷ ପୂଜା ଏକ ଅଂଶ ହୋଇ ରହିଛି । ଭାରତୀୟ ପରମ୍ପରାରେ ବୃକ୍ଷକୁ ବିଶେଷ ମାନ୍ୟତା ଦିଆଯାଇଛି, ବିଶେଷକରି ଜ୍ୟୋତିଷ ଓ ଆୟୁର୍ବେଦ ଭଳି ପଦ୍ଧତିରେ । ଆୟୁର୍ବେଦ ଔଷଧଗୁଡ଼ିକ ଗଛର ଫଳ, ଫୁଲ, ଛାଲ, ପତ୍ର ଓ ମୂଳରୁ ତିଆରି ହୁଏ ବୋଲି ସମସ୍ତେ ଜାଣନ୍ତି । କେତେକ ବୃକ୍ଷ ମାନବ ଜୀବନରେ ମନ୍ଦ ପ୍ରଭାବକୁ ଦୂର କରି ଭଲ ପ୍ରଭାବ ଆଣିଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବୃକ୍ଷ ଓ ନବଗ୍ରହ ମଧ୍ୟରେ ଏକ ଗଭୀର ସମ୍ପର୍କ ରହିଛି । ଏହି ଗ୍ରହଗୁଡ଼ିକ ଶରୀରର ବିଭିନ୍ନ



ଅଙ୍ଗକୁ ଭଲ କିମ୍ବା ଖରାପ ଭାବେ ପ୍ରଭାବିତ କରିପାରନ୍ତି ଏବଂ ଖରାପ ପ୍ରଭାବ ଦ୍ୱାରା ଶରୀରରେ ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ଏହି ରୋଗକୁ ଦୂର କରିବା ପାଇଁ ବିଶେଷପ୍ରକାରର ବୃକ୍ଷାଦି ରହିଛି, ଯାହାର ବ୍ୟବହାର କରାଯାଇ ରୋଗମୁକ୍ତ କରାଯାଏ । ତେଣୁ ପୂଜାର୍ଚ୍ଚନା ଓ ହୋମ ପାଇଁ ନବଗ୍ରହକୁ ଦର୍ଶାଉଥିବା ନଅ ପ୍ରକାରର ବୃକ୍ଷ ଯଥା- ବର, ପିପଳ, ପଳାଶ, ଅର୍କ, ଶମି, ଅପାମାର୍ଗ, କୁଶ, ଦୁବ ଭଳି ବୃକ୍ଷର କାଠ ବ୍ୟବହାର କରାଯାଏ । ଏହି କାଠଗୁଡ଼ିକୁ ସେମାନଙ୍କର ପବିତ୍ରତା, ଅଗ୍ନିକୁ ବଜାୟ ରଖିବାର କ୍ଷମତା ଏବଂ ଦିବ୍ୟଶକ୍ତି ସହିତ ସମ୍ପର୍କ ପାଇଁ ବ୍ୟବହାର କରାଯାଏ ।

ପ୍ରତ୍ୟେକ ଉଦ୍ଭିଦର ପୌରାଣିକ ମହତ୍ତ୍ୱ ରହିଛି, ଯାହା ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ ବିଭିନ୍ନ ପ୍ରକାରରେ ଲାଭଦାୟକ । ବରଗଛର ବିଶାଳ ଛାତ ପରି ଆକାର, ଧୈର୍ଯ୍ୟ ଓ ସୁରକ୍ଷାର ପ୍ରତୀକ ଏବଂ ପ୍ରାଣୀମାନଙ୍କ ଆଶ୍ରୟ ଓ ଛାୟାର ଆବଶ୍ୟକତାକୁ ପୂରଣ କରେ । ପିପଳ ପ୍ରଚୁର ଅମ୍ଳଜାନ ଦେଉଥିବାରୁ ଜୀବନ ଓ ଶୁଦ୍ଧତାର ଉତ୍ସ ବୋଲି ଗଣାଯାଏ । ବେଲ ଭଗବାନ ଶିବଙ୍କ ସହିତ ଜଡ଼ିତ ଏବଂ ପୂଜାରେ ବ୍ୟବହୃତ ହୁଏ, ଯାହା ଭକ୍ତି ଓ ଆଧ୍ୟାତ୍ମିକ ଜାଗରଣ ସୃଷ୍ଟି କରେ । ଅର୍କକୁ ଶୁଦ୍ଧିକରଣ ଏବଂ ନକାରାତ୍ମକ ଶକ୍ତିର ବିଲୋପ ସହିତ ଜଡ଼ିତ କରାଯାଇଛି । ଶମି ବୃକ୍ଷକୁ ବିଜୟ, ସୁରକ୍ଷା ଏବଂ ଅଗ୍ନିଦେବଙ୍କ ସହିତ ଜଡ଼ିତ କରାଯାଇଛି । ଏହା ନକାରାତ୍ମକ ଶକ୍ତିକୁ ଶୋଷଣ ଏବଂ ବିନାଶ କରିଥାଏ ବୋଲି ବିଶ୍ୱାସ କରାଯାଏ । ଅପାମାର୍ଗକୁ ଏକ ଶକ୍ତିଶାଳୀ ଶୁଦ୍ଧକାରୀ ବୃକ୍ଷ ଭାବରେ ବିବେଚନା କରାଯାଏ, ଯାହା ମନ୍ଦ ଆତ୍ମା, କଳା ଯାଦୁ ଓ ନକାରାତ୍ମକ ପ୍ରଭାବକୁ ଦୂର କରିବାରେ ସକ୍ଷମ । ଏହି ଗଛଗୁଡ଼ିକୁ ବହୁ ପୁରାତନ କାଳରୁ ଓଡ଼ିଶା ଏବଂ ସାରା ଭାରତରେ ବିଭିନ୍ନ ରୋଗର ପ୍ରାକୃତିକ ଚିକିତ୍ସା ତଥା ସେମାନଙ୍କର ସକ୍ରିୟ ଜୈବିକ ଉପାଦାନର ସଦୁପଯୋଗ ପାଇଁ ବ୍ୟବହାର କରାଯାଉଛି । ସେହିପରି ଅଁଳା ଔଷଧୀୟ ଗୁଣ ପାଇଁ ଜଣାଶୁଣା ଏବଂ ଏହା ରୋଗ ପ୍ରତିରୋଧ ଶକ୍ତି ବଢ଼ାଇଥାଏ । ଅଶୋକ, ଯାହାର ନାମର ଅର୍ଥ 'ଦୁଃଖଦୂରକାରୀ', ସକାରାତ୍ମକତା ଓ ଭାବନାତ୍ମକ ସୁସ୍ଥତା ଆଣେ ବୋଲି ବିଶ୍ୱାସ କରାଯାଏ ।

ଆଧୁନିକ ବିଜ୍ଞାନ ଏହି ଉଦ୍ଭିଦଗୁଡ଼ିକର ଆଧ୍ୟାତ୍ମିକ ପ୍ରଭାବକୁ ବିଶ୍ୱାସ ନ କରିପାରେ, କିନ୍ତୁ ଏଗୁଡ଼ିକର ବହୁମୁଖୀ ଉପଯୋଗକୁ ଅସ୍ୱୀକାର କରାଯାଇ ପାରିବ ନାହିଁ । ଏହି ବୃକ୍ଷଗୁଡ଼ିକର ରୋପଣ କେବଳ ପରିବେଶକୁ ସୁଧାରେ ନାହିଁ, ବରଂ ଭାରତର ପୁରୁଣା ପରମ୍ପରା ଓ ରୀତିକୁ ମଧ୍ୟ ସମ୍ମାନ ଦେଇଥାଏ । ଏହିପରି ବୃକ୍ଷଗୁଡ଼ିକୁ 'ସାଂସ୍କୃତିକ ବୃକ୍ଷ' କହିପାରିବା, ଯେହେତୁ ସେଗୁଡ଼ିକ ପରମ୍ପରା ଅନୁସାରେ ପରିଚିତ । ଆଜିର ଦୁନିଆରେ, ଯେଉଁଠି ପରିବେଶ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟର ଚିନ୍ତା ବଢୁଛି, 'ପଞ୍ଚବଟୀ'ର ଅବଧାରଣା ବହୁତ ଗୁରୁତ୍ୱପୂର୍ଣ୍ଣ । ସହରୀକରଣ ବଢୁଥିବା ବେଳେ ଏହିପରି ପବିତ୍ର ବୃକ୍ଷଗୁଡ଼ିକର ସଂରକ୍ଷଣ ପରମ୍ପରା ଓ ପରିବେଶଗତ ସ୍ଥାୟିତ୍ୱ ମଧ୍ୟରେ ଏକ ସେତୁ ହୋଇପାରେ । ଏହି ବୃକ୍ଷଗୁଡ଼ିକ ବାୟୁକୁ ଶୁଦ୍ଧ କରେ, ଜୈବ ବିବିଧତା ବଢ଼ାଇଥାଏ ଏବଂ ପ୍ରାକୃତିକ ଚିକିତ୍ସା ପାଇଁ କାମରେ ଲାଗିଥାଏ । ଉଦ୍ୟାନ, ପରିବେଶ କିମ୍ବା ବ୍ୟକ୍ତିଗତ ବୃକ୍ଷରୋପଣ ନାମରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରି ଆମେ ପରିବେଶ ସଚେତନତା, ସ୍ୱାସ୍ଥ୍ୟ ଓ ଭାବନାତ୍ମକ ସମନ୍ୱୟକୁ ପ୍ରୋତ୍ସାହିତ କରିପାରିବା ।

ତେଣୁ 'ପଞ୍ଚବଟୀ' କେବଳ ଏକ ପୌରାଣିକ ଆଦର୍ଶ ନୁହେଁ, ଏହା ସ୍ଥାୟୀ ଜୀବନ ଓ ଆଧ୍ୟାତ୍ମିକ ସମୃଦ୍ଧିର ଏକ ଶକ୍ତିଶାଳୀ ପ୍ରତୀକ । ଆଧୁନିକ ସମୟରେ ଏହି ପରମ୍ପରାକୁ ଗ୍ରହଣ କରି ଆମେ ପ୍ରକୃତି ସହିତ ଗଭୀର ସମ୍ପର୍କ ଗଢ଼ିପାରିବା ଏବଂ ପୃଥିବୀରେ ଜୀବନ ସୁରକ୍ଷା ଦେବାରେ ଆମ ପୂର୍ବପୁରୁଷଙ୍କ ଜ୍ଞାନକୁ ବଜାୟ ରଖିପାରିବା ।

ଭୁବନେଶ୍ୱର, ମୋ: ୯୪୩୭୫୮ ୯୦୨୬

## ଚୀନ୍‌ରେ ହଜିଯିବ କି ଭାରତ!

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଦୀର୍ଘଦିନ ଧରି ଚୀନ ସହିତ ଭାରତର ଲାଗି ରହିଛି ସୀମାବିବାଦ । ତେବେ ଭୂ-ବିଜ୍ଞାନୀମାନେ ଏବେ କହିଲେଣି ଯେ ଏପରି ସମୟ ଆସିପାରେ ଯେତେବେଳେ ଭାରତ ଭୂଖଣ୍ଡ କିମ୍ବା ଏହାର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ ହୁଏତ ଚୀନ୍‌ରେ ହଜିଯିବ । ଟେକ୍ଟୋନିକ୍ ପ୍ଲେଟ୍‌ର ଚଳନ ଏହାର କରଣ ହେବ ।

'ଟେକ୍ଟୋନିକ୍ ପ୍ଲେଟ୍'କୁ 'ଲିଥୋସ୍ଫେରିକ୍ ପ୍ଲେଟ୍(ଭୂସ୍ତରୀୟ ଥାଳିଆ)' ବୋଲି ମଧ୍ୟ କୁହାଯାଏ । ଏହା ମାତ୍ରାଧିକ ବସ୍ତୁତ୍ୱସମ୍ପନ୍ନ କଠିନ ଶିଳାର ଅସମାନ ଆକୃତିର ପ୍ରଶସ୍ତ ଫଳକ, ଯାହାକି ମହାଦେଶୀୟ ଓ ମହାସାଗରୀୟ ଭୂସ୍ତରରେ(ଲିଥୋସ୍ଫିୟର) ଗଢ଼ା । ଏଗୁଡ଼ିକର ଆକାର କେତେଶହରୁ କେତେ ହଜାର କିମି ଚଉଡ଼ା ବିଶିଷ୍ଟ । ଭୂଗର୍ଭସ୍ଥ ତରଳ ମେଣ୍ଟଲ୍ ଉପରେ ଭାସି ବୁଲୁଥିବା ଏହି ପ୍ଲେଟମାନଙ୍କ ମଧ୍ୟରୁ ମହାଦେଶୀୟଗୁଡ଼ିକ ଅଧିକ ମୋଟା, କମ୍ ସାନ୍ଦ୍ର ହୋଇଥିବା ବେଳେ ମହାସାଗରୀୟଗୁଡ଼ିକ କମ୍ ମୋଟା. ଅଧିକ ସାନ୍ଦ୍ର । ଏମାନଙ୍କର ସଂଖ୍ୟା ଅନେକ । ତହିଁରୁ ୭ଟି ବଡ଼, ଯାହା ଆଫ୍ରିକୀୟ, ଆଣ୍ଟାରଟିକୀୟ, ୟୁରୋସୀୟ, ଇଣ୍ଡୋ-ଅଷ୍ଟ୍ରେଲୀୟ, ଉତ୍ତର ଆମେରିକୀୟ, ପ୍ରଶାନ୍ତ ମହାସାଗରୀୟ ଓ ଦକ୍ଷିଣ ଆମେରିକୀୟ ଭଳି ଭୂଖଣ୍ଡକୁ ଧାରଣ କରିଛନ୍ତି ।

ଏକଦା ଏଗୁଡ଼ିକ ମିଳିତ ଭାବେ ଏକ ବିଶାଳ ଭୂଖଣ୍ଡ ସୃଷ୍ଟି କରିଥିଲେ । ଭୂବିଜ୍ଞାନୀଙ୍କ ମତରେ ତାହା ଥିଲା 'ପାଙ୍ଗାଇଆ' । ଆଜକୁ ପ୍ରାୟ ୩୦୦ରୁ ୪୦୦ କୋଟି ବର୍ଷ ପୂର୍ବେ ତାହା ବିଖଣ୍ଡିତ ହୋଇ ପରସ୍ପରଠାରୁ ଅଲଗା ହୋଇଗଲେ । ଫଳରେ ସୃଷ୍ଟି ହେଲା ଏକାଧିକ ମହାଦେଶୀୟ ଭୂଖଣ୍ଡ । ପୃଥିବୀର ଅନ୍ତର୍ଦେଶରେ ଥିବା ତରଳ ପଦାର୍ଥ 'ମାଗ୍‌ମା'ରୁ ବୁଦ୍‌ବୁଦ୍‌ମାନ ଟେକ୍ଟୋନିକ୍ ପ୍ଲେଟ୍‌ଗୁଡ଼ିକରେ ଥିବା ଫାଟ ଦେଇ ବାହାରୁଥିବାରୁ ପ୍ଲେଟ୍‌ଗୁଡ଼ିକ ବର୍ଷକୁ କିଛି କିଛି ସେଣ୍ଟିମିଟର ଗତି କରି ପରସ୍ପରଠାରୁ ଦୂରେଇ ଯାଆନ୍ତି କିମ୍ବା ଗୋଟିଏ ଅନ୍ୟ ଗୋଟିକ ସହିତ ଧକ୍କା ଖାଇ ତା' ତଳେ ପଶିଯା'ନ୍ତି । ତା' ଉପରେ ଥିବା ମହାଦେଶୀୟ ଭୂଭାଗଗୁଡ଼ିକ ମଧ୍ୟ ସେଥିସହିତ ଗତି କରନ୍ତି । ଏହା ଏକ ପ୍ରାକୃତିକ ପ୍ରକ୍ରିୟା । ଆଜିକୁ ପ୍ରାୟ ୫୦ ନିୟୁତ ବର୍ଷ ତଳେ ଇଣ୍ଡୋ-ଅଷ୍ଟ୍ରେଲୀୟ ପ୍ଲେଟ୍‌ଟି ବିଭାଜିତ ହୋଇ ଭାରତକୁ ଧାରଣ କରିଥିବା ଅଂଶଟି ଆସି ଚୀନ୍ ଅବସ୍ଥିତ ଥିବା ୟୁରୋସୀୟ ପ୍ଲେଟ୍ ସହିତ ଧକ୍କା ଖାଇ ମିଶିଗଲା । ଏହାର ବେଗ ଏତେ ଥିଲା ଯେ ତାହା ବର୍ଷକୁ ପ୍ରାୟ ୩୦ ସେମି ହାରରେ ଆଗକୁ ମାଡ଼ି ଚାଲିଲା । ଏହା ଧକ୍କା ଖାଇବା ସ୍ଥାନରେ ସୃଷ୍ଟି ହେଲା ସୁଉଚ୍ଚ ହିମାଳୟ ପର୍ବତ ଶ୍ରେଣୀ, ଯାହା ଏବେ ବି ବର୍ଷକୁ ୫ ମିମି ହାରରେ ବଢ଼ିବାକୁ ଲାଗିଛି ।

ଏ କଥା ଜଣାପଡ଼ିଛି ଐତିହାସିକ ଘଟଣା ଉପରେ ଗବେଷଣାରତ 'ଜର୍ମାନ୍ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇସେନ୍ସ', ଭାରତର 'ନ୍ୟାଶ୍‌ନାଲ୍ ଜିଓଫିଜିକାଲ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍' ଏବଂ ବର୍ଲିନସ୍ଥିତ 'ଫ୍ରେଇ ବିଶ୍ୱବିଦ୍ୟାଳୟ'ର ବୈଜ୍ଞାନିକମାନେ ୨୦୦୭ ମସିହାରୁ ଚଳାଇ ଆସିଥିବା ଅଧ୍ୟୟନରୁ । ଭାରତୀୟ ମହାଦେଶୀୟ ଭୂଖଣ୍ଡର ଚଳନକୁ ସେମାନେ ବିଶ୍ୱର ଦ୍ରୁତତମ ବୋଲି ଅଭିହିତ କରିଛନ୍ତି । ଏହାଫଳରେ ଭାରତ ନିୟମିତ ଭାବେ ହରାଇଚାଲିଛି କିଛିକିଛି ଅଞ୍ଚଳ, ତାହା ଯେତେ କମ୍ ହେଉନା କହିଁକି । ଏକ ଗଣନା ଅନୁସାରେ ବିଗତ କେତେ ନିୟୁତ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆଠାରୁ ବିଚ୍ଛିନ୍ନ ହେଲା ପରେ ଏହା ଉତ୍ତର-ଏସିଆ ଦିଗରେ ପ୍ରାୟ ୨୦୦୦ କିମି ଗତି କରିଛି । ଅନ୍ୟପକ୍ଷରେ ଏବେ ଭାରତୀୟ ପ୍ଲେଟ୍‌ଟି ବର୍ଷକୁ ୫ ସେମି ହାରରେ ୟୁରେସୀୟ ପ୍ଲେଟ୍ ଦିଗରେ ଏବଂ ଚୀନ୍ ଭୂଖଣ୍ଡର ତଳ ଆଡ଼କୁ ଗତି କରିବାରେ ଲାଗିଛି ।

ଯଦି ଏହି ପ୍ରକ୍ରିୟା ଅବ୍ୟାହତ ରହେ, ତା'ହେଲେ ଦିନେ ଆମ ଦେଶ ସମ୍ପୂର୍ଣ୍ଣ ଭାବେ ନିଶ୍ଚିହ୍ନ ହୋଇଯିବ ବୋଲି ମନେ କରାଯାଇପାରେ । ତେବେ ଉପରୋକ୍ତ ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନ୍ୟତମ ସାବ୍ରିନା ମେଟ୍‌ଜଗରଙ୍କ ମତରେ ଏ ପ୍ରକ୍ରିୟାର ବେଗ କ୍ରମଶଃ ହ୍ରାସ ପାଉଛି । ହୁଏତ ଏହି ଚଳନର ଗତି ଦିନେ ସମ୍ପୂର୍ଣ୍ଣ ବନ୍ଦ ମଧ୍ୟ ହୋଇଯାଇପାରେ । ତେଣୁ ଚୀନ୍‌ରେ ଭାରତ ହଜିଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇପାରେ । ଅନ୍ୟପକ୍ଷରେ ଏହାର ବିପରୀତ ମଧ୍ୟ ଘଟିପାରେ । ଅର୍ଥାତ୍ କୌଣସି ଏକ ପରିସ୍ଥିତିରେ ଏ ଗତି ମଧ୍ୟ ବଢ଼ିପାରେ । ତେବେ ଏହି ଅନୁମାନ ସତସାବ୍ୟସ୍ତ ହେବାକୁ ଲାଗିଯିବ ନିୟୁତ ନିୟୁତ ବର୍ଷ । ସେତେବେଳକୁ ଧରାପୃଷ୍ଠରୁ ସମ୍ଭବତଃ ଜୀବଜଗତ ହିଁ ବିଲୁପ୍ତ ହୋଇସାରିଥିବ ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## କାନ୍ଥ ଭୁଶୁଡ଼ି ଚାଷୀ ମୃତ

ବଣାଇଁ, ୭।୭ (ସମିସ): ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ସରସରା ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଘର କାନ୍ଥ ଭୁଶୁଡ଼ି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଦେବେନ୍ଦ୍ର ଭଇଁସା(୫୪)। ସୂଚନାନୁଯାୟୀ, ଦୀର୍ଘ ୧୫ଦିନ ହେବ ବଣାଇଁ ଅଞ୍ଚଳରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ସରସରା ଗ୍ରାମରେ ରବିବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ଦେବେନ୍ଦ୍ର ନିଜର ପୋଟଳ ବଗିଚାରେ ଥିବା ଘରେ ଶୋଇଥିବା ବେଳେ ହଠାତ୍ ମାଟି କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏହା ଦେଖି ସକାଳେ ସ୍ଥାନୀୟ ଲୋକ ତାଙ୍କ ପରିବାରକୁ ଖବର ଦେଇଥିଲେ। ଟିକାୟତପାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ମା'-ଝିଅ ମୃତ



ମାଥିଲି, ୭।୭ (ସମିସ): ପୋଖରୀରେ ବୁଡ଼ି ମା'-ଝିଅ ମୃତ। ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ଧଉଡ଼ାଗୁଡ଼ା ଗାଁରେ ଆଜି ଏହି ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ଗୁରୁନାଥ ବାଗରିୟାଙ୍କ ସ୍ତ୍ରୀ ପ୍ରିୟା ବାଗରିୟା ଓ ୫ ମାସର ଶିଶୁକନ୍ୟା ପିଙ୍କି। ସୂଚନା ଅନୁଯାୟୀ, ଆଜି ସକାଳୁ ପିଙ୍କିକୁ ନେଇ ପ୍ରିୟା ଗାଁ ପୋଖରୀରେ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକଙ୍କ ଚିନ୍ତା ବଢ଼ିଥିଲା। ବହୁ ଖୋଜାଖୋଜି କରି ମଧ୍ୟ ଦୁହିଁଙ୍କୁ ପାଇନଥିଲେ। ତେବେ ସନ୍ଧ୍ୟାରେ ଉଭୟଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଗାଁଲୋକେ ମାଥିଲି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ଦୁହିଁଙ୍କ ଶବ ଉଦ୍ଧାର କରିଥିଲେ। ମାଥିଲି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସରିଲା ରତ୍ନଭଣ୍ଡାର ମରାମତି

**■ ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ କାମ ହୋଇଛି**

**■ ରୁପା ଛାଉଣୀ ହେବ ବାହାର ଭଣ୍ଡାର ଘର ଦ୍ୱାର**

ପୁରୀ, ୭।୭(ସମିସ): ଶେଷ ହୋଇଛି ବହୁପ୍ରତୀକ୍ଷିତ ରତ୍ନଭଣ୍ଡାର ମରାମତି। ମୋଟ ୯୫ ଦିନରେ ୩୩୨ଘଣ୍ଟା ୪୭ମିନିଟ୍ କାମ କରାଯାଇଛି। ଏବେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାର ସମ୍ପୂର୍ଣ୍ଣ ସୁରକ୍ଷିତ। ମହାପ୍ରଭୁଙ୍କ ଅପାର କରୁଣା, ଆଶୀର୍ବାଦ ଯୋଗୁଁ ଧାର୍ଯ୍ୟ ନୀଳାଦ୍ରିବିଜେ ପୂର୍ବରୁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଶେଷ ହୋଇଛି ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ।

ସୋମବାର ସନ୍ଧ୍ୟାରେ ଗଣମାଧ୍ୟମକୁ ରତ୍ନଭଣ୍ଡାର ମରାମତି ପୂର୍ଣ୍ଣାଙ୍ଗର ସୂଚନା ଦେଇ ଡ. ପାଢ଼ୀ କହିଛନ୍ତି, ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁଁ ନୀଳାଦ୍ରିବିଜେ ପୂର୍ବରୁ ଉଭୟ ଭିତର ଓ ବାହାର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ଏଏସ୍ଆଇ ଦ୍ୱାରା ଶେଷ ହୋଇଛି। ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ରତ୍ନଭଣ୍ଡାର ସୁରକ୍ଷିତ ବୋଲି କୁହାଯାଇପାରିବ।

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଯାଞ୍ଚ ଏବଂ ଟେକ୍ନିକାଲ ସର୍ଭେ କାମ ଆରମ୍ଭ ହୋଇଥିଲା। ରତ୍ନଭଣ୍ଡାରର ଲେଜର ସ୍କାନିଂ, ରାଡାର ପେନିଟ୍ରେଷ୍ଟିଂ ସର୍ଭେ ଆଦି ବୈଷୟିକ ଯାଞ୍ଚ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୧୮ରେ ଏଏସ୍ଆଇର ଆଡିସ୍‌ନାଲ ଡିଜି(ସଂରକ୍ଷଣ) ଆସି ସଂରକ୍ଷଣର ତଦାରଖ କରିଥିଲେ। ସେପ୍ଟେମ୍ବର ୨୪ରେ ଏଏସ୍ଆଇ ଅଧିକାରୀମାନଙ୍କ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଥିଲା। ପରେ ଯାଞ୍ଚ ରିପୋର୍ଟ ଆଧାରରେ ଡିସେମ୍ବର ୧୭ରେ ରତ୍ନଭଣ୍ଡାର ମରାମତି ଏବଂ ସଂରକ୍ଷଣ କାମ ଆରମ୍ଭ ହୋଇଥିଲା। ପ୍ରାୟ ୬ ମାସ ଧରି କାମ କରାଯାଇଥିଲା। ଲେଜର ସ୍କାନିଂ ଓ ଜିପିଆର୍‌ଏସ୍ ସର୍ଭେରୁ ମିଳିଥିବା ତଥ୍ୟ ଅନୁଯାୟୀ ସମ୍ପୂର୍ଣ୍ଣ ବୈଜ୍ଞାନିକ ପଦ୍ଧତି ମାଧ୍ୟମରେ ଏଏସ୍ଆଇ ପକ୍ଷରୁ ସଂରକ୍ଷଣ ଓ ମରାମତି କାର୍ଯ୍ୟ କରାଯାଇଛି। ଏହା ମଧ୍ୟରେ ଜଏଣ୍ଟ ସିଲିଂ, ଗ୍ରାଉଟିଂ, ଷ୍ଟେନ୍‌ଲେସ୍ ଷ୍ଟିଲ୍ ବକ୍ସ ବିମ୍, କେମିକାଲ ୱାସିଂ କରାଯାଇଛି। ୯୫ ଦିନରେ ୩୩୨ ଘଣ୍ଟା ୪୭ ମିନିଟ୍ ମରାମତି ଓ ସଂରକ୍ଷଣ କାମ ହୋଇଛି। ମୋଟ ୮୦ଜଣ ଶ୍ରମିକ ମରାମତି କାମରେ ନିୟୋଜିତ ଥିଲେ। ନୂଆ ଗ୍ରାନାଇଟ୍ ଚଟାଣ ସାଙ୍ଗକୁ ରତ୍ନଭଣ୍ଡାର ବାହାର ପାର୍ଶ୍ୱରେ କେମିକାଲ ପ୍ଲାଷ୍ଟରିଂ ହୋଇଛି। ଭିତର ଭଣ୍ଡାରରେ ୯ଟି ଏବଂ ବାହାର ଭଣ୍ଡାରରେ ୬ଟି ଏହିପରି ମୋଟ ୧୫ଟି ନୂଆ ଷ୍ଟେନଲେସ୍ ଷ୍ଟିଲ ବକ୍ସ ବିମ୍ ବିଭିନ୍ନ ସାଇଜର ଲଗାଯାଇଛି।

ସେହିପରି ଭିତର ରତ୍ନଭଣ୍ଡାରର କବାଟ ମରାମତି ହୋଇଛି। ବାହାର ଭଣ୍ଡାରର ଆଇରନ ଗେଟ୍ ବଦଳାଯାଇ ଷ୍ଟେନ୍‌ଲେସ୍ ଷ୍ଟିଲ ଗେଟ୍ କରାଯାଇଛି। ଏହାର ବାହାରେ ବର୍ମାଟିକ୍ କାଠର କବାଟ କରାଯାଇଛି। ପୂର୍ବ ନିଷ୍ପତ୍ତି ଅନୁଯାୟୀ, ବାହାର କାଠ ଦ୍ୱାରକୁ ରୁପା ଛାଉଣୀ କରାଯିବ। ଏହାର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଯାଇଛି। ଭଣ୍ଡାର ମେକାପ ସେବକ, ଗଜପତିଙ୍କ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କ ସମ୍ମୁଖରେ ଏହି ଗେଟ୍ ସିଲ୍ କରାଗଲା। ଭିତର ରତ୍ନଭଣ୍ଡାର ଗେଟ୍ ତାଲାର ଚାବି ଏବେ ମନ୍ଦିର ପ୍ରଶାସନ ପାଖରେ ଅଛି। ଭିତର ଭଣ୍ଡାର ଦ୍ୱାରକୁ ସୁନା ଛାଉଣୀ କରାଯିବା ଲାଗି ଯୋଜନା ରହିଛି।

ଏସ୍‌ଓପି ଅନୁଯାୟୀ, ପ୍ରଥମେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଭିତର ରତ୍ନଭଣ୍ଡାରକୁ ଅଳଙ୍କାର ସ୍ଥାନାନ୍ତର କରାଯିବ। ଜଉମୁଦ ଦିଆଯାଇ ଏହାର ଚାବି ଟ୍ରେଜେରୀରେ ରହିବ। ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଅଳଙ୍କାର ବାହାର ଭଣ୍ଡାରକୁ ସ୍ଥାନାନ୍ତର ପରେ ଏହାର ଚାବି ସିଲ୍ କରାଯାଇ ରଖାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଗଣତି ମଣତି ହେବ। ୧୯୭୮ ମସିହା ତାଲିକା ସହ ମେଳ କରାଯିବ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।

## ନେଇଗଲେ ଅଧରପଣା

ପୁରୀ,୭।୭(ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲତି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନଥିଲେ, ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।

# ଜଳପ୍ରପାତରେ ବୁଡ଼ିଗଲେ ଇଞ୍ଜିନିୟରିଂ ଛାତ୍ର



ରାଉରକେଲା,୭।୭(ସମିସ): ସୁନ୍ଦରଗଡ଼ ଜିଲ୍ଲା, ଗୁରୁଣ୍ଡିଆ ବ୍ଲକ୍‌ସ୍ଥିତ ପ୍ରସିଦ୍ଧ ବାଦଲଗିରି ଜଳପ୍ରପାତରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ସେ ହେଲେ, ରାଜଗାଙ୍ଗପୁରର ଲିପଲୋଇ ଅନ୍ତର୍ଗତ ପାନପଡ଼ା ଅଞ୍ଚଳର ଗୌରବ ବିପ୍ଲବ (୨୨)। ୧୨ଜଣ ବନ୍ଧୁଙ୍କ ସହ ଗୌରବ ବାଦଲଗିରି ଜଳପ୍ରପାତକୁ ପିକନିକ୍ କରିବାକୁ ଯାଇଥିଲେ। ରବିବାର ଅପରାହ୍ଣ ପ୍ରାୟ ୩ଟାରେ ଗୌରବ ଏବଂ ତାଙ୍କ ୪ଜଣ ସାଥୀ ଜଳପ୍ରପାତକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୌରବଙ୍କ ପାଦ ପଥର ଉପରୁ ଖସିଯିବାରୁ ସେ ଜଳପ୍ରପାତର ଗଭୀର ପାଣିରେ ବୁଡ଼ି ଯାଇଥିଲେ। ସମସ୍ତ ୪ଜଣ ସାଥୀ କୌଣସିପ୍ରକାରେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ଏବଂ ଗୁରୁଣ୍ଡିଆ ପୁଲିସ୍ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ ଘଞ୍ଚ ଜଙ୍ଗଲ ସାଙ୍ଗକୁ ଅନ୍ଧାର ହୋଇଯିବାରୁ ଉଦ୍ଧାରକାରୀ ଦଳଙ୍କୁ ସଫଳତା ମିଳିପାରି ନଥିଲା। ସୋମବାର ସକାଳେ ଓଡ୍ରାଫ୍ ଟିମ୍ ବହୁ ଖୋଜାଖୋଜି କରିଥିଲେ ହେଁ ଯୁବକଙ୍କ ସନ୍ଧାନ ପାଇପାରିନାହିଁ। ପୂର୍ବରୁ ମଧ୍ୟ ଏଠାରେ ରାଉରକେଲାର ଦୁଇଜଣ ଇଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୦ ଟଙ୍କାର ତେଲ...

ଖାଉଟି ପେଟ୍ରୋଲିୟମ ଟିକସ ଦେଉଥିଲେ ମଧ୍ୟ ତୈଳ ମୂଲ୍ୟ ହ୍ରାସ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଲୋକସଭା ନିର୍ବାଚନ ପୂର୍ବରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ କେବଳ ଥରେ ଲିଟର ପିଛା ୨ ଟଙ୍କା ହ୍ରାସ ପାଇଥିଲା। ସେବେଠାରୁ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ଦେଖାଯାଇନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସମୟ ମଧ୍ୟରେ, କଞ୍ଚା ତେଲ ମୂଲ୍ୟ ପ୍ରତି ବ୍ୟାରେଲ ୨୦ ଡଲାରରୁ ଅଧିକ ହ୍ରାସ ପାଇଛି। ମାତ୍ର ଏହାର ଫାଇଦା ଖାଉଟିଙ୍କ ପାଖରେ ପହଞ୍ଚି ପାରିନାହିଁ। ବିଶେଷଜ୍ଞଙ୍କ ମତରେ ୨୦ ଡ଼ଲାର କଞ୍ଚାତେଲ ମୂଲ୍ୟ ହ୍ରାସ ଭାରତୀୟ ବଜାରରେ ପେଟ୍ରୋଲ ଡ଼ିଜେଲ ମୂଲ୍ୟକୁ ୨୫% ପର୍ଯ୍ୟନ୍ତ କମ୍ କରିପାରିବ। ମାତ୍ର ଏହାର ଏହାର ସବୁ ଲାଭ କମ୍ପାନୀ ଓ ସରକାର ପାଇଛନ୍ତି। ସମ୍ପ୍ରତି ଅଶୋଧିତ ତେଲ ଉତ୍ପାଦକଙ୍କ ସଂଗଠନ ଓପେକ୍ ରାଷ୍ଟ୍ର ସମୂହ ଅଶୋଧିତ କଞ୍ଚା ତେଲ ଉତ୍ପାଦନ ବୃଦ୍ଧି ଘୋଷଣା ଯୋଗୁଁ ପୁଣି ଅଶୋଧିତ ତୈଳ ଦର ହ୍ରାସ ପାଇବାର ସମ୍ଭାବନା ରହିଛି। ଚଳିତ ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସରେ ଉପସାଗରୀୟ ଦେଶଗୁଡ଼ିକର ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ପ୍ରତି ବ୍ୟାରେଲ ପାଖାପାଖି ୧୦ ଡଲାର ପର୍ଯ୍ୟନ୍ତ ହ୍ରାସ କରିବାକୁ ଯୋଜନା କରିଛନ୍ତି। ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ ଯୋଗାଣରେ ବୃଦ୍ଧି ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ଗୋଟିଏ ପଟେ ଆମେରିକା ଯୋଗାଣ ବୃଦ୍ଧି କରିଛି। ଅନ୍ୟପଟେ ଓପେକ୍ ପ୍ଲସ୍ ସଦସ୍ୟ ରାଷ୍ଟ୍ରମାନଙ୍କ ପକ୍ଷରୁ ଯୋଗାଣ ଜାରି ରହିଛି। ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ପରେ, ହର୍ମୁଜ୍ ସଙ୍କଟ ମଧ୍ୟ ଟଳିଯାଇଛି। ଏହାସହିତ ଯୋଗାଣରେ କୌଣସି ବାଧା ସୃଷ୍ଟି ହେବାର ସମ୍ଭାବନା ନାହିଁ। ଯାହା ଫଳରେ ତୈଳ ମୂଲ୍ୟ ପ୍ରାୟ ୧୫% କମିବ ବୋଲି ଆଶା କରାଯାଉଛି। ମାତ୍ର ଭାରତର ଖାଉଟିମାନଙ୍କ ପାଇଁ ଏହି ଲାଭ ମିଳିବ କି ନାହିଁ ତାହା ସନ୍ଦେହ ସୃଷ୍ଟି କରିଛି।

## ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ...

ଡ଼ାକ୍ତରଖାନାରୁ ଡ଼ିସଚାର୍ଜ ହୋଇଥିଲେ ହେଁ ନବୀନ ପ୍ରାୟ ଏକ ସପ୍ତାହ ପର୍ଯ୍ୟନ୍ତ ମୁମ୍ବାଇରେ ରହିବେ। ସେଠାରେ ତାଙ୍କର ଫିଜିଓ ଥେରାପି ଚାଲିବ। ଏହାପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ।

ସର୍ଭିକାଲ ଆଥ୍ରାଇଟ୍ ଅପରେସନ୍ ପାଇଁ ଗତ ଜୁନ୍ ୨୦ ତାରିଖରେ ନବୀନ ମୁମ୍ବାଇ ଗସ୍ତ କରିଥିଲେ। ମୁମ୍ବାଇର କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲର ସ୍ପାଇନ ସ୍ପେସିଆଲିଷ୍ଟ ବିଶେଷଜ୍ଞ ଡାକ୍ତର ରାଜଶେଖର ନବୀନଙ୍କ ଅସ୍ତ୍ରୋପଚାର କରିଥିଲେ। ଅପରେସନ ପରେ ନବୀନଙ୍କ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ଏହି ଡାକ୍ତରୀ ଦଳରେ ସାମିଲ ଥିବା ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କର ସ୍ୱାସ୍ଥ୍ୟ ଉପରେ ନଜର ରଖିଥିଲେ।

ମେଡିକାଲ୍‌ରୁ ଡିସ୍‌ଚାର୍ଜ ପରେ ନବୀନ ପଟ୍ଟନାୟକ ଏକ୍ସ ଯୋଗେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ୍ ଓ ଗଙ୍ଗା ହସ୍ପିଟାଲର ସମସ୍ତ ଡାକ୍ତରୀ ଦଳକୁ ଧନ୍ୟବାଦ ଜଣାଇଛନ୍ତି। ଉତ୍ତମ ଡାକ୍ତରୀ ସେବା ପ୍ରଦାନ ସାଙ୍ଗକୁ ଅସ୍ତ୍ରୋପଚାର ପୂର୍ବ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ଯତ୍ନ ନେଇଥିବାରୁ ନବୀନ ଧନ୍ୟବାଦ ଜଣାଇଛନ୍ତି। ଏହାସହିତ ସେ ରାଜ୍ୟ ତଥା ରାଜ୍ୟ ବାହାରୁ ଯେଉଁମାନେ ତାଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ପ୍ରାର୍ଥନା କରିଛନ୍ତି, ସେମାନଙ୍କୁ ନବୀନ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଅପରପକ୍ଷରେ କୋକିଳାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲ ପକ୍ଷରୁ ମଧ୍ୟ ନବୀନ ପଟ୍ଟନାୟକଙ୍କ ଦ୍ରୁତ ଆରୋଗ୍ୟ କାମନା ସହ ଧନ୍ୟବାଦ ଅର୍ପଣ କରିଛନ୍ତି। ସେମାନଙ୍କ ଉପରେ ଭରସା କରି ନବୀନ ସେବା ପାଇଁ ସୁଯୋଗ ଦେଇଥିବାର ହସପିଟାଲ କର୍ତ୍ତୃପକ୍ଷ କୃତଜ୍ଞତା ଜଣାଇଛନ୍ତି।

## ମୁଖିଆ ହେବେ...

ମଧ୍ୟରେ ମନମୋହନ ଏକାକୀ ନିଜର ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ରାଷ୍ଟ୍ରୀୟପରିଷଦ ସଦସ୍ୟ ପାଇଁ ସମସ୍ତ ୩୨ ଜଣ ନାମାଙ୍କନ କରିଛନ୍ତି। ନାମାଙ୍କନ ପତ୍ର ଦାଖଲବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହ ପ୍ରଭାରୀ ଲତା ଉସେଣ୍ଡି, ସାଂସଦ ସମ୍ବିତ ପାତ୍ରଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ଓ ସହ ନିର୍ବାଚନ ଅଧିକାରୀ ସୁକେଶୀ ଓରାମ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ ପୂର୍ବରୁ ମନମୋହନ ୩ଥର ରାଜ୍ୟ ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି। ପ୍ରଥମେ ୧୯୯୯ରୁ ୨୦୦୦ ଓ ପରେ ୨୦୦୧ ରୁ ୨୦୦୪ ପର୍ଯ୍ୟନ୍ତ ସଭାପତି ରହିଥିଲେ। ପରେ ୨୦୨୩ ମସିହାରେ ସେ ତୃତୀୟ ଥର ପାଇଁ ସଭାପତି ଦାୟିତ୍ୱ ତୁଲାଇଥିବା ବେଳେ ଚତୁର୍ଥ ଥର ସଭାପତି ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଶ୍ରୀ ସାମଲ ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ରାଜ୍ୟସଭା ସାଂସଦ ରହିଥିଲେ। ୨୦୦୪ରେ ସେ ସାଂସଦ ପଦରୁ ଇସ୍ତଫା ଦେଇ ଧାମନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଜେପି –ବିଜେଡି ମେଣ୍ଟ ସରକାରରେ ଗୁରୁତପୂର୍ଣ୍ଣ ରାଜସ୍ୱ ବିଭାଗର ମନ୍ତ୍ରୀ ଥିଲେ।

## ଘରୁ ଘୋଷାଡ଼ି...

ସଂପୃକ୍ତି ଥିବା ପୁଲିସ୍ ସନ୍ଦେହ କରୁଥିବା ବେଳେ ଜଣେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରୁଛି। ଅପରପକ୍ଷେ, ଘଟଣାକୁ ଗୁରୁତ୍ୱର ସହ ନେଇ ଆଜି ପୂର୍ବାହ୍ଣରେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି। ଦିଲ୍ଲୀପଙ୍କ ପଡ଼ୋଶୀ ଓ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରି ତଥ୍ୟ ସଂଗ୍ରହ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତ ଗିରଫ ହେବେ ବୋଲି ଏସ୍‌ପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ କେଉଁ କାରଣରୁ ଦିଲ୍ଲୀପଙ୍କୁ ହତ୍ୟା କରାଯାଇଛି, ତାହା ଜଣାପଡ଼ିନାହିଁ। ସୂଚନାନୁଯାୟୀ, ଦିଲ୍ଲୀପ କାଲି ଖାଇପିଇ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସେମାନେ ତାଙ୍କ ସହ ପାଟିତୁଣ୍ଡ କରିବା ପରେ ମାରପିଟ୍ କରିଥିଲେ। ପରେ ତାଙ୍କୁ ଘରୁ ବାହାରକୁ ଟାଣି ନେଇ ଖଣ୍ଡା ଓ ବିଭିନ୍ନ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ଦିଲ୍ଲୀପଙ୍କ ମୁଣ୍ଡ, ହାତ, ପିଠି ଓ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିଲା। ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୁଲିସ୍ ଅଧିକାରୀ ଘଟଣା ପହଞ୍ଚିଥିଲେ। ପରିବାରଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ସୂଚନା ପାଇ ଦିଲ୍ଲୀପଙ୍କ ବଡ଼ଭାଇ ହରିଶ୍ଚନ୍ଦ୍ର ପାତ୍ର ଘଟଣାକୁ ନେଇ ଗୋଳନ୍ଥରା ଥାନରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ, ନିକଟ ଅତୀତରେ ଦିଲୀପଙ୍କ ଗାଡ଼ି ସହ ଜଣେ ଯୁବକଙ୍କ ଗାଡ଼ି ଧକ୍କା ହୋଇଥିଲା। ଏଥିରେ ସମ୍ପୃକ୍ତ ଯୁବକ ଆହତ ହୋଇଥିବା ବେଳେ ତାଙ୍କର ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ କ୍ଷତିପୂରଣ ଦେବାକୁ ଯୁବକଜଣଙ୍କ ଦାବି କରିଆସୁଥିଲେ। କିନ୍ତୁ ଦିଲୀପ ତାହା ଦେବାକୁ ପ୍ରସ୍ତୁତ ହେବା ପରିବର୍ତ୍ତେ ପାଲଟା ସମ୍ପୃକ୍ତ ଯୁବକଙ୍କୁ ଗାଳିଗୁଲଜ ଓ ଧମକାଇଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଉକ୍ତ ଘଟଣାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ପୁଲିସ ଅନୁମାନ କରୁଛି।

ପ୍ରକାଶ ଥାଉକି, ଗତ ଏକମାସ ମଧ୍ୟରେ ଗୋପାଳପୁର ଥାନାରେ ଗୋଟିଏ ଗଣଦୁଷ୍କର୍ମ ମାମଲା ସମେତ ଏକାଧିକ ଚୋରି ମାମଲା ରୁଜୁ ହୋଇଛି। ସେହିପରି ଗୋଳନ୍ଥରା ଥାନାରେ ଗୋଟିଏ ଗଣଦୁଷ୍କର୍ମ ସମେତ ମୋଟ ୩ଟି ଦୁଷ୍କର୍ମ ମାମଲା, ଗୋଟିଏ ଡକାୟତି, ବହୁ ହତ୍ୟା ଉଦ୍ୟମ ଓ ଚୋରି ମାମଲା ରୁଜୁ ହୋଇଛି। ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଭୟ ଗୋପାଳପୁର ଓ ଗୋଳନ୍ଥରା ଥାନା ଇଲାକାରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ନଜରକୁ ଆସୁଛି। ଏପରିକି, ବାରମ୍ବାର ଘଟଣା ଘଟାଇ ପୁଲିସକୁ ଅପରାଧୀମାନେ ଖୋଲା ଚାଲେଞ୍ଜ ଦେଉଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି।

## ୩ ହାର୍ଡକୋର୍...

କରିଥିବା ମାଓବାଦୀ ହେଲେ, ବିଜିଏନ ସଙ୍ଗଠନ ଡିଭିଜନାଲ କମିଟି ମେମ୍ବର ମାଦେ ବେଟି ଓରଫ ଚମ୍ପା, କେକେବିଏନ ସଙ୍ଗଠନର ଏରିଆ କମିଟି ମେମ୍ବର ରାଜୁ ଦୋଡି ଓରଫ ଅଜୟ ଏବଂ ଆଡମୋ ମାଧବୀ ଓରଫ ମଞ୍ଜୁ। ଚମ୍ପା ୨୦୦୯ ରୁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଅଜୟ ୨୦୧୬ ଏବଂ ମଞ୍ଜୁ ୨୦୧୧ରେ ସାମିଲ ହୋଇଥିଲେ। ସେମାନେ ସମସ୍ତେ ଛତିଶଗଡ଼ କ୍ୟାଡରର ଏବଂ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାରେ ସକ୍ରିୟ ଥିଲେ। ଲାଲବାହିନୀର ଝାଡ଼ଖଣ୍ଡ-ଛତିଶଗଡ଼ କରିଡରକୁ ପୁନଃସକ୍ରିୟ କରିବା ଦିଗରେ ସେମାନେ କାମ କରୁଥିଲେ। ଅତୀତରେ ଘଟିଥିବା ଏକାଧିକ ମାଓ କାର୍ଯ୍ୟକଳାପରେ ସେମାନଙ୍କ ସମ୍ପୃକ୍ତି ଥିବା ଆଇଜି ସୂଚନା ଦେଇଛନ୍ତି। ସୁରକ୍ଷା ବାହିନୀର ଲଗାତାର ମାଓ ବିରୋଧୀ ଅଭିଯାନ ଦ୍ୱାରା ହତୋତ୍ସାହିତ ହେବା ସାଙ୍ଗକୁ ସଙ୍ଗଠନର ଆଭିମୁଖ୍ୟ ପ୍ରତି ବୀତସ୍ପୃହ ହୋଇ ପୁଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି ତିନି ମାଓବାଦୀ। ସରକାରଙ୍କ ପକ୍ଷରୁ ଘୋଷିତ ଆକର୍ଷଣୀୟ ପ୍ୟାକେଜ୍ ମଧ୍ୟ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଥିବା ସେମାନେ କହିଛନ୍ତି। ଏମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁଯାୟୀ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, କିଛି ଦିନ ତଳେ ବାଲିଗୁଡ଼ା ଥାନା ଅଞ୍ଚଳରେ ପୁଲିସ ସହ ଗୁଳି ବିନିମୟରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଜିଲ୍ଲାରେ ଲଗାତାର ମାଓ ସଙ୍ଗଠନ ଦୁର୍ବଳ ହେଉଥିବା ଏବଂ ବର୍ତ୍ତମାନ କନ୍ଧମାଳ, ବୌଦ୍ଧ ଓ କଳାହାଣ୍ଡି ଜିଲ୍ଲାରେ ଏମାନଙ୍କ ସଂଖ୍ୟା ୫୦ତଳକୁ ଖସି ଆସିଥିବା ଆଇଜି ପ୍ରକାଶ କରିଛନ୍ତି। ଏହି ଅବସରରେ, ହିଂସା ତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରି ଆସିବା ସହିତ ସରକାରଙ୍କ ଥଇଥାନ ବ୍ୟବସ୍ଥାର ସୁଯୋଗ ନେବା ପାଇଁ ଆହ୍ୱାନ ଦେଇଛନ୍ତି ଦକ୍ଷିଣାଞ୍ଚଳ ଆଇଜି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କନ୍ଧମାଳ ଏସପି ହରିଶ ବି ସି ଏବଂ ୧୨୭ ସିଆରପିଏଫ ବାଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା ଉପସ୍ଥିତ ଥିଲେ।

## କ୍ୟାଡର୍ କର୍ମୀଙ୍କୁ...

ବରିଷ୍ଠ ଓ କ୍ୟାଡ଼ର ମାଓବାଦୀଙ୍କ ଯୌନ ଶୋଷଣ, ଶାରୀରିକ ଉତ୍ପୀଡ଼ନ ସମ୍ପର୍କରେ ସେମାନେ କାହାକୁ କହି ପାରୁ ନ ଥିଲେ। କାନ୍ଦି ପାରୁଥିଲେ ନା ନିଜ ବ୍ୟଥା କାହାକୁ ବାଣ୍ଟି ପାରୁଥିଲେ। ଶେଷରେ ଅସହ୍ୟ ହେବାରୁ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ମନସ୍ଥ କରିଥିଲେ ବୋଲି ପୁଲିସକୁ କହିଛନ୍ତି।

ମହିଳା ମାଓବାଦୀ ମାଡ଼େ ବେଟି ଓରଫ ଚମ୍ପା, ଆଡେମା ମାଧବୀ ଓରଫ ମଞ୍ଜୁ ଓ ରାଜୁ ଦୋଡ଼ି ଓରଫ ଅଜୟ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣ ବିଜେପୁର ଜିଲ୍ଲା ଛତିଶଗଡ ଅଞ୍ଚଳର। ବରିଷ୍ଠ କ୍ୟାଡର ମାଓବାଦୀମାନେ ଆଦିବାସୀ ଯୁବକ ଯୁବତୀମାନଙ୍କୁ ଚାକିରିର ମିଥ୍ୟ ପ୍ରତିଶ୍ରୁତି ଦେଇ ସଂଗଠନରେ ସାମିଲ କରାଯାଉଥିଲେ। ସେମାନଙ୍କୁ ଗଞ୍ଜେଇ ଚାଷ ପାଇଁ ପ୍ରୋତ୍ସାହିତ କରିବା ସହ ବିକ୍ରି କାର୍ଯ୍ୟରେ ନିୟୋଜିତ କରୁଥିଲେ। ମହିଳା ମାଓବାଦୀଙ୍କ ସହ ଏକାଧିକ ସିନିୟର କ୍ୟାଡର ଯୌନ ସମ୍ପର୍କ ରଖୁଥିଲେ। ସେମାନେ ବିରୋଧ କଲେ ଖାଇବାକୁ ଦେଉ ନ ଥିଲେ, ବନ୍ଧୁକ ପଛରେ ପିଟୁଥିଲେ। ନିର୍ଯାତନା ଅସହ୍ୟ ହେବା ପରେ ସେମାନେ ପୁଲିସ ନିକଟରେ ଆତ୍ମସମର୍ପଣ ଲାଗି କନ୍ଧମାଳ ଏସ୍‌ପି ବି.ସି ହରିସ୍‌ଙ୍କୁ ଚିଠି ଲେଖିଥିଲେ। ପୁଲିସ ସେମାନଙ୍କୁ ସ୍ୱାଗତ କରିବା ସହ ଆତ୍ମ ସମର୍ପଣ ଯୋଜନାରେ ସାମିଲ କରାଯାଇ ସମସ୍ତ ଅନୁକମ୍ପା ରାଶି ମିଳିବ ବୋଲି ଦକ୍ଷିଣାଞ୍ଚଳ ଆଇଜି କହିଛନ୍ତି।

## ୨ ମୃତ, ୩୦ରୁ...

ପ୍ରମଖ ଅଧିକାରୀମାନେ ଉସ୍ତପଲ୍ଲୀ ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପିଇବା ପାଣିର ନମୁନା ସଂଗ୍ରହ କରିଛନ୍ତି। ଏହା ଖାଦ୍ୟ ବିଷାକ୍ତଜନିତ କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ପ୍ରଶାସନ ପକ୍ଷରୁ ଅନୁମାନ କରାଯାଉଥିବା ବେଳେ ଝାଡ଼ାବାନ୍ତିରେ ମୃତ୍ୟୁବରଣ କରିଥିବା ପରିବାରବର୍ଗଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ତେବେ ବର୍ଷା ପରେ ପରେ ପ୍ରଶାସନ ଆଗୁଆ ସଜାଗ ନ ହୋଇଥିବାରୁ ଗ୍ରାମାଞ୍ଚଳରେ ଏଭଳି ପରିସ୍ଥିତି ଦେଖା ଦେଉଥିବା ବିଭିନ୍ନ ମହଲରୁ ଅଭିଯୋଗ ହୋଇଛି।


**AFFIDAVIT**

I **BIKRAM AGARWAL,** S/o Naresh Kumar Agarawal, resident of Kusumaguda, Main ROAD, Po / PS - Umerkote, Dt- Nabarangapur, odisha -764073, Odisha declare by this Affidavit No.3000, Dated - 07/07/2025, that now onwards I shall be known as **VIKRAMDEV AGARWAL** for all future purpose.

**AFFIDAVIT**

**I UTTAM PRASAD AGARWAL,** S/o Naresh Kumar Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha -764 073, Odisha declare by this Affidavit No.2999, Dated - 07/07/2025, that now onwards I shall be known as **UTTAM PRASAD AGRAWAL** for all future purpose.

**ହଜିଯାଇଥିବା ଦସ୍ତାବେଜ**

ମୁଁ ମୋର ଅରିଜିନାଲ ପଟ୍ଟା (ROR) ଖା ନ :- 1309/3820 ମୌଜା ପଦ୍ମପୁର ପୁରୁଷୋତ୍ତମ ନଗର ଥାନା ପଦ୍ମପୁର ଜିଲ୍ଲା ବରଗଡ ପ୍ଲଟ ନ – 476/8320, ବିକ୍ରୟ କବଲା id no- 171700150 ଓ doc no- 10171700187 ଲୁଗତ 03/07/2025 ତାରିଖ ରେ ପଦ୍ମପୁର ଠାରେ ହଜାଇ ଦେଇଛି | ଏହି ଘଟଣାକୁ ପଦ୍ମପୁର ଥାନା ଅଧିକାରୀ ତଥା ପଦ୍ମପୁର ଥାନା ରେ ଦରଖାସ୍ତ କରିଛି | ଏହାର sde no-12 ତା :- 05/07/2025] ଏହି ଡକୁମେଣ୍ଟ କୌଣସିବ୍ୟକ୍ତି ପାଇଲେ ନିମ୍ନ ଲିଖିତ ମୋବଇଲ ନମ୍ବର ରେ ଯୋଗାଯୋଗ କରିବେ ।

ନାମ- ସବିତା ଅଗ୍ରୱାଲ

ସ୍ୱାମୀ- ରାମଚନ୍ଦ୍ର ଅଗ୍ରୱାଲ

Mob no: 8260994868

**AFFIDAVIT**

I **SEEMA AGARWAL,** W/o Vikramdev Agarwal, resident of Kusumaguda, Main ROAD, Po / PS -Umerkote, Dt- Nabarangapur, odisha -764073, Odisha declare by this Affidavit No.3001, Dated - 07/07/2025, that now onwards I shall be known as **SEEMABAI AGRAWAL** for all future purpose.

**AFFIDAVIT**

I **MANMOHAN KUMAR AGRAWAL,** S/o- Madanlal Agrawal, resident of Raju Street, Po / PS- Jeypore, Dt- Koraput, odisha- 764001, Odisha declare by this Affidavit No.2856, Dated - 24/06/2025, that now onwards I shall be known as **MANMOHAN AGRAWAL** for all future purpose.

**AFFIDAVIT**

By virtue of affidavit SL NO. 1798, dated -07/07/2025 in the court of the Executive Magistrate, Phulbani, dist- Kandhamal, I, Keshaba Digal, have changed my name from **Krupasindhu Digal** to **Keshaba Digal**, Henseforth I shell be known as **Keshaba Digal** for all purpose.

**Sd/- Keshaba Digal**

**ଘୋଷଣାନାମା**

ଆମେ ଅମାନତ ରସୁଲ ଖାଁ, ପିତା-ଦାଉଦ ଖାଁ, ସା: ପାଟଣାସାହି, ପୋ/ଥାନା- ପୁରୁଣାବଜାର, ଜିଲ୍ଲା- ଭଦ୍ରକ ସର୍ବସାଧାରଣରେ ଘୋଷଣା କରୁଅଛୁ ଯେ, ଆମ୍ଭେ ଆମ୍ଭର ସ୍ତ୍ରୀ ସମିନା ବେଗମ, ପିତା-ସ୍ୱର୍ଗତ ସେକ ଅବଦୁଲ ହାକିମ ଙ୍କୁ ମୁସଲମାନ ଆଇନ ଅନୁଯାୟୀ ତଲାକ-ଏ-ହସନ ଗତ ତା.୧୩.୪.୨୦୨୫ରିଖରେ ତିନି ତଥା ଶେଷ ତଲାକ ଦେଇଅଛୁ ଏବଂ ସେ ଉକ୍ତ ତାରିଖରୁ ଆମ୍ଭ ସ୍ତ୍ରୀ ରହିଲେ ନାହିଁ କିମ୍ବା ସେ ଆମ୍ଭର ସମସ୍ତ ଅଧିକାରରୁ ବଂଚିତ ହୋଇ ଅଛନ୍ତି । ଏବଂ ଏହା ମଧ୍ୟ ଆମ୍ଭେ ଗତ ତା. ୪.୭.୨୫ ରିଖରେ ସତ୍ୟପାଠ ନମ୍ବର ୧୧୨୦ ରେ ଏକଯିକ୍ୟୁଟିଭ ମାଜିଷ୍ଟ୍ରେଟ, ଭଦ୍ରକଙ୍କ ସମ୍ମୁଖରେ ଘୋଷଣା କରିଅଛୁ ।

ଅମାନତ ରସୁଲ ଖାଁ

**AFFIDAVIT**

**I, AMAR GAIKWAD, S/o Bharat Gaikwad, resident of At: Flat No- A602, NBCC Imperia, New Government Colony, Mancheswar, Bhubaneswar- 751005, Dist: Khordha, Odisha declare by this affidavit CFNo: 37, Dated 05.07.2025 that now onwards I shall be known as AMAR BHARAT GAIKWAD for all future purposes.**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 07/07/2025. I, **Kshirabati Behera,** formerly called as Khira Behera, D/o Ainthapatar Behera (father), Debaki Behera (mother), permanent resident of At- Silpara, Digsira, PO- Kushkela, PS- Sindhekela, Dist- Bolangir, (Odisha), PIN- 767066 now residing at the same place affirm that I have changed my name from **Khira Behera** (old name) To **Kshirabati Behera** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Kshirabati Behera** (new name).

**Kshirabati Behera**

**AFFIDAVIT**

I, Paresh Chndra Mohanty, aged about 28 years, S/o- Khokan Mohanty, resident of At- Gunsartha, Po- Chandakusumi, Ps- Kamarda, Dist- Balasore, Odisha, Pin- 756035 declare by this affidavit No.1311, dtd- 07/07/2025 that now onwards I shall be known as **PARESH CHANDRA MOHANTY** for all future purposes.

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB),
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩,
ଇ-ମେଲ: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତିର ବିକ୍ରୟ ।**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛ" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୧୩.୦୮.୨୦୨୫ରିଖ** ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୧୩.୦୮.୨୦୨୫ରିଖ ଅପରାହ୍ଣ ୦୨.୦୦ ଘଟିକା ରୁ ଅପରାହ୍ଣ ୦୪.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ତା.୧୧.୦୮.୨୦୨୫ରିଖ ପୂର୍ବାହ୍ଣ ୧୧.୦୦ ଘଟିକା ରୁ ଅପରାହ୍ଣ ୪.୦୦ ଘଟିକା ମଧ୍ୟରେ**

| କ୍ର. ନଂ. | ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର / ବନ୍ଧକଦାତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ ଏବଂ ସମ୍ପତ୍ତିର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ଆଖଣ୍ଡଳମଣୀ ଷ୍ଟୋର, ସ୍ୱତ୍ୱାଧିକାରୀ: ✓ ବନମାଳି ପାଣି,** ଠିକଣା-୧: ସା: ହୁସେନ ମାର୍କେଟ କମ୍ପ୍ଲେକ୍ସ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, ପିନ୍-୭୫୬୦୪୫, ଠିକଣା-୨: ସା: ତେନ୍ତୁଳିଆ, ପୋ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା / **ଆଇନଗତ ଉତ୍ତରାଧିକାରୀ: ୧) ଶ୍ରୀ ପ୍ରସୁନ୍ନତ ପାଣି,** ପିତା: ✓ ବନମାଳି ପାଣି, **୨) ଶ୍ରୀମତୀ ସବିତା ପାଣି,** ସ୍ୱାମୀ: ✓ ବନମାଳି ପାଣି, ଉଭୟଙ୍କ ଠିକଣା- ସା/ପୋ: ତେନ୍ତୁଳିଡିହି, ଥାନା: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା | **✓ ବନମାଳି ପାଣିଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତେନ୍ତୁଳିଡିହି, ପୋ/ଥାନା/ତହସିଲ: ଚାନ୍ଦବାଲି, ଜିଲ୍ଲା: ଭଦ୍ରକ, ଓଡ଼ିଶା, **(କ)** ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୯୪, ପ୍ଲଟ୍ ନଂ.: ୧୮୭୧, କ୍ଷେତ୍ର: ଏକର୦.୦୮ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ହରିବଲ୍ଲଭ ପଢ଼ିହାରି, ପୂର୍ବ: ପଞ୍ଚୁ ପଢ଼ିହାରି, ପଶ୍ଚିମ: ରାସ୍ତା, **(ଖ)** ମୌଜା: ସିମିଳିଆ, ଖାତା ନଂ.: ୧୮୬/୧୫୨, ପ୍ଲଟ୍ ନଂ.: ୧୨୯/୬୬୫ ଏବଂ ୧୩୦/୬୬୬, କ୍ଷେତ୍ର: ଏକର୦.୦୪ ଡିସିମିଲି ଏବଂ ଏକର୦.୦୪ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଗଦାଧର ସାହୁ, ଦକ୍ଷିଣ: ୧୦ ଫୁଟିଆ ରାସ୍ତା, ପୂର୍ବ: ଗୁଣନିଧି କର, ପଶ୍ଚିମ: ଶ୍ରୀ ସୁଶାନ୍ତ, **(ଗ)** ମୌଜା: ତେନ୍ତୁଳିଡିହି, ଖାତା ନଂ.: ୪୭୦/୧୩୪, ପ୍ଲଟ୍ ନଂ.: ୨୪୪୫/୨୯୨୦ ଏବଂ ୨୪୪୬, କ୍ଷେତ୍ର: ଏକର୦.୦୨ ଡିସିମିଲି ଏବଂ ଏକର୦.୧୦ ଡିସିମିଲି, କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ଉତ୍ତର: କୈଶା ବାରିକ, ଦକ୍ଷିଣ: କାଦୁଅ ରାସ୍ତା, ପୂର୍ବ: ଗ୍ରାମ୍ୟ କଂକ୍ରିଟ୍ ରାସ୍ତା, ପଶ୍ଚିମ: ବ୍ୟକ୍ତିଗତ ପ୍ଲଟ୍ (ଏହି ସମ୍ପତ୍ତିଟି ବ୍ୟାଙ୍କର ସାଙ୍କେତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୯୫,୮୦,୭୭୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୧୧.୨୦୨୨ | ଟ.୬୩,୨୫,୦୦୦/- / ଟ.୬,୩୨,୫୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ମା ମଙ୍ଗଳା ସାଇକେଲ ଷ୍ଟୋର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଗୌରାଙ୍ଗ ସ,** ସା/ପୋ: ଆଜିମାବାଦ, ମେନ୍ ରୋଡ୍, ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୧/ **ଜାମିନ୍‌ଦାର: ଶ୍ରୀ ଅନ୍ତର୍ଯ୍ୟାମୀ ସ,** ପିତା: ଅନାଦୀ ଚରଣ ସ, ବୁଆଁଳ ବୁଆଁଳ ମନ୍ଦିର ନିକଟ, ବାଲେଶ୍ୱର ସଦର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୭ | **ଗୌରାଙ୍ଗ ସ ଏବଂ ଅନ୍ତର୍ଯ୍ୟାମୀ ସଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କରଞ୍ଜିଆ, ୟୁନିଟ୍-୬, ଖାତା ନଂ.: ୧୯୯/୨୬୦୧, ପ୍ଲଟ୍ ନଂ.: ୬୪୦/୩୭୮୩, କ୍ଷେତ୍ର: ଏକର୦.୦୪ ଡିସିମିଲି, କିସମ: ଘରବାରି (ଏହି ସମ୍ପତ୍ତିଟି ବ୍ୟାଙ୍କର ଭୌତିକ ଦଖଲରେ ଅଛି) | ୦୫.୦୭.୨୦୨୫ ସୁଦ୍ଧା ଟ.୮୧,୨୫,୬୭୮/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୬.୦୬.୨୦୨୪ | ଟ.୪୩,୧୭,୦୦୦/- / ଟ.୪,୩୧,୭୦୦/- / ଟ.୫୦,୦୦୦/- |

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: **www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://baanknet.com**
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଦିଲ୍ଲୀପ କୁମାର ବିଶ୍ୱାଳ (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୮୦୦୯୦୧୦୦୫ ଏବଂ ସିସିଓ: ଶ୍ରୀ ବି.ଏନ୍. ମୂର୍ତ୍ତୀ, ମୋ.: ୭୩୮୧୦୪୮୭୦୭

ତାରିଖ : ୦୭.୦୭.୨୦୨୫, ସ୍ଥାନ : ଭୁବନେଶ୍ୱର | ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଗୁଣୁପୁର ସହରରେ ବାଲି ଅଭାବ

## ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ରାୟଗଡ଼ା,୭।୭ (ସମିସ):

ରାୟଗଡ଼ା ଜିଲ୍ଲାର ବଂଶଧାରାନଦୀ କୂଳରେ ଅବସ୍ଥିତ ଗୁଣପୁର ସହରରେ ପ୍ରାୟ ୫ ମାସ ହେଲା ବାଲିର ଅଭାବ ଦେଖାଦେଇଛି। ଦିନକୁ ଦିନ ଗୃହ ନିର୍ମାଣ କାମ ଠାରୁ ସରକାରୀ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ନିର୍ମାଣ ଶ୍ରମିକ ମାନେ କାମ ନ ଥାଇ ହାତବାନ୍ଧି ବସିଛନ୍ତି। ଏଭଳି ସ୍ଥଳେ ଚେତିଛନ୍ତି ଗୁଣୁପୁର ସହରର ଲୋକେ ଓ ନିର୍ମାଣ ଶ୍ରମିକ ମାନେ। ବାଲି ସମସ୍ୟା ନେଇ ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ରାୟଗଡାରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗୁଣପୁରରୁ ଶତାଧିକ ଲୋକ ଆସି ବାଲି ସମସ୍ୟା



ସମାଧାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଜଣାଇଥିଲେ। ଗୁଣପୁରରେ ୩ଟି ବାଲୁକା ଶର୍ଯ୍ୟା ରହିଥିବା ବେଳେ ଦୁଇଟି ବନ୍ଦ ହୋଇ ପଡିଛି। ଅନ୍ୟ ଗୋଟିଏ କଣ୍ଡୁରୁ, ବିକ୍ରମପୁର, ହାରସିଂଗୁଡା ଗାଁକୁ ଲାଗି କରି ରହିଛି। ଏହି ବାଲୁକା ଶଯ୍ୟାରେ ସବୁ ସୁବିଧା ଥିଲେ ମଧ୍ୟ ବାଲି ବାହାରି ପାରୁନି। ଉକ୍ତ ଅଞ୍ଚଳରୁ ବାଲି ଉତ୍ତୋଳନ କଲେ ନିକଟସ୍ଥ ଗାଁ ଗୁଡାକ ପାଇଁ କୌଣସି ଅସୁବିଧା ନଥିବା ବେଳେ ଅଯଥାରେ ବିରୋଧ କରାଯାଉଛି। ଏହି ବାଲୁକା ଶଯ୍ୟାରୁ ବାଲି ଉତ୍ତୋଳନ କଲେ ସହରବାସୀ ଶୁଲଭ ମୂଲ୍ୟରେ ବାଲି ପାଇବେ। ବାହାରୁ ଆସୁଥିବା ବାଲିକୁ ୨୫୦୦ ଟଙ୍କାରେ ଗୋଟିଏ ଟ୍ରାକ୍ଟର କିଣିବାକୁ ପଡୁଥିବା ସମସ୍ୟଶ ମଧ୍ୟ ଦୁରେଇବ ବୋଲି ଦାବି ପତ୍ରରେ ଉଲ୍ଲେଖ ରହିଛି। ତେବେ ଅତିଶୀଘ୍ର ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଜଣାପଡିଛି। ଜିଲ୍ଲାପାଳଙ୍କୁ ଭେଟିଥିବା ଲୋକଙ୍କ ମଧ୍ୟରେ ପୂର୍ବତନ କାଉନ୍ସିଲର ପୂର୍ଣ୍ଣ ବାଉରୀ, ଜିତେନ୍ଦ୍ର ନାୟକ, ଭୈରବ ବେହେରା, କେଶବ ମହାନ୍ତିଙ୍କ ସମେତ ବହୁଲୋକ ସାମିଲ ଥିଲେ।

# ରାୟଗଡ଼ାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ଼ା,୭।୭ (ସମିସ): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ରାୟଗଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ଜିଲ୍ଲା ପରିଷଦ ସଦଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ୍ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଉପ ଜିଲ୍ଲାପାଳ, ରାୟଗଡା ରମେଶ କୁମାର ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭି. ସରୋଜିନୀ ଦେବୀ, ପ୍ରକଳ୍ପ ପ୍ରଶାସକ, ଆଇ.ଟି.ଡିଏ, ରାୟଗଡା ଚନ୍ଦ୍ରକାନ୍ତ ମାଝୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ ୬୮ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୫୫ଟି ବ୍ୟକ୍ତିଗତ ଓ ୬ ଗୋଟି ଗ୍ରାମବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ୭ ଜଣଙ୍କ ସ୍ୱାସ୍ଥ୍ୟ ସମସ୍ୟା ଅଭିଯୋଗ ଥିଲା। ଆଜି ୯ ଜଣଙ୍କୁ ୧ଲକ୍ଷ ୪୫ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସାହାଯ୍ୟ ଜିଲ୍ଲାପାଳ ପ୍ରଦାନ କରିଥିଲେ। ବିଶେଷ କରି ଆବାସ ଯୋଜନାରେ ଘର, ସ୍ୱାସ୍ଥ୍ୟଗତ ସମସ୍ୟା, ଜମିଜମା, ପାରିବାରିକ ସମସ୍ୟା ,ଜଳସେଚନ, ଭତ୍ତା, ଯୋଗାଯୋଗ, ବିଦ୍ୟାଳୟ ସମସ୍ୟା ଆଦି ବିଭିନ୍ନ ସମସ୍ୟା ଗୁଡିକ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲ୍ଲାପାଳ ଆଜିର ଅଭିଯୋଗ ଗୁଡିକୁ ପାଇଲା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।




# ବନ ମହୋତ୍ସବ ସପ୍ତାହ ଉଦ୍‌ଘାଟିତ

ପଟ୍ଟାଙ୍ଗୀ,୭।୭ (ସମିସ): ପଟ୍ଟାଙ୍ଗୀ ସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି। ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ରାଜଶ୍ରୀ କୁମାରୀ ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷର ଉପଯୋଗିତା ସମ୍ବନ୍ଧରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଓଡିଶା ବନବିଭାଗ ପଟ୍ଟାଙ୍ଗୀ ଫରେଷ୍ଟର ସୁଶାନ୍ତ କୁମାର ସେଠୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଓଡିଶା ବନବିଭାଗର ଶ୍ରଦ୍ଧାଞ୍ଜଳି ମହାପାତ୍ର ଉପସ୍ଥିତ ଥିଲେ। ଇଂରାଜୀ ବିଭାଗର ଅଧ୍ୟାପକ ଅଶୋକ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।ଚଳିତ ବର୍ଷା ଋତୁରେ ଆହୁରି ଅନେକ ପ୍ରକାରର ଔଷଧିୟ ଏବଂ ମସଲା କିଷମର ଚାରା ଲଗାଇବା ସହିତ ଲାଗିଥିବା ଚାରାର ଉପଯୁକ୍ତ ଯତ୍ନ ନିଆଯିବ ବୋଲି ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁ କହିଥିଲେ।ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଯୁବରେଡ୍‌କ୍ରସ କାଉନସିଲର ଅଧ୍ୟାପକ ସରୋଜ ରଞ୍ଜନ ଭୂୟାଁ, ଜାତୀୟ ସେବା ଯୋଜନାର ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅଶୋକ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡିଶା ବନବିଭାଗର ପାରା ଫରେଷ୍ଟ୍ରୀ ଅଶୋକ ପୁଜାରୀ, ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡଃ ଶେଷଦେବ ବାରିକ, ବୈ÷ଲୋଚନ ରଣା, ଅଧ୍ୟାପିକା ଜ୍ୟୋସ୍ନାମୟୀ ସାହୁ, ଶିକ୍ଷାବିଭାଗର ଡେମୋନେଷ୍ଟ୍ରେଟର ସୁଧାଂଶୁ ଭୂଷଣ ଜେନା, ଏବଂ ମହାବିଦ୍ୟାଳୟର ହୃଷିକେଶ ପ୍ରଧାନ, ଅନିଲ କୁମାର ଖିଲ୍ଲ, ମନୋଜ କୁମାର ଦାସ, ତୋଟାପାଡିଆ ଯିନୁ, ଫକିର ମୋହନ ପଣ୍ଡା, ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗଦେଇଥିଲେ।

# ଆଲମଣ୍ଡା ହାଇସ୍କୁଲରେ ବନମହୋତ୍ସବ

ବନ୍ଧୁଗାଁ,୭।୭ (ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ ଆଲମଣ୍ଡା ପଞ୍ଚାୟତ ସଦରରେ ଥିବା ଆଲମଣ୍ଡା ହାଇସ୍କୁଲରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଆଲମଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ରାଉତଙ୍କ ତତ୍ୱାବଧାନରେ ସ୍କୁଲ ଛାତ୍ରଛାତ୍ରୀ ଓ ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିର ବନ ମହୋତ୍ସବ ପାଳନ ଅବସରରେ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଓ ବିଦ୍ୟାଳୟ ପରିସରରେ ୧୦୦ ରୁ ଅଧିକ ଚାରା ରୋପଣ କରାଯାଇଥିଲା।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ନନ୍ଦପୁର,୭।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ମାଲିବେଲ ଗାଁ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ପଣସ ପୁଟିଆଙ୍କ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ହୋଇ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ। ସୋମବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ନିଜସ୍ୱ ଗ୍ରାମ ଖାତପୁଟରେ ତାଙ୍କର ଶବ ସଂସ୍କାର କରାଯାଇଛି ତାଙ୍କ ମୃତ୍ୟୁରେ ସାମାଜିକ କର୍ମୀ ମୁନା ଦଳପତି, ବିପିନ ମହାନ୍ତି, ରାମ ମାଳି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ଏନ୍‌ଏଚ୍ ଦବୁଛି, ଦୁର୍ଘଟଣା ବଢୁଛି

ବୈପାରିଗୁଡା, ୭।୭ (ସମିସ)

ଧୀରେ ଧୀରେ ଏନ୍‌ଏଚ୍ ରାସ୍ତା ଦବୁଛି। ସେପଟେ ପ୍ରତିଦିନ ଏଠାରେ ଦୁର୍ଘଟଣା ଘଟୁଛି। ଆଉ କିଛି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ରାସ୍ତା ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାଞ୍ଚି ବିଜୟୱାଡ଼ା ୩୨୬ ନମ୍ବର ଜାତୀୟ ରାଜପଥର ଡାଲଖାଇ ମନ୍ଦିର ନିକଟରେ। ଏହି ରାସ୍ତାରେ କଲଭର୍ଟର ଆପ୍ରୋଚ ରୋଡ଼ ଦବି ଯାଇଛି। ସୂଚନାଯୋଗ୍ୟ ଯେ, ଏହି ଜାତୀୟ ରାଜପଥରେ ହଜାର ହଜାର ସଂଖ୍ୟକ ଯାନବାହାନ ମାଲକାନଗିରି ଜିଲ୍ଲା ଦେଇ ବାହାର ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଏବଂ ଛତିଶଗଡ଼କୁ ଯାତାୟତ କରିଥାଏ। ଜାତୀୟ ରାଜପଥର ମଧ୍ୟ ଭାଗରେ ରାସ୍ତା ଦବି ଯିବାରୁ ପ୍ରତିଦିନ କିଛି ନା କିଛି ଅଘଟଣ ଘଟିବାରେ ଲାଗିଛି। ଗାଡ଼ି ଚାଳକ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବେଳେ ଗର୍ତ୍ତ ଦେଖିନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଖାସ୍ କରି ବର୍ଷା ଦିନେ ଏହି ଗର୍ତ୍ତରେ ପାଣି ଜମି ଯାଏ। ପାଣି ଜମି ଯିବା ହେତୁ ଗର୍ତ୍ତ ଦେଖାଯାଏ ନାହିଁ। ଯାହାଫଳରେ ଦୁର୍ଘଟଣାର ଶୀକାର ହୁଅନ୍ତି ଗାଡ଼ି ଚାଳକ। ସପ୍ତାହ ମଧ୍ୟରେ ୮ ଜଣ ବାଇକ୍ ଆରୋହୀଙ୍କ ଏହି ଗର୍ତ୍ତ ଯୋଗୁଁ ଦୁର୍ଘଟଣାରେ ଖଣ୍ଡିଆ ଖାବରା ହେଇ ବୈପାରିଗୁଡା ଡାକ୍ତରଖାନାରେ ଚିକିତ୍ସିତ ହେଇଥିବା ଦେଖିବାକୁ ମିଳିଛି। ଯଥାଶୀଘ୍ର ଯଦି ଏହି ଜାତୀୟ ରାଜପଥର ମରାମତି କରାନଯାଏ, ତେବେ ଆଗକୁ ବଡ଼ ଧରଣର ଦୁର୍ଘଟଣାରୁ ଏଡ଼ାଇ ନଯାଇ ପାରେ ଏବଂ ଯଥାଶୀଘ୍ର ଆପ୍ରୋଚ ରାସ୍ତାର ମରାମତି ପାଇଁ ସାଧାରଣରେ ଦାବି ହୋଇଛି।

## ବର୍ଷାରେ ୪ ଜଣଙ୍କର ଭାଙ୍ଗିଥିଲା ଘର

# ଆବଶ୍ୟକ ସାମଗ୍ରୀ ଦେଲା ଯୁବ କଂଗ୍ରେସ

ରାୟଗଡ଼ା/ଟିକିରି, ୭।୭ (ସମିସ):

ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ କୁଚେଇପଦର ଗ୍ରାମପଞ୍ଚାୟତ ଅନ୍ତର୍ଗତ ହାତୀମୁଣ୍ଡା, ଟିକିରି ଗ୍ରାମରେ ଲଗାଣ ବର୍ଷା ଯୋଗୁଁ ଗ୍ରାମର କୁମତୀ ଖୋସଲା, ରାଇବାରୀ ଖୋସଲା, ଦାମ ଝୋଡ଼ିଆ ଓ ସୁଦେନ ଝୋଡ଼ିଆଙ୍କ ଘର କାନ୍ଥ ଭାଙ୍ଗି ଯାଇଥିଲା। ଏହି ଖବର ପାଇ ରାୟଗଡ଼ା ଜିଲ୍ଲା ଯୁବ କଂଗ୍ରେସ ସଭାପତି ମୋହନ ନାଏକଙ୍କ ନେତୃତ୍ୱରେ କାଶୀପୁର ବ୍ଲକ ସାଂସଦ ପ୍ରତିନିଧି ସାଧୁ ଚରଣ ମାଝୀ, "ଖ' ଜୋନ ଜିଲ୍ଲା ପରିଷଦ ସଭ୍ୟା ରଂଜିତା ନାଏକ. ରାୟଗଡା ଜିଲ୍ଲା ଏସ୍‌ସି ସେଲ ସଭାପତି ରାଜେନ୍ଦ୍ର ଦୁରିଆ, ନାଏବ ସରପଞ୍ଚ କୁଚେଇପଦର ହଳଧର ନାଏକ, ନବୀନ ନାଏକ, କୋମଳ ଲୋଚନ ନାଏକ, ଭୀମସେନ ମାଝୀ, ଶରତ କୁମାର ନାଏକ, ଉତ୍ତମ ବେହେରା ଏବଂ ଅନ୍ୟମାନେ ଉକ୍ତ ଗ୍ରାମକୁ ଗସ୍ତ କରି ରାସନ ସାମଗ୍ରୀ ସହିତ ଛତା, ଲୁଗା ସାମଗ୍ରୀ ଆଦି ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ଖାଲି ଗୋଟିଏ ଲେଖାଏଁ ପଲିଥିନ ଯୋଗାଇ ଚୁପ ହେଇ ବସିଛି। ଏହା ହିଁ ଭାଜପା ସରକାରର ଏକ ବର୍ଷ ପୂର୍ତ୍ତିର ବିକଶିତ ଗାଁ ଓ ବିକଶିତ ଓଡିଶାର ଜ୍ୱଳନ୍ତ ଉଦାହରଣ ବୋଲି ସଭାପତି ଶ୍ରୀ ନାଏକ ପ୍ରକାଶ କରିଛନ୍ତି।



# ଭାତପରିସି-ନାରାୟଣପୁର ରାସ୍ତା ଶୋଚନୀୟ

କଲ୍ୟାଣସିଂହପୁର, ୭।୭ (ସମିସ): ଭାତପରିସିଠାରୁ ନାରାୟଣପୁର ରାସ୍ତା ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା



ପଞ୍ଚାୟତକୁ ଯାତାୟାତ କରିବା ପାଇଁ ନିର୍ମାଣ କରାଯାଇଥିଲା। ବର୍ଷା ଲାଗି ରହିଥିବା ଯୋଗୁଁ ରାସ୍ତା ମଝିରେ ଖାଲଖମା ହୋଇ ପାଣି ଭରି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ନାରାୟଣପୁର ଗ୍ରାମପଞ୍ଚାୟତର ଭାତପରିସୀ ଗାଁଠାରୁ ୧ କିଲୋମିଟର ରାସ୍ତା ଗମନାଗମନ ଅନୁପଯୋଗୀ ହୋଇଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ମରାମତି କରିବା ପାଇଁ ଉଭୟ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସଫଳ ମିଳି ପାରି ନ ଥିବା ଜଣାପଡ଼ିଛି। ପୂର୍ତ୍ତ ବିଭାଗ ରାସ୍ତାଠାରୁ ମାତ୍ର ଏକ କିଲୋମିଟର ଦୂରରେ ଏହି ଗାଁ ରହିଛି। ଅଳ୍ପ ବର୍ଷା ହେଲେ ମାଟି ରାସ୍ତା ହୋଇଥିବାରୁ କାଦୁଅ ହୋଇ ରାସ୍ତା ଶୋଚନୀୟ ହୋଇଯାଉଛି। ଫଳରେ ପଞ୍ଚାୟତକୁ ଯିବାକୁ ହେଲେ ଭାତପରିସୀ ଠାରୁ ଏକ କିଲୋମିଟର ପରିବର୍ତ୍ତେ ବୁଲି ବୁଲି ସୀତାପୁର ଦେଇ ୬ କିଲୋମିଟର ଯିବାକୁ ପଡୁଛି। ରୋଗୀ, ଗର୍ଭବତୀ ମହିଳା ହସ୍ପିଟାଲ ଯିବାକୁ ଏବଂ ଲୋକେ ପଞ୍ଚାୟତ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ରାସ୍ତାକୁ ପ୍ରତ୍ୟେକ ବର୍ଷ ମୋରମ ପକାଇ ଠିକାଦାର ମାନେ ମାଲାମାଲ ହେଉଛନ୍ତି। ନାରାୟଣପୁର ଠାରୁ ଭାତପରିସୀ ପର୍ଯ୍ୟନ୍ତ ପକ୍କା ରାସ୍ତା ତିଆରି କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। କଲ୍ୟାଣସିଂହପୁର ବ୍ଲକ୍ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାୟଗଡ଼ା ବନଖଣ୍ଡସ୍ତରୀୟ ବନ ମହୋତ୍ସବ

ରାୟଗଡ଼ା,୭।୭ (ସମିସ): ଆଜି ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ ରାୟଗଡ଼ା ବନାଞ୍ଚଳର ବାରିଖୋଲା ଗ୍ରାମ ନିକଟସ୍ଥ ନୂତନ ହନୁମାନ ମନ୍ଦିର ପାହାଡରେ ବନଖଣ୍ଡସ୍ତରୀୟ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ଆପଲାସ୍ୱାମୀ କାଡ୍ରାକା ଯୋଗ ଦେଇଥିଲେ। 'ମାଁଙ୍କ ନାମରେ ଗଛଟିଏ' କାର୍ଯକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯକ୍ରମରେ ଅନ୍ୟ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ଏସ୍. ସ୍ୱାତୀ କୁମାର , ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ ମିଶ୍ର , ହାଲୁଆ ସରପଞ୍ଚ ତାମାରାଓ ବିଡ଼ିକା, ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ , ରାୟଗଡ଼ା ଉପ-ବନ ସଂରକ୍ଷକ ଅଶୋକକୁମାର ପ୍ରଧାନ, ରାୟଗଡ଼ା ଉପ-ବନ ସଂରକ୍ଷକ ସତୀଶ କୁମାର ଧାରୁଆ, ସାଇରାମ କମିଟିର ସଦସ୍ୟ, ନୂତନ ହନୁମାନ ମନ୍ଦିର କମିଟିର ସଦସ୍ୟ, ଅରବିନ୍ଦ ବିଦ୍ୟାଳୟ ଓ ବାରିଖୋଲା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟତ୍ରୀ, ଏନ୍‌ସିସି କ୍ୟାଡ଼ର , ରାୟଗଡା ଉପସ୍ଥିତ ରହି ମାଁଙ୍କ ନାମରେ ଗଛଟିଏ ଉଦ୍ଦେଶ୍ୟ ରେ ବୃକ୍ଷ ରୋପଣ କାର୍ଯକ୍ରମରେ ଚାରା ରୋପଣ କରିଥିଲେ। ରାୟଗଡା ବନାଞ୍ଚଳର ସମସ୍ତ ବନ କର୍ମଚାରୀ ଏହି କାର୍ଯକ୍ରମରେ ଉପସ୍ଥିତ ଥିଲେ। ରାୟଗଡ଼ା ବନାଞ୍ଚଳ ଅଧିକାରୀ କାମେଶ୍ୱର ଆଚାରୀଙ୍କ ଦ୍ୱାରା ଏହି କାର୍ଯକ୍ରମଟି ସୁପରିଚାଳିତ ହୋଇଥିଲା।



# ପରିବା ଦର ବୃଦ୍ଧି, ଖାଉଟି ହନ୍ତସନ୍ତ

ଉମରକୋଟ,୭।୭ ( ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହରରେ ଦିନକୁ ଦିନ ପରିବା ଦର ବୃଦ୍ଧି ପାଇବାରେ ଲାଗିଛି। ପରିବା ବଜାରରେ ପ୍ରଶାସନ ପକ୍ଷରୁ ପରିବା ଦର ନିୟନ୍ତ୍ରଣ କରାଯାଉ ନଥିବାରୁ ଦୈନିକ ବଜାର ଓ ହାଟ ମାନଙ୍କରେ ବ୍ୟବସାୟୀମାନେ ମନ ଇଚ୍ଛା ଦର ବଢାଇ ଲାଭବାନ ହେଉଛନ୍ତି। ଏହାର ପ୍ରଭାବ ଲୋକଙ୍କ ଉପରେ ପଡୁଛି। ପରିବା ବଜାରରେ ଫୁଲକୋବି କିଲୋପିଛା ୮୦, ପୋଟଳ ୮୦, ଟମାଟ ୪୦, କଲରା ୬୦, ପତ୍ରକବି ୮୦, ଭେଣ୍ଡି ୬୦, ବାଇଗଣ ୫୦, ବରବଟି ୬୦, ବିନ୍ସ ୧୦୦, କଞ୍ଚାଲଙ୍କ ୫୦ ଓ ଜହ୍ନି ୬୦ ଟଙ୍କାରେ ବିକ୍ରି ହେଉଛି। ପରିବା ଦର ବଢିବାରେ ଲାଗିଛି। ଉମରକୋଟ ଠାରେ ପରିବା ଚାଷ ହେଉଥିଲେ ମଧ୍ୟ ସହରରେ ପରିବା ଦର ବଢିବାରେ ଲାଗିଛି। ଉମରକୋଟ ଅଞ୍ଚଳରୁ ପରିବା ଚାଷ ହୋଇ ବ୍ରହ୍ମପୁର, ଭୁବନେଶ୍ୱର, ଆନ୍ଧ୍ରା , ଛତିଶଗଡ଼କୁ ରପ୍ତାନି ହେଉଥିଲା। ରିଟେଲରଙ୍କୁ ଆହୁରି ଅଧିକ ଦରରେ ବିକ୍ରି କରିଥିବା କହିଛନ୍ତି ବ୍ୟବସାୟୀ। ଉମରକୋଟ ବଜାର ଉପରେ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁ ନଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ସାଧାରଣରେ ଆଲୋଚନା ହେଉଛି। ପରିବା ବଜାରରେ ପରିବା ଦର ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ସାଧାରଣରେ ଦାବି ହେଉଛି।।



# ରଘୁବାରୀ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ




ମୁନିଗୁଡ଼ା,୭।୭ (ସମିସ): ବନ ମହୋତ୍ସବ ସପ୍ତାହ ଅବସରରେ ମୁନିଗୁଡ଼ା ବନାଞ୍ଚଳ ଅଧିନସ୍ଥ ଅମ୍ବାଦଳା ସେକ୍ସନ ପକ୍ଷରୁ ବନପାଳ ମାଝୀ ମହାପାତ୍ରଙ୍କ ଉଦ୍ୟମରେ ରଘୁବାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଚାରାରୋପଣ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁମନ କୁମାର ତାମ୍ରା ବୃକ୍ଷର ଉପକାରିତା, ବୃକ୍ଷ କିପରି ଆମ ଜୀବନର ଏକ ପ୍ରମୁଖ ଭୂମିକା ତୁଲାଉଛି ସେ ବିଷୟରେ ଛାତ୍ରଛାତ୍ରୀ ମାନଙ୍କୁ କହିବା ସହ ନିଜ ଘର ବାରି ବଗିଚାରେ ନିଜ ମାଁ ଙ୍କ ନାରେ ମଧ୍ୟ ଗୋଟିଏ ଗଛ ଲଗାଇବା ପାଇଁ ପିଲାଙ୍କୁ କହିଥିଲେ। ଅମ୍ବାଦଳା ଫରେଷ୍ଟ ଗାର୍ଡ ବିଦ୍ୟାଧର ପାଣ୍ଡେଙ୍କ ସମେତ ଏଲିଫ୍ୟାଣ୍ଟ ସ୍କ୍ୱାର୍ଡ ପିତାମ୍ବର ଗୌଡ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିବା ବେଳେ ରଘୁବାରି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଚୂଡମଣି ପ୍ରଧାନ ଲଳିତ କୁମାର ନାଗ, ସୀତା ହୀଆଲ୍, ରିଲି ପ୍ରଧାନ ଓ ପ୍ରଥମିକ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ସେଠୀ, ଗଙ୍ଗା ଶ୍ରୀରାମ, ପି. ଶଙ୍କର ରାଓ, ସନ୍ତୋଷ କୁମାର ହିଓକା, ରବିନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଛ ଲଗାଇବାରେ ସାହାଯ୍ୟ କରିଥିଲେ। ଚଳିତ ବର୍ଷ ବନ ମହୋତ୍ସବରେ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଗୁଡ଼ିକରେ ସପ୍ତାହ ବ୍ୟାପି ଚାରା ରୋପଣ କରାଯିବ ବୋଲି ବନପାଳ ମାଝୀ ମହାପାତ୍ର ସୂଚନା ଦେଇଛନ୍ତି।

## ମିଳୁନି ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର

# ଭତ୍ତାରୁ ବଞ୍ଚିତ ୩ ବିଧବା ମହିଳା

ମୁନିଗୁଡ଼ା,୭।୭ (ସମିସ): ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ମିଳୁ ନଥିବାରୁ ଦୀର୍ଘ ବର୍ଷ ହେଲା ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି ୩ ଜଣ ବିଧବା ମହିଳା। ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ରଘୁବାରୀ ପଞ୍ଚାୟତ ଉମ୍ବ୍ରେର ଗ୍ରାମର ଶ୍ରୀମତୀ ଗୌଡଙ୍କ ସ୍ୱାମୀ ସ୍ୱର୍ଗତ ବୁଡୁ ଗୌଡଙ୍କ ୨୦୧୯ରେ ମୃତ୍ୟୁ ହୋଇଥିବା ବେଳେ ସନ୍ତୋଷୀ ଗୌଡଙ୍କ ସ୍ୱାମୀ ସୁବାସ ଗୌଡଙ୍କର ୨୦୨୨ରେ ଓ କ୍ଷୀରମଣି ଗୌଡଙ୍କ ସ୍ୱାମୀ ଘନ ଗୌଡଙ୍କର୨୦୨୩ରେ ମୃତ୍ୟୁ ହୋଇଥିଲା। ବର୍ଷ ବର୍ଷ ବିତି ଯାଇଥିଲେ ସୁଦ୍ଧା ସେମାନଙ୍କୁ ଏପର୍ଯ୍ୟନ୍ତ ମୃତ୍ୟୁ ପ୍ରମାଣପତ୍ର ମିଳିନାହିଁ। ତେଣୁ ସେମାନେ ଆଜି ପର୍ଯ୍ୟନ୍ତ ବିଧବା ଭତ୍ତା ପାଇଁ ଆବେଦନ କରିପାରୁ ନାହାନ୍ତି। ପ୍ରକାଶ ଥାଉକି ପୂର୍ବରୁ ଜନ୍ମ ମୃତ୍ୟୁ ପ୍ରମାଣ ପତ୍ରର କୌଣସି ଗୁରୁତ୍ୱ ନଥିବା ବେଳେ ସମ୍ପ୍ରତି ଜନ୍ମ, ମୃତ୍ୟୁପ୍ରମାଣ ପତ୍ର ଅଞ୍ଚଳର ଲୋକଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇ ଉଭା ହୋଇଛି। ସରକାରୀ ଚାକିରି ଠାରୁ ଆରମ୍ଭ କରି ବିଦ୍ୟାଳୟରେ ଆଡ୍‌ମିସନ ପର୍ଯ୍ୟନ୍ତ ସବୁଠି ଜନ୍ମ ପ୍ରମାଣ ପତ୍ରର ଗୁରୁତ୍ୱ ରହିଛି। ତେବେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଛାତ୍ର ଛାତ୍ରୀଙ୍କ ଠାରୁ ଆରମ୍ଭ କରି ନିରାଶ୍ରୟ ମହିଳା ଓ ବୃଦ୍ଧ, ବୃଦ୍ଧା ମାନେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଜନ୍ମ ଓ ମୃତ୍ୟୁର ତାରିଖ ଦେବା ଅଙ୍ଗନବାଡ଼ି ଠାରୁ ଆରମ୍ଭ କରି ଏଏନଏମ୍ ପର୍ଯ୍ୟନ୍ତ ସମସ୍ତଙ୍କ ଗୁରୁ ଦାୟିତ୍ୱ ହୋଇଥିବା ବେଳେ ସେମାନେ ନିଜ ଦାୟିତ୍ୱ ପାଳନ କରିବାରେ ଅବହେଳା ଯୋଗୁଁ ଏଭଳି ପରିସ୍ଥିତି ଉପୁଜୁଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଉକ୍ତ ଘଟଣା ବିଷୟରେ ବ୍ଲକ ପ୍ରଶାସନ ଓ ମେଡିକାଲ ଅଫିସର ଦୃଷ୍ଟି ଦେବା ସହ ତୁରନ୍ତ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



# ଲଗାଣ ବର୍ଷାରେ ଭାଙ୍ଗିଲା ୨୫ ଘର

ସେମିଳିଗୁଡ଼ା, ୭।୭ (ସମିସ): କୋରାପୁଟ ଜିଲ୍ଲାରେ ଲଗାଣ ବର୍ଷାଁରେ ବିଭିନ୍ନ ଅଞ୍ଚଳ ସହ ସେମିଳିଗୁଡ଼ା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତ ପ୍ରଭାବିତ ହୋଇଛି। ବ୍ଲକ୍‌ରେ ୨୫ ଘର ନଷ୍ଟ ହେଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ସେମିଳିଗୁଡ଼ା ବ୍ଲକ ସୋରିଷପଦର, ଗୁଣ୍ଡାପୁଟ, ଚାରାଗୁଁଲ, ରାଜପୁଟ, ପିତାଗୁଡା, ଦଳେଇଗୁଡା, ଦୁଧାରୀ, ସାଡାମ, ରେଙ୍ଗା, ହାଟଗୁଡା, କୁନ୍ଦୁଲି, ସୁବାଇ ଓ ପାକଝୋଲା ଆଦି ପଞ୍ଚାୟତର ମୋଟ ୨୫ କଚ୍ଚା ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସେମିଳିଗୁଡ଼ା ବ୍ଲକ ଓ ରାଜସ୍ୱ ବିଭାଗ ପକ୍ଷରୁ ଘର ଭାଙ୍ଗିଥିବା ସମସ୍ତ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି। ଏଥିସହ ରାଜସ୍ୱ ବିଭାଗ ପକ୍ଷରୁ ଏହାର ତଦନ୍ତ କରି କ୍ଷୟକ୍ଷତିର ଆକଳନ କରାଯିବା ସହ ଠିକ୍ ରିପୋର୍ଟ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯିବ। ସରକାରଙ୍କ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି ସୂଚନା ଦେଇଥିଲେ।



# ଗଞ୍ଜେଇ ଜବତ, ଜଣେ ଗିରଫ



ରାୟଗଡ଼ା,୭।୭(ସମିସ): ରାୟଗଡ଼ା ଜିଲ୍ଲା ଅବକାରୀ ଏବଂ ରେଳବାଇ ପୁଲିସ ପକ୍ଷରୁ ଆଜି ମିଳିତ ଭାବେ ରେଳବାଇ ଷ୍ଟେସନ ଅଞ୍ଚଳରେ ଚଢ଼ଉ ହୋଇଥିଲା। ଏହି ସମୟରେ ବାହାର ରାଜ୍ୟକୁ ଚୋରା ଚାଲାଣ ପାଇଁ ଉଦ୍ୟମ କରାଯାଉଥିବା ୧୭ କେଜି ୪୦୦ ଗ୍ରାମର ଗଞ୍ଜେଇ ଜବତ ସହ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇଥିବା ନେଇ ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସାମନ୍ତ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ଏକ ଲକ୍ଷ ୭୦ ହଜାର ଟଙ୍କାରୁ ଅଧିକ ହେବ ବୋଲି କୁହାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଦିନେଶ ବିଭର (୨୦)। ଆଜି ରାୟଗଡ଼ା ରେଳବାଇ ଷ୍ଟେସନରୁ ଟ୍ରେନ୍ ଯୋଗେ ଗଞ୍ଜେଇ ଚୋରା ଚାଲାଣ ପାଇଁ ଅଭିଯୁକ୍ତ ଦିନେଶ ଉଦ୍ୟମ କରୁଥିବା ବେଳେ ଅବକାରୀ ପୁଲିସ ଯାଞ୍ଚ ବେଳେ ଗଞ୍ଜେଇ ଧରା ପଡିଥିଲା। ଆଜିର ଏହି ଚଢ଼ଉ ବେଳେ ଅବକାରୀ ପୁଲିସର କମ୍ପପାଣି ସିନ୍ଦୁର, ଦିନେଶ କୁମାର, କରୁଣାକର ପାତ୍ର, ବି.କେ. ବଳଙ୍କ ସମେତ ରେଳବାଇ ପୁଲିସ ସୁରକ୍ଷା ବଳ (ଆରପିଏଫ)ର ଏଏସଆଇ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଖୋଲିଲା ମା’ ମଝିଘରିଆଣି ମନ୍ଦିର ଦାନହୁଣ୍ଡି

# ବାହାରିଲା ୧ କୋଟି ୪ଲକ୍ଷ ୩୬ ହଜାର ଟଙ୍କା



ରାୟଗଡ଼ା,୭।୭(ସମିସ): ରାୟଗଡ଼ାର ଅଧିଷ୍ଠାତ୍ରୀ ମା’ ମଝିଘରିଆଣୀ ମନ୍ଦିରର ୯ଟି ଦାନ ହୁଣ୍ଡି ଚଳିତ ବର୍ଷ ଗତ ଜାନୁଆରୀ ୨୭ ତାରିଖରେ ଖୋଲା ଯାଇଥିଲା। ୬ ମାସ ବ୍ୟବଧାନରେ ପରେ ଆଜି ପୁଣି ହୁଣ୍ଡି ଖୋଲା ଯାଇଥିଲା। ଦେବୋତ୍ତର ବିଭାଗ, ସ୍ଥାନୀୟ ତହସିଲଦାର, ଆରଆଇ, ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ସହ ପୁଲିସ କର୍ମଚାରୀଙ୍କ ତତ୍ତ୍ୱାବଧାନରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ସମସ୍ତଙ୍କ ଉପସ୍ଥିତିରେ ୯ଟି ଦାନ ହୁଣ୍ଡି ଆଜି ସକାଳ ୯ ଘଟିକାରୁ ସମୟରୁ ଖୋଲାଯାଇ ରାତ୍ର ୮ଟା ଯାଏଁ ଗଣତି ଚାଲିଥିଲା। ହୁଣ୍ଡିରୁ ନଗଦ ୧ କୋଟି ୪ଲକ୍ଷ ୩୬ହଜାର ୯୬୩ ଟଙ୍କା ବାହାରିଥିଲା । ଏଥିସହ ୟୁନାଇଟେଡ଼ ଷ୍ଟେଟସ ଅଫ୍ ଆମେରିକା, ସେଣ୍ଟ୍ରାଲ ବ୍ୟାଙ୍କ ଅଫ କୁଏତ, କତାର, ଆରବ ରିମିରାଟେସ ଭଳି ଦେଶର ୧୨ଟି ବିଦେଶୀ ଡଲାର ସହିତ ୩୮ ଗ୍ରାମ ସୁନା ଓ ୨. ୫୦୫କେଜି ରୁପା ବାହାରିଛି। ଏତେ ପରିମାଣର ଦାନ ରାଶି ପୂର୍ବରୁ କେବେ ବାହାରି ନ ଥିବାରୁ ଆଜି ଏହା ରେକର୍ଡ କରିଛି ବୋଲି ମନ୍ଦିର ପରିଚାଳନା କମିଟି ସଦସ୍ୟ ରାଧାକାନ୍ତ ଦଳେଇ ପ୍ରକାଶ କରିଛନ୍ତି। ଆଜି ମନ୍ଦିର ହୁଣ୍ଡିରୁ ଦାନ ଅର୍ଥ ଗଣତି କାର୍ଯ୍ୟରେ ବିଭିନ୍ନ ସଂଗଠନର ମହିଳା ଓ ପୁରୁଷ ସେଚ୍ଛାସେବୀ ସଦସ୍ୟସଦସ୍ୟା ଓ କିଛି ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରାଯାଇଥିଲା। ଏଥିରେ ପ୍ରାୟ ୨୦୦ରୁ ଅଧିକ କର୍ମକର୍ତ୍ତା ଗଣତି ପକ୍ରିୟାରେ ନିୟୋଜିତ ହୋଇଥିଲେ। ଗଣତି କାର୍ଯ୍ୟରେ ନିୟୋଜିତ ହୋଇ ନିଜକୁ ଭାଗ୍ୟବାନ ମନେ କରିଛନ୍ତି ବିଭିନ୍ନ ଏସଏଚଜି ଗ୍ରୁପ ମହିଳା ସଦସ୍ୟ ମାନେ। ଚଳିତ ଥର ୯୦ ଲକ୍ଷରୁ ୧ କୋଟି ଟଙ୍କା ମିଳିବ ବୋଲି ଆଶା ରଖିଥିଲା ମନ୍ଦିର କମିଟି। ଗତ ୬ ମାସ ତଳେ ଅର୍ଥାତ ଜାନୁଆରୀ ୨୭ ତାରିଖ ଦିନ ହୁଣ୍ଡିରୁ ନଗଦ ୯୪ ଲକ୍ଷ ୪୯ ହଜାର ୫୪ ଟଙ୍କା, ୯୩ ଗ୍ରାମ ୧ ମିଲିଗ୍ରାମ ସୁନା, ୨ କେଜି ୧୭୦ ଗ୍ରାମ ଓଜନର ରୁପା ସହ ୭ଟି ବିଦେଶୀ ମୁଦ୍ରା ମିଳିଥିଲା। ଆଜି ହୁଣ୍ଡିରୁ ମିଳିବା ଅର୍ଥକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଜମା କରାଯିବ ଏବଂ ଏହି ଅର୍ଥରୁ ମିଳୁଥିବା ସୁଧରେ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ସହ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯିବ ବୋଲି ମନ୍ଦିର ପରିଚାଳନା କମିଟିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ଜିଲ୍ଲାସ୍ତରୀୟ ବନ ମହୋତ୍ସବ



ମାଲକାନଗିରି,୭।୭(ସମିସ): ମାଲକାନଗିରି ଜିଲ୍ଲାରେ ବନ ବିଭାଗ ଜିଲ୍ଲାସ୍ତରୀୟ ପକ୍ଷରୁ ବନ ମହୋତ୍ସବ ଚାଲାଣଗୁଡା ନର୍ସରୀ ଠାରେ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଖଣ୍ଡିୟ ବନାଧିକାରୀ ସାଇ କିରଣ ଡିଏନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଚାଲାଣଗୁଡା ସରପଞ୍ଚ ଅରକ୍ଷିତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ସ୍ଥାନୀୟ ଚାଲାଣଗୁଡା ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଔଷଧୀୟ ଚାରାରୋପଣ କରାଯାଇଥିଲା। ବୃକ୍ଷ ହି ଆମ ସମସ୍ତଙ୍କ ଭବିଷ୍ୟତ। ତେଣୁ ସମସ୍ତେ ବୃକ୍ଷ ରୋପଣ କରି ଏହାର ଯତ୍ନ ନିଅନ୍ତୁ। ଅବାଧ ବୃକ୍ଷ କାଟ ଉପରେ ରୋକ ଲଗାଇବା ସହ ବନଜନ୍ତୁଙ୍କ ସୁରକ୍ଷା ପାଇଁ ସମସ୍ତେ ମିଳିମିଶି ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲାର ସମସ୍ତ ରେଞ୍ଜର, ବନ କର୍ମଚାରୀମାନେ ଯୋଗ ଦେଇଥିଲେ।

# ମୃତଦେହ ଫେରାଇ ଆଣିବାପାଇଁ ଗାଁଲୋକ ଥାନାର ଦ୍ୱାରସ୍ଥ

ଚିତ୍ରକୋଣ୍ଡା,୭।୭(ସମିସ): ମାଲକାନଗିରି ଜିଲ୍ଲା ପାପରମେଟଲା ଥାନା ଅନ୍ତର୍ଭୁକ୍ତ ତେନ୍ତୁଲିଗୁଡ଼ା ଗ୍ରାମର ଜଗେଶ୍ୱର ହନ୍ତାଲକୁ କିଛି ଦିନ ତଳେ ଆନ୍ଧ୍ରପ୍ରଦେଶ ପୁଲିସ କୌଣସି ଅପରାଧ ଘଟଣାରେ ଘରୁ ଉଠାଇ ନେଇ ବିଶାଖାପାଟଣା ଜେଲ୍‌ରେ ରଖିଥିଲା। ଜଗେଶ୍ୱର ହନ୍ତାଲଙ୍କ ଘର ଲୋକ ଗତକାଲି ଖବର ପାଇଥିଲେ ଯେ, ଜଗେଶ୍ୱର ହନ୍ତାଲଙ୍କ ବିଶାଖାପାଟଣା ଜେଲ୍‌ରେ ମୃତ୍ୟୁ ଘଟିଛି। ଏହି ଖବର ଶୁଣିବାପରେ ପାପରମେଟଲା ସରପଞ୍ଚ ଗ୍ରାମର ଲୋକଙ୍କ ସହ ଜଗେଶ୍ୱର ହନ୍ତାଲଙ୍କ ଘରଲୋକ ତାଙ୍କ ମୃତଦେହ ସେଠାରୁ ଫେରାଇ ଆଣିବାପାଇଁ ପାପରମେଟଲା ଥାନା ଆଗରେ ଧାରଣା ଦେଇଥିଲେ। ଜଗେଶ୍ୱର ହନ୍ତାଲଙ୍କ ଘର ଲୋକଙ୍କ କହିବା କଥା ସେମାନେ ବହୁତ ଗରିବ ଓ ମୃତଦେହ ଆଣିବା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ । ଆନ୍ଧ୍ରପ୍ରଦେଶ ପୁଲିସ, ପାପରମେଟଲା ପୁଲିସ ମାଧ୍ୟମରେ ଜଗେଶ୍ୱର ହନ୍ତାଲଙ୍କୁ ତାଙ୍କ ଘରୁ ଉଠେଇ ନେଇଥିଲା। ପ୍ରଶାସନ ଓ ପୋଲିସ ଜଗେଶ୍ୱର ହନ୍ତାଲଙ୍କ ମୃତଦେହକୁ ଘର ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ସେମାନେ ଦାବି କରିଛନ୍ତି।

# ବିବାଦୀୟ ଜମିରେ ପ୍ଲଟିଂ ନ କରିବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ରାୟଗଡ଼ା,୭।୭(ସମିସ) : ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ଚାନ୍ଦିଲି ଥାନା ଅନ୍ତର୍ଗତ ପେଣ୍ଟା ଗ୍ରାମର ସମ୍ମୁଲୁ ହୁଇକା ଏବଂ ଶ୍ରୀମତୀ ପିଣ୍ଡି ଗୌରୀମା ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀମତି ପାରୁଲ ପଟୱାରୀଙ୍କୁ ସାକ୍ଷାତ କରି ନିଜ ପୈତୃକ ସମ୍ପତି ଜମିରେ ଦଖଲକାରୀଙ୍କ ବର୍ତ୍ତମାନ ଚାଲିଥିବା ପ୍ଲଟ ବିକ୍ରି କାମକୁ ବନ୍ଦ କରିବାକୁ ନିବେଦନ କରି ନ୍ୟାୟ ପାଇବା ଆଶା କରିଛନ୍ତି। ଜିଲ୍ଲାପାଳଙ୍କୁ ଉଭୟ ଦେଇଥିବା ଅଭିଯୋଗ ପତ୍ର ଅନୁଯାୟୀ ପେଣ୍ଟା ଗ୍ରାମର ସମ୍ମୁଲୁ ହୁଇକାଙ୍କ ପୈତୃକ ଜମିରୁ ବେସରକାରୀ ସଂସ୍ଥା ‘ପ୍ରିପେର’କୁ ତାଙ୍କ ପିତା ଲାଛାୟା ହୁଇକା ୩ ଏକର ଜମିକୁ ଅଫିସ କରିବା ପାଇଁ ଲିଜ ଆକାରରେ ଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଜମିକୁ ସଂସ୍ଥା ପରିଚାଳକ ଜାକବ୍ ଡି.ରାଜ ତାଙ୍କ ନିଜ ନାମରେ କରିବା ସହ ଅମଲାଭଟା ନୀବାସୀ ୱାଡଲା ଶ୍ରୀନିବାସୀଙ୍କ ନାମରେ ଜମି ପଟ୍ଟା କରି ଦେଇଛନ୍ତି। ବର୍ତ୍ତମାନ ଜମିର ନ୍ୟାୟ ପାଇବା ପାଇଁ ସମ୍ମୁଲୁ ସିଭିଲ୍ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ଜମିରେ ଜବରଦଖଲ କରି ଜମିକୁ ପ୍ଲଟ କରି ବିକ୍ରି କରୁଥିବା ଅଭିଯୋଗ କରିଛନ୍ତି । ପ୍ଲଟ କାର୍ଯ୍ୟ ବନ୍ଦ କରିବା ସହ ନ୍ୟାୟାଳୟରେ ନ୍ୟାୟ ନିଷ୍ପତି ନ ହେବା ପର୍ଯ୍ୟନ୍ତ ଉକ୍ତ ଜମିରେ ସମସ୍ତ କାର୍ଯ୍ୟ ବନ୍ଦ କରିବାକୁ ଗୁହାରି ଜଣାଇଛନ୍ତି। ସେହିପରି ଶ୍ରୀମତି ପିଣ୍ଡି ଗୌରିମା ମଧ୍ୟ ତାଙ୍କ ୨.୩୧ ଏକର ଜମି ଡି.ଶ୍ରୀନିବାସ ଜବରଦଖଲ କରି ନେଇଥିବା ଅଭିଯୋଗ କରିଛନ୍ତି। ତେବେ ଏ ନେଇ ୱଡଲା ଶ୍ରୀନିବାସଙ୍କ ପ୍ରତିକ୍ରିୟା ନେବାରୁ ଜମିକୁ ନେଇ ତାଙ୍କ ପାଖରେ ସମସ୍ତ ପ୍ରକାର ସରକାରୀ ଦସ୍ତାବିଜ ରହିଛି, ଯାହାକୁ ନେଇ ସେ ମଧ୍ୟ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ନ୍ୟାୟ ପାଇଁ ଆବେଦନ କରିଥିବା ପ୍ରକାଶ କରିଛନ୍ତି।

# କଲଭର୍ଟ ପୁନଃନିର୍ମାଣ ଦାବି



କୁଡ଼ୁମୁଲୁଗୁମ୍ମା, ୭।୭(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋଟିଗୁଡ଼ା ଗ୍ରାମ ରାସ୍ତା ଉପରେ ଥିବା କଲଭର୍ଟଟି ଦୀର୍ଘ ଦିନ ଧରି ଭୁଶୁଡି ପଡ଼ିଛି। ଗାଁ ଲୋକେ କହିବା ଅନୁଯାୟୀ, ଏହି ଗାଁ ଦେଇ ପ୍ରତିଦିନ ଗାଡି ମଟର ଚଳାଚଳ ସହ ଆମ୍ବୁଲାନ୍ସ ମଧ୍ୟ ଯାତାୟାତ କରୁଛି। ପ୍ରାୟ ଦଶ ଖଣ୍ଡ ଗାଁର ଲୋକ ଏହି ଗାଁ ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏହି ରାସ୍ତାଟି କୁଡ଼ୁମୁଲୁଗୁମ୍ମା ଓ ପାଙ୍ଗାମ୍ ମୁଖ୍ୟ ରାସ୍ତା ସହ ମଧ୍ୟ ସଂଯୋଗ ଅଛି। ଏଣୁ ଏହି ରାସ୍ତା ରେ ଥିବା କଲଭର୍ଟଟି ଭାଙ୍ଗି ଯିବା ଦ୍ୱାରା ଲୋକ ମାନେ ନାହିଁ ନଥିବାର ଅସୁବିଧା ଭୋଗୁଛନ୍ତି। ଏହାର ପୁନର୍ନିର୍ମାଣ କାର୍ଯ୍ୟ ପାଇଁ ବିଧାୟକ, ପ୍ରଶାସନକୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ତାଙ୍କ କଥା ଶୁଣିନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଏହି କଲଭର୍ଟକୁ ଅତି ଶୀଘ୍ର ନିର୍ମାଣ କରିବାକୁ ଲୋକେ ଦାବି କରିଛନ୍ତି।

# ହିନ୍ଦୁ ଧର୍ମର ସୁରକ୍ଷା ପାଇଁ ଶୋଭାଯାତ୍ରା




ମାଲକାନଗିରି, ୭।୭(ସମିସ): ମାଲକାନଗିରି ଜିଲ୍ଲାରେ ଶାନ୍ତି ପ୍ରତିଷ୍ଠା ଓ ଧର୍ମ ସୁରକ୍ଷା ନିମନ୍ତେ ରାଷ୍ଟ୍ରୀୟ ଧର୍ମ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ଜିଲ୍ଲାର ୧୪ ଗୋଟି ବିଭିନ୍ନ ହିନ୍ଦୁ ସଂଗଠନ ସହଯୋଗ କରିବା ସହ ବହୁ ସଂଖ୍ୟକ ଲୋକେ ସାମିଲ ହୋଇଥିଲେ। ହିନ୍ଦୁ ଧର୍ମର ସୁରକ୍ଷା ସହ ଜିଲ୍ଲାରେ ସମସ୍ତେ କିପରି ଶାନ୍ତି ଶୃଙ୍ଖଳା ଓ ଭାଇଚାରାର ସହ ମିଳିମିଶି ରହିବେ, ଧର୍ମାନ୍ତିକରଣକୁ ରୋକିବା ଭଳି ବିଭିନ୍ନ ଦାବି କରି ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଭାରତର ଅଖଣ୍ଡତା ବଞ୍ଚାଇ ରଖିବା ସହ ହିନ୍ଦୁ ମାନଙ୍କୁ ଓ ହିନ୍ଦୁ ଧର୍ମକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ଏକ ସ୍ୱରରେ ଦାବି କରିଥିଲେ। ଏହି ଶୋଭାଯାତ୍ରା ଜିଲ୍ଲା ସଦର ବସଷ୍ଟାଣ୍ଡ ଠାରୁ ବାହାରି ଜିଲ୍ଲା ସଦର ମହକୁମା ପରିକ୍ରମା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା।

■ ବିଦ୍ୟୁତ୍ ଆଘାତରେ ୫ମ ଶ୍ରେଣୀ ଛାତ୍ରୀ ଆହତ ନେଇ ଉତ୍ତେଜନା

# ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ:ଜିଲ୍ଲା ଶିକ୍ଷାଧିକାରୀ



ମାଲକାନଗିରି, ୭।୭(ସମିସ): ମଧ୍ୟାହ୍ନଭୋଜନ ଖାଇ ନଳକୂଅ ନିକଟରେ ହାତ ଧୋଉ ଥିବା ବେଳେ କରେଣ୍ଟ ଲାଗି ଜଣେ ୫ମ ଶ୍ରେଣୀ ଛାତ୍ରୀ ଆହତ ହୋଇଛନ୍ତି। ଏହି ଘଟଣା ପରେ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ସ୍ଥଳରେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଓ ଅନ୍ୟାନ ଶିକ୍ଷାବିଭାଗ କର୍ମଚାରୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହିତ ଗ୍ରାମବାସୀଙ୍କୁ ବୁଝାସୁଝା କରିଛନ୍ତି। ପରବର୍ତ୍ତୀ ସମୟରେ ଏପରି ଘଟଣା ଯେପରି ନ ଘଟେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ତାଗିଦ କରିଛନ୍ତି। ସୂଚନାଯୋଗ୍ୟ, ମାଲକାନଗିରି ବ୍ଲକସ୍ଥ ଚଲାଣଗୁଡା ପଞ୍ଚାୟତ ପ୍ରଧାଣିଗୁଡା ଗ୍ରାମର କମଳ ଲୋଚନ ହରିଜନଙ୍କ ଝିଅ ରଞ୍ଜିତା ହରିଜନ (୧୦) ମୁଣ୍ଡଗୁଡା ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପାଠ ପଢେ। ଆଜି ମଧ୍ୟାହ୍ନଭୋଜନ ଖାଇସାରି ହାତ ଧୋଇବା ପାଇଁ ସେ ବିଦ୍ୟାଳୟଠାରୁ କିଛି ଦୂର ରାସ୍ତା କଡରେ ଥିବା ଏକ ନଳକୂପ ନିକଟକୁ ଯାଇଥିଲା। ଉକ୍ତ ନଳକୂପରେ ମୋଟର ସଂଯୋଗ ହୋଇ ରହିଥିବା ବେଳେ ବିଦ୍ୟୁତ୍ ତାର ଖୋଲା ଥିବାରୁ ଛାତ୍ରୀ ଜଣଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା। ଫଳରେ ଛାତ୍ରୀ ଜଣଙ୍କ ନଳକୂପ ନିକଟରେ ଚିତ୍କାର କରିବାରୁ ସେହି ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଏହା ଦେଖି ଉକ୍ତ ଛାତ୍ରୀକୁ ଉଦ୍ଧାର କରିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ଓ ଗ୍ରାମବାସୀ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଝିଅକୁ ନେଇ ଚିକିତ୍ସା କରିଥିଲେ। ଏହି ଘଟଣା ପରେ ଗ୍ରାମରେ ଚାପା ଉତେଜନା ପ୍ରକାଶ ପାଇଥିଲା। ଏହା ଜାଣି ପାରି ସଙ୍ଗେ ସଙ୍ଗେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ଛାତ୍ରୀର ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଏହା ସହ ଏହି ଘଟଣାକୁ ନେଇ ସେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଛନ୍ତି। ଘଟଣାର ତଦନ୍ତ ପାଇଁ ସେ ନିର୍ଦ୍ଦେଶ ଦେଇଥିବା ବେଳେ ଏଥିରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଭୁଲ ରହିଥିବା ସେ ପରୋକ୍ଷରେ ସ୍ୱୀକାର କରିଛନ୍ତି। ତଦନ୍ତ ରିପୋର୍ଟ ପାଇଲେ ସେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।

# ମେଧାବୀ ତାଲିକାରେ ଟିକିରି ଶିଶୁ ମନ୍ଦିରର ୩ ଛାତ୍ରଛାତ୍ରୀ



ଟିକିରି, ୭।୭(ସମିସ): ଚଳିତ ବର୍ଷର ସଙ୍କୁଳସ୍ତରୀୟ ମେଧାବୀ ତାଲିକାରେ ଟିକିରି ସରସ୍ୱତୀ ଶିଶୁ ମନ୍ଦିର ତିନିଜଣ ଦଶମ ପାସ୍ ଛାତ୍ରଛାତ୍ରୀ ସ୍ଥାନ ପାଇଛନ୍ତି । ଦଶମ ବୋର୍ଡ ପରୀକ୍ଷାରେ ‘ଏ’ ଏବଂ “ବି’ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀଙ୍କୁ ଗତ ଦିନରେ ରାୟଗଡ଼ାଠାରେ ଅନୁଷ୍ଠିତ ସଙ୍କୁଳସ୍ତରୀୟ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଟିକିରିର ତିନି ମେଧାବୀ ଛାତ୍ରଛାତ୍ରୀ ଶୀତୁଲ୍ ବେହେରା, ଚନ୍ଦ୍ରଶେଖର ସାହୁ ଏବଂ ଦେବଯାନୀ କରଙ୍କୁ ଆଜି ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପୁଷ୍ପକେତୁ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ମହେନ୍ଦ୍ର କୁମାର ସ୍ୱାଇଁ, ପଦ୍ମନାଭ ମହାନ୍ତି ଅତିଥି ଭାବେ ଯୋଗ ଦେଇ ତିନି ମେଧାବୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ଅଡୁଗୁଡ଼ା ଗ୍ରାମବାସିନ୍ଦା



ରାୟଗଡ଼ା,୭।୭(ସମିସ): ରାୟଗଡ଼ା ପୌର ପରିଷଦର ୱାର୍ଡ ନମ୍ବର ୨୪ରେ ଥିବା ଅଡୁଗୁଡା ଗ୍ରାମବାସୀ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବାରୁ ଅବହେଳିତ ଅଧିବାସୀଙ୍କୁ ସମସ୍ତ ପ୍ରକାରର ସରକାରୀ ସୁବିଧା ପହଞ୍ଚାଇବାର ପଦକ୍ଷେପ ଗ୍ରହଣ କରିବାକୁ ଆଜି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲ୍ଲାପାଳ ଶ୍ରୀମତି ପାରୁଲ ପଟାୱାରୀଙ୍କୁ ସାକ୍ଷାତ କରି ଅଡୁଗୁଡା ବାସୀନ୍ଦା ଗୁହାରୀ କରିଛନ୍ତି। ପୂର୍ବରୁ କାମ ଧନ୍ଦା ଅନ୍ୱେଷଣରେ ପ୍ରାୟ ୩୦୦ପରିବାର ରାୟଗଡ଼ା। ସହରକୁ ଆସି ଅଡୁଗୁଡା ଗ୍ରାମରେ ବସବାସ କରି ରହିଆସୁଛନ୍ତି। ଧୀରେ ଧୀରେ ଗାଁରେ ଜନସଂଖ୍ୟା ବୃଦ୍ଧି ପାଇଥିବା ବେଳେ ଗ୍ରାମବାସୀଙ୍କ ମୌଳିକ ସମସ୍ୟା ସମାଧାନକୁ ନେଇ ବାରମ୍ବାର ପୌର ଓ ଜିଲ୍ଲା ପ୍ରଶାସନ ପାଖେ ଦ୍ୱାରସ୍ଥ ହେବା ସତ୍ତ୍ୱେ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ରହି ଅବହେଳିତ ହୋଇ ଆସୁଛନ୍ତି ବୋଲି ଦରଖାସ୍ତରେ ଉଲ୍ଲେଖ କରିଛନ୍ତି ଗ୍ରାମବାସୀ। ବିସ୍ଥାପିତ ହୋଇ ଏଠାରେ ଦୀର୍ଘ ବର୍ଷ ରହଣି ସତ୍ତ୍ୱେ ଗ୍ରାମବାସୀଙ୍କୁ ଘରପଟ୍ଟା ପଞ୍ଜିକୃତ ହୋଇ ନ ଥିବାରୁ ସରକାରୀ ଆବାସ ଯୋଜନାରୁ ଗ୍ରାମବାସୀ ବଞ୍ଚିତ ଅଛନ୍ତି। ବିଦ୍ୟାଳୟମାନଙ୍କରେ ପିଲାମାନେ ନାମ ଲେଖାରୁ ବାଦ ପଡୁଛନ୍ତି। ଫଳରେ ସେମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଏପରିକି ପକ୍କା ଘରଟିଏ ନ ଥିବାରୁ ବର୍ଷା ଦିନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୩୨୬ ନମ୍ବର ଜାତୀୟ ରାଜପଥ ଠାରୁ ଗ୍ରାମକୁ ଯାତାୟାତ ନିମନ୍ତେ ପକ୍କା ରାସ୍ତାର ସୁବିଧା ନ ଥିବାରୁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଆମ୍ବୁଲାନ୍ସ ମଧ୍ୟ ଗାଁ ଭିତରକୁ ଯାଇପାରୁନାହିଁ। ସେହିପରି ଗ୍ରାମରେ ପାନୀୟ ଜଳ ସମସ୍ୟା ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବେଳେ ଏହାର ସମାଧାନ ଦିଗରେ ମଧ୍ୟ ପ୍ରଶାସନ ଦୃଷ୍ଟି ଦେଉ ନ ଥିବା ଗ୍ରାମର ଶିବ ମାଣ୍ଡାଙ୍ଗି, ସନ୍ତୋଷ ନାଚିକା, ସୁବାରାଓ ହିମିରିକା, ଅଶ୍ୱିନି ହିମିରିକା, ବିଶି ହୁଇକା, କ୍ରିସା ମାଣ୍ଡାଙ୍ଗି, ଲିଙ୍ଗା ବିଡିକା, ମୀନତା ନାଚିକା, ଆଲାଇ ନାଚିକାଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି। ତେବେ ଗ୍ରାମବାସୀଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅବଗତ ହେବା ପରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




ଶିକରପାଇ,୭।୭(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଙ୍ଗପୁର ବ୍ଲକ ସିକରପାଇ ଠାରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜୀତ୍ କୁମାର ଗିରି ସଭାପତିତ୍ୱ କରିଥିଲେ। ଫରେଷ୍ଟ ଗାର୍ଡ ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକଙ୍କ ସମେତ ବିଦ୍ୟାଳୟର ଭାରପ୍ରାପ୍ତ ଇକୋ କ୍ଲବ ଶିକ୍ଷକ ତାପସ କୁମାର ଦଳାଇ ଏବଂ ଅନନ୍ତ ସାହୁ, ଈଶ୍ୱର ମାଣ୍ଡାଙ୍ଗୀ, ସିଦ୍ଧାନ୍ତ କୁଲିସିକା, ସୋନିଆ ଦିପ୍, ସାଇ ଜ୍ୟୋତି ବେହେରା,ସନ୍ତୋଷ ମହାରଣା, ଜି. ମୁରଲି ମୋହିନି, ଜିତେନ୍ଦ୍ର ମାଲେଟି, ବିଦ୍ୟାଳୟର ସମସ୍ତ ଶିକ୍ଷାର୍ଥୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସଫଳ କରିଥିଲେ। ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଏବଂ ପ୍ଲାଷ୍ଟିକ୍ ମୁକ୍ତ ବିଦ୍ୟାଳୟ ଉପରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇଥିଲା। ପରେ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କାର ବିତରଣ କରାଗଲା। ବିଦ୍ୟାଳୟର ଶିକ୍ଷାର୍ଥୀ ମାନଙ୍କୁ ନିଜ ନିଜ ମା’ଙ୍କ ନାମରେ ଗୋଟିଏ ଗୋଟିଏ ଚାରାଲଗାଇ ତାର ଯତ୍ନ କରିବା ପାଇଁ ପରାମର୍ଶ ଦିଆଗଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ୟକ୍ତବ୍ୟ ମାଧ୍ୟମରେ ବିଦ୍ୟାଳୟକୁ ମିଳିଥିବା ପୁରସ୍କାର ତଥା ଉତ୍ତମ ଇକୋ କ୍ଲବ ୨୦୨୫ , ପୁନଶ୍ଚ ପୃଥିବୀ, ପ୍ରକୃତିମିତ୍ର ୨୦୨୪ ସହ ପକ୍ଷୀଙ୍କ ପାଇଁ ଚଢେଇ ବସା ଓ ଖରାଦିନ ପାଇଁ ଜଳ ଯୋଗାଣ, ବୃକ୍ଷକୁ ରକ୍ଷା ବନ୍ଧନ, ପ୍ରାକୃତିକ ଶିବିର ଭଳି ଅନେକ କାର୍ଯ୍ୟକ୍ରମ ଏହି ବିଦ୍ୟାଳୟରେ ପାଳନ କରାଯାଉଛି ବୋଲି କହିଥିଲେ। ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ତାପସ କୁମାର ଦଳାଇଙ୍କୁ କଲ୍ୟାଣସିଂଙ୍ଗପୁର ବ୍ଲକର ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ହେତୁ ବନ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା କରାଗଲା। କେବଳ ମାଙ୍କ ନାମରେ ଗୋଟିଏ ବୃକ୍ଷ ନୁହେଁ ଏକାଧିକ ବୃକ୍ଷ ଲଗାନ୍ତୁ ଏବଂ ନିଜ ଜନ୍ମ ଦିନରେ ରାସ୍ତା ଘାଟରେ ଜଙ୍ଗଲ ଭିତରେ ଖାଲି ଥିବା ସ୍ଥାନରେ ବିଭିନ୍ନ ମଞ୍ଜିକୁ ନେଇ ଫୋପାଡ଼ି ଏକ ସୁନ୍ଦର ପରିବେଶ ଗଢ଼ିବା ଭଳି ବାର୍ତ୍ତା ପିଲାଙ୍କ ପାଖରେ ପହଞ୍ଚାଇ ବନ ମହୋତ୍ସବ ଉଦ୍‌ଯାପନ କରାଯାଇଥିଲା ।

ସକାଳ THE SAKALA



# ଦେଢ଼ ବର୍ଷ ପରେ ପୁଣି ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା



ନବରଙ୍ଗପୁର, ୭।୭ (ସମିସ): ପାଖାପାଖି ଦେଢ଼ବର୍ଷ ପରେ ପୁଣି ଥରେ ଆରମ୍ଭ ହୋଇଛି ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା। ଉପାନ୍ତ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା ଆଦି ଜିଲ୍ଲାଗୁଡ଼ିକର ଗୁରୁତର ରୋଗୀମାନଙ୍କ ଚିକିତ୍ସା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆରମ୍ଭ କରିଥିଲେ। ରାଜଧାନୀରୁ ବରିଷ୍ଠ ଓ ବିଶେଷଜ୍ଞ ଡାକ୍ତରମାନେ ଉପାନ୍ତ ଅଞ୍ଚଳକୁ

**ଉପାନ୍ତରେ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିଥିଲେ ନବୀନ ପଟ୍ଟନାୟକ**

ଯାଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିଲେ। ଏପରିକି ଆବଶ୍ୟକସ୍ଥଳେ ରୋଗୀମାନଙ୍କୁ କଟକ, ବ୍ରହ୍ମପୁର, ଭୁବନେଶ୍ୱର ଆଦି ସହରର ବଡ଼ ଡାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ପ୍ରାୟ ଦେଢ଼ବର୍ଷ ଧରି ବନ୍ଦ ହୋଇ ଯାଇଥିବା ସେବାକୁ ପୁନର୍ବାର ଆରମ୍ଭ କରାଯାଇଛି। ୪ ଦିନ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜର ଅଭିଜ୍ଞ ଓ ବରିଷ୍ଠ ଡାକ୍ତର ଯୋଗ ଦେଇଛନ୍ତି। ପ୍ରଥମ ଦିନରେ ୨୬୩ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଛି। ଆଜି ସ୍ନାୟୁ ବିଭାଗର ଡା. ରାକେଶ ମହାନ୍ତି, ମୂତ୍ରାଶୟ ବିଭାଗ ଡା. ବିଶ୍ୱଜିତ ସାହୁ, କିଡ୍‌ନୀ ଜନିତ ରୋଗ ବିଭାଗର ଡା. ଲିପିକା ପାଣିଗ୍ରାହୀ, ହୃଦ୍‌ରୋଗ ବିଭାଗର ଡା. ସୁମିତ୍ କୁମାର ସାହୁ, ପେଟ ଓ ଗ୍ୟାସ୍ ଜନିତ ବିଭାଗ ଡା. ରାକେଶ ମହାନ୍ତି ପ୍ରମୁଖ ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି।

ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଆସନ୍ତା ୮, ୯ ଓ ୧୦ ତାରିଖରେ ରୋଗୀମାନଙ୍କୁ ସୁପରସ୍ପେସିଆଲିଟି ବରିଷ୍ଠ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା କରାଯିବାର ବ୍ୟବସ୍ଥା କରାଯାଇଛି। ୧୦ ତାରିଖ ଦିନ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ଜନିତ ପରାମର୍ଶ ଓ ଔଷଧ ପ୍ରଦାନ କରାଯିବ। ଜିଲ୍ଲାପାଳ ଡଃ ଶୁଭଙ୍କର ମହାପାତ୍ର ଏହି ଶିବିରକୁ ପରିଦର୍ଶନ କରି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ନିରୀକ୍ଷଣ କରିବା ସହ ରୋଗୀମାନଙ୍କ ଯେଭଳି କୌଣସି ଅସୁବିଧା ନ ହୁଏ, ତା' ଉପରେ ବିଶେଷ ଦୃଷ୍ଟି ଦେବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଓ ଏହାର ସଫଳ ରୂପାୟନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ଡିପିଏଚଓ ଡା. ନବକିଶୋର ବେହେରା, ଡା. ସୁକାନ୍ତ ଶତପଥୀ, ଡିପିଏମ୍, ଏନ୍‌ଏଚ୍‌ଏମ ଶଙ୍କର ଆଚାର୍ଯ୍ୟଙ୍କ ସମେତ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ହସ୍ପିଟାଲ ମ୍ୟାନେଜର୍, ଆୟୁଷ ଡାକ୍ତର, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

■ ବଣ୍ଡାଘାଟିରେ ଜନନୀ ଯନ୍ତ୍ରଣା

## ୭ କିମି ଭାରରେ ବୁହାହେଲେ ଗର୍ଭବତୀ



ମାଲକାନଗିରି/ଖଇରପୁଟ, ୭।୭ (ସମିସ): ରାସ୍ତା ନଥିବାରୁ ଭାରରେ ୭ କିମି ବୁହା ହେଲେ ଗର୍ଭବତୀ। ମାଲକାନଗିରି ଜିଲ୍ଲାରୁ ପୁଣି ଏଭଳି ଏକ ଜନନୀ ଯନ୍ତ୍ରଣାର ଚିତ୍ର ପଦାକୁ ଆସିଛି। ଜିଲ୍ଲାର ଖଇରପୁଟ ବ୍ଲକ୍ ବଣ୍ଡାଘାଟିରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ସୂଚନାନୁଯାୟୀ, ଘାଟିର ଭଜଗୁଡ଼ା ଗ୍ରାମର ରଞ୍ଜନ ଭଜଙ୍କ ସ୍ତ୍ରୀ ସୁନାଇ ଭଜ ଗର୍ଭବତୀ ଥିଲେ। ଆଜି ତାଙ୍କ ପ୍ରସବ ବେଦନା ହେବାରୁ ପରିବାରଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି ଗାଁକୁ ଆସିପାରିନଥିଲା। ତୁସେଇପଡା ଗାଁମୁଣ୍ଡରେ ଅଟକି ରହିଥିଲା। ତେଣୁ, ପରିବାରଲୋକେ ଆଶାଦିଦିଙ୍କ ସହ ଦୀର୍ଘ ୧୦କିଲୋମିଟ ଭାରରେ ସୁନାଇଙ୍କୁ ବୋହି ଆମ୍ବୁଲାନ୍ସ ପାଖକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଖଇରପୁଟ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।

## ୮ ଲକ୍ଷ ଇନାମୀ ମାଓବାଦୀ ନିହତ

ମାଲକାନଗିରି, ୭।୭(ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ସୁରକ୍ଷା କର୍ମୀଙ୍କ ଗୁଳିରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ନିହତ ହୋଇଛି। ମୃତ ମାଓବାଦୀ ହେଲା, ପିଏଲଜିଏ ବାଟାଲିୟନ ନମ୍ବର ୧ର ଡେପୁଟି କମାଣ୍ଡର୍ ସୋଡ଼ି କନ୍ନା ଓରଫ୍ ପଦନାମ। ପଦନାମ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ଼ ସରକାର ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ନ୍ୟାସନାଲ ପାର୍କ ଜଙ୍ଗଲରେ ମାଓବାଦୀ ମାନେ ଏକ ଶିବିର କରି ରହିଥିବା ନେଇ ପୁଲିସର ଗୁଇନ୍ଦା ବିଭାଗକୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ଡିଆରଜି, ସିଆରପିଏଫ ଓ ଏସ୍‌ଟିଏଫର ଯବାନ ମାନେ ସେଠାରେ ଅପରେସନ ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ସେଠାରେ ସର୍ଚ୍ଚ ଅପରେସନ ଜାରି ରହିଛି ବୋଲି ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୁଚନା ଦେଇଛନ୍ତି।

■ ଲାଲବାହିନୀର ବର୍ବରତା

## ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ମାଲକାନଗିରି, ୭।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁରରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ବିଜାପୁର ଜିଲ୍ଲା ଚିନାପୋଡିକାଲ ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ମୃତ ପୂର୍ବତନ ସରପଞ୍ଚ ହେଉଛନ୍ତି, ବିଜୟ ଜବା। ପ୍ରାୟ ୧୦ ସଶସ୍ତ୍ର ମାଓବାଦୀ ଗାଁ ମଧ୍ୟକୁ ପଶି ବିଜୟଙ୍କୁ ଘରୁ ଉଠାଇ ଆଣି ନିସ୍ତୁକ ମାଡ଼ ମାରିବା ସହ ହତ୍ୟା କରିଥିଲେ। ପରେ ତାଙ୍କ ମରଶରୀରକୁ ଗ୍ରାମ ନିକଟରେ ଫିଙ୍ଗି ସେଠାରୁ ଚାଲି ଯାଇଥିଲେ। ପୁଲିସ୍ ସୂଚନାଦାତା ସନ୍ଦେହରେ ଏହି ହତ୍ୟା କରାଯାଇଥିବା ସୂଚନା ମିଳିଛି। ଅଞ୍ଚଳରେ ଭୟର ବାତାବରଣ ଖେଳି ଯାଇଛି। ଆଜି ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଭିଜିଲାନ୍ସ ଜାଲରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଡାକ୍ତର





ରେଢ଼ାଖୋଲ/ସମ୍ବଲପୁର, ୭।୭ (ସମିସ) : ଜଣେ ହିତାଧିକାରୀଙ୍କଠାରୁ ସବ୍‌ସିଡି ଟଙ୍କା ରିଲିଜ୍ କରିବା ପାଇଁ ଲାଞ୍ଚ ନେଉଥିବା ସମୟରେ ରେଢ଼ାଖୋଲ ବ୍ଲକ୍ ପ୍ରାଣୀଧନ ଅଧିକାରୀ (ବିଭିଓ) ଡା. ଶୁଭ ପ୍ରକାଶ ସୋରେନ ଏବଂ ପ୍ରୋଗ୍ରାମ ଆସିଷ୍ଟାଣ୍ଟ (ପିଏ) ମହେଶ୍ୱର ସାହୁଙ୍କୁ ସମ୍ବଲପୁର ଭିଜିଲାନ୍ସ ଗିରଫ କରିଛି। ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡା. ସୋରେନଙ୍କ ଭଡ଼ାଘର ଓ କାର୍ଯ୍ୟାଳୟରେ ମଧ୍ୟ ଯାଞ୍ଚ କରାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ବ୍ରଏଲର୍ ପୋଲଟରି ଫାର୍ମ ସ୍କିମ୍‌ର ଜଣେ ହିତାଧିକାରୀ ଗତ ଏପ୍ରିଲ ମାସରେ ବ୍ରଏଲର୍ ଫାର୍ମ ନିର୍ମାଣ କରି ସବ୍‌ସିଡି ଅର୍ଥ ୯୦୦୦୦ ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ସେ ଡା. ସୋରେନଙ୍କୁ ତାଙ୍କ ସବସିଡିର ଦ୍ୱିତୀୟ କିସ୍ତି ୫୪୦୦୦ ଟଙ୍କା ରିଲିଜ୍ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ବିଭିଓ ଡା. ସୋରେନ୍ ତାହା ରିଲିଜ୍ କରିବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହିତାଧିକାରୀଜଣଙ୍କ ଏ ସଂପର୍କରେ ସମ୍ବଲପୁର ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଟୋଲ ଫ୍ରି ନଂ. ୧୦୬୪ରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସର ଏକ ଟିମ୍ ଜାଲ୍ ବିଛାଇ ଆଜି ବିଭିଓ ଡା. ଶୁଭ ପ୍ରକାଶ ସୋରେନ ଓ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମହେଶ୍ୱର ସାହୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଧରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ପରେ ଏକା ସମୟରେ ଡା. ସୋରେନଙ୍କ ରେଢ଼ାଖୋଲସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟ ଯାଞ୍ଚ କରାଯାଇଥିଲା। ଉଭୟ ଡା. ଶୁଭ ପ୍ରକାଶ ସୋରେନ ଓ ମହେଶ୍ୱର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଥାନା କେସ ନଂ ୧୪/୨୦୨୫ ଦଫା ୭/୧୨ ପ୍ରିଭେନ୍‌ସନ୍ ଅଫ୍ କରପ୍‌ସନ୍ (ଆମେଣ୍ଡମେଣ୍ଟ) ଆକ୍ଟ, ୨୦୧୮ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

**ଯୁକ୍ତ ୨ ନାମଲେଖା ମେଧା ତାଲିକା**

## ରେଭେନ୍ସା ପ୍ରଥମ ପସନ୍ଦ

ଭୁବନେଶ୍ୱର, ୭।୭ (ସମିସ): ଯୁକ୍ତ ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପ୍ରଥମ ପସନ୍ଦ ହୋଇଛି। କଳାରେ ୮୯.୩୩% କଟ୍-ଅଫ୍ ଯାଇଥିବା ବେଳେ ବିଜ୍ଞାନରେ ୯୧.୮୩% ଓ ବାଣିଜ୍ୟରେ ୮୦.୨୦% ମାର୍କ କଟ୍-ଅଫ୍ ଯାଇଛି। ସମୁଦାୟ ୪ଲକ୍ଷ ୪୬ହଜାର ୨୦୫ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ବେଳେ ଏହାର ପ୍ରାୟ ୯୩% ଅର୍ଥାତ୍ ୪ଲକ୍ଷ

■ ପ୍ରଥମ ରାଉଣ୍ଡରେ ୯୩% ଛାତ୍ରଛାତ୍ରୀ ମନୋନୀତ
■ ୮ରୁ ୧୪ ମଧ୍ୟରେ ନାମଲେଖା; ୨୪ରୁ ପାଠପଢ଼ା

୧୩ହଜାର ୮୦୪ଜଣ ପ୍ରଥମ ରାଉଣ୍ଡରେ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ୧୪ ତାରିଖ ମଧ୍ୟରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ।

ଚୟନ ପିଲାଙ୍କ ମଧ୍ୟରେ ୧ଲକ୍ଷ ୯୬ହଜାର ୨୬୮ଜଣ ଛାତ୍ର ଥିବା ବେଳେ ୨ଲକ୍ଷ୧୭ହଜାର୫୨୯ ଜଣଛାତ୍ରୀ ରହିଛନ୍ତି। ସେହିପରି କଳା ପାଠ୍ୟକ୍ରମ ପାଇଁ ସର୍ବାଧିକ ୨ଲକ୍ଷ ୬୪ହଜାର ୭୬୬ ଜଣ, ବିଜ୍ଞାନରେ ୧ଲକ୍ଷ ୧୭ହଜାର ୮୯ଜଣ, ବାଣିଜ୍ୟରେ ୨୦,୫୫୨ଜଣ, ଉପଶାସ୍ତ୍ରୀ(ସଂସ୍କୃତ)ରେ ୬,୮୧୧ଜଣ ଏବଂ ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ୪,୫୮୬ ଜଣ ଚୟନ ହୋଇଛନ୍ତି। ପ୍ରଥମ ଚଏସ୍ ଦେଇଥିବା ୨ଲକ୍ଷ ୮୭ହଜାର ୨୧୯ ଜଣ ଛାତ୍ରଛାତ୍ରୀ ମନେନୀତ ହୋଇଛନ୍ତି। ସେମାନେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବାଧ୍ୟ। ଅର୍ଥାତ୍ ପ୍ରଥମ ରାଉଣ୍ଡ ପରେ ପ୍ରାୟ ୭୦% ସିଟ୍ ପୂରଣ ହେବ।

କଳା ପାଠ୍ୟକ୍ରମ ପାଇଁ କଟକସ୍ଥିତ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସର୍ବାଧିକ କଟ୍-ଅଫ୍ ୮୯.୩୩% ଯାଇଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୭.୩୩% ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୭୬.୮୬% କଟ୍-ଅଫ୍ ଯାଇଛି। ସେହିପରି ବିଜ୍ଞାନ ପାଠ୍ୟକ୍ରମ ପାଇଁ ରେଭେନ୍ସା କଟ୍-ଅଫ୍ ସର୍ବାଧିକ ୯୧.୮୩% ଥିବା ବେଳେ ବିଜେବି କଲେଜର ୮୯.୪୦% ଓ ବାଲେଶ୍ୱରସ୍ଥିତ ଫକୀର ମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୭.୫% କଟ୍-ଅଫ୍ ରହିଛି। ବାଣିଜ୍ୟ ପାଠ୍ୟକ୍ରମ ପାଇଁ ରେଭେନ୍ସାର ୮୦.୨୦% କଟ୍-ଅଫ୍ ଥିବା ବେଳେ ରାଉରକେଲା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୮.୬୭% ଏବଂ ବିଜେବି କଲେଜର ୭୩.୫୦% କଟ୍-ଅଫ୍ ଯାଇଛି। ସୂଚନାଯୋଗ୍ୟ, ଜୁଲାଇ ୨୪ରୁ ପାଠପଢ଼ା ଆରମ୍ଭ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରହିଛି।

## ଓପିଜିସି ଜନଶୁଣାଣିରେ ପ୍ରବଳ ହଟ୍ଟଗୋଳ

ଇବ୍‌ଥର୍ମାଲ, ୭।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ବନହରପାଲିସ୍ଥିତ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍(ଓପିଜିସି)ର ତୃତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (୨x୬୬୦) ମେଗାୱାଟ୍ ୟୁନିଟ୍ ୫ ଓ ୬ ପାଇଁ ତେଲେନପାଲି ହାଟ ପଡ଼ିଆରେ ସୋମବାର ଜନଶୁଣାଣି କରାଯାଇଛି। ପ୍ରବଳ ବିରୋଧ, ପାଟିତୁଣ୍ଡ ଓ ହଟ୍ଟଗୋଳ ମଧ୍ୟରେ ଜନଶୁଣାଣି ଶେଷ ହୋଇଥିବା ବେଳେ ମାତ୍ର ୫ଜଣ ମତ ରଖିଛନ୍ତି। ଏପରିକି, କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ପୁଲିସ୍ ଛାଉଣୀ କରାଯାଇଥିଲା।

ଝାରସୁଗୁଡ଼ା ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ତଥା ପ୍ରଦୂଷଣ ବୋର୍ଡ ଅଧିକାରୀ ହିରଣ୍ୟ ନାଏକଙ୍କ ଉପସ୍ଥିତିରେ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଶୁଣାଣିକୁ ସ୍ଥାନୀୟ ପଞ୍ଚାୟତର ଜନସାଧାରଣ ବିରୋଧ କରିଥିଲେ। ଏହାସତ୍ତ୍ୱେ ଓପିଜିସି ଇଏଚ୍‌ଏସ୍ ମୁଖ୍ୟ ସୀତାରାମ ସାହୁ ଉଦ୍ଦେଶ୍ୟ ଜ୍ଞାପନ ସହ କାର୍ଯ୍ୟନିର୍ବାହୀ ସାରଣୀର ବିବରଣୀ ପାଠ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ସମୟରେ ଶହଶହ ଅଞ୍ଚଳବାସୀ ତଥା ଆଖପାଖ ୧୦ଟି ପଞ୍ଚାୟତର ପିଆରଆଇ ମେମ୍ବର, ଜନପ୍ରତିନିଧି, ରାଜନୈତିକ ଦଳ ପ୍ରତିନିଧି ସମସ୍ତେ ଏକ ସ୍ୱରରେ ଜନଶୁଣାଣିର ତୀବ୍ର ବିରୋଧ କରିଥିଲେ। ମହିଳାମାନେ ମଧ୍ୟ ବିରୋଧରେ ସାମିଲ ହୋଇଥିଲେ। ବିରୋଧର ସ୍ୱର ଏତେ ତୀବ୍ର ଥିଲା ଯେ କେବଳ "ଜନଶୁଣାଣି ବନ୍ଦକର, ପିଜିସି ଗୋ ବ୍ୟାକ୍" ନାରା ଶୁଭୁଥିଲା।



ଜଣଶୁଣାଣିରେ ୫ ଜଣ ଭାଗ ନେଇଥିଲେ। ସେଥିମଧ୍ୟରୁ ୨ଜଣ ସ୍ତ୍ରୀ ଲୋକ ଯାଇ ତାଙ୍କ ଅଭିଯୋଗ ପତ୍ର ଦେଇଥିଲେ, ଅନ୍ୟ ଦୁଇଜଣ ଓପିଜିସି ବିରୋଧରେ କହିଥିଲେ ଏବଂ ମାତ୍ର ଜଣଙ୍କ ପାଇଁ ଜନଶୁଣାଣି ହେଲା। ଫଳରେ ଏହା ବହୁ ଆଡ଼ମ୍ବରରେ ଲଘୁକ୍ରିୟା ବୋଲି ଚର୍ଚ୍ଚା ହୋଇଛି। କେବଳ ବିଜେପି ସଭାପତି ରଘୁନନ୍ଦନ ପଣ୍ଡା କହିଥିଲେ। ହେଲେ ସେ କହିଲା ବେଳେ ତାଙ୍କ ବିରୋଧରେ ହଜାର ହଜାର ଲୋକ ନାରାବାଜି କରିଥିଲେ। ନିଜେ ଅପରେସନ ଡାଇରେକ୍ଟର ଏଆର୍ ଦାସ ଲୋକଙ୍କ ପାଖକୁ ଯାଇ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଜନଶୁଣାଣିକୁ ବର୍ଜନ କରିବା ସହ ଆଗକୁ ଓପିଜିସିକୁ କୌଣସି ପ୍ରକାରେ ଜମି ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ କୁହାଯାଇଥିଲା। ଶେଷରେ ଓପିଜିସି ଅପରେସନ୍ ଡାଇରେକ୍ଟର୍ ଅଞ୍ଜନ ରଞ୍ଜନ ଦାସ ମଧ୍ୟ ମତ ରଖିଲା ବେଳକୁ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା। ଏ ସଂକ୍ରାନ୍ତରେ

■ ମାତ୍ର ୫ ଜଣ ରଖିଲେ ମତ
■ ପୁଲିସ ଛାଉଣୀରେ ହେଲା ଜନଶୁଣାଣି

ଉପଜିଲ୍ଲାପାଳ ଗଣମାଧ୍ୟମକୁ କହିଛନ୍ତି ଯେ ଜନଶୁଣାଣି ସଫଳ ହେଲା କି ବିଫଳ ହେଲା, କୁହାଯାଇ ପାରିବନାହିଁ।

ଆଜିର ଜନଶୁଣାଣିରେ ଓପିଜିସି ସିନିୟର ଭିପି ସୁକାନ୍ତ ମହାପାତ୍ର, ସିନିୟର ଜିଏମ୍ ଏଚ୍‌ଆର୍ ସୁବାଶିଷ ମୁଖାର୍ଜୀ, ବିଡିଓ ବିନୟପଟେଲ, ତହସିଲଦାର ପ୍ରସନ୍ନ ପଟେଲ, ଆଡିସିନାଲ ଏସ୍‌ପି ଜେମସ୍ ସାମତ, ଡିଏସପି ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ଏଡିପିଓ ଚିନ୍ତାମଣି ପ୍ରଧାନ, ବନହରପାଲି ଆଇଆଇସି ରଞ୍ଜିତ ନାଏକ ସମେତ ୯ଜଣ ଥାନା ଅଧିକାରୀ ଉପସ୍ଥିତ ରହିଥିଲେ। ଏହାସହ ୩ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

**ଆଇଟିଆରର ଗୁପ୍ତ ତଥ୍ୟ ଲିକ୍ ଘଟଣା**

## ଅଭିଯୁକ୍ତକୁ ହାଇକୋର୍ଟରୁ ଜାମିନ

କଟକ,୭।୭(ସମିସ): ଦେଶର ସୁରକ୍ଷା ସଂପର୍କିତ ତଥ୍ୟ ପାକିସ୍ତାନୀ ମହିଳାଙ୍କୁ ଦେବା ଅଭିଯୋଗରେ ଗିରଫ ହୋଇ ଜେଲରେ ଥିବା ଚାନ୍ଦିପୁର ଆଇଟିଆର୍‌ର ପୂର୍ବତନ ଚୁକ୍ତିଭିତ୍ତିକ ଏସି ଅପରେଟର୍ ବସନ୍ତ କୁମାର ବେହେରାଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫ ଲକ୍ଷ ଟଙ୍କାର ଦୁଇଜଣ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ବସନ୍ତଙ୍କୁ ଜାମିନରେ ଛାଡ଼ିଛନ୍ତି।

ଜାମିନରେ ଛାଡ଼ ପାଇବା ପରେ କୌଣସି ଅପରାଧରେ ଜଡ଼ିତ ହେବେ ନାହିଁ, ମାମଲାର ପ୍ରତି ତାରିଖରେ ଅଦାଲତରେ ହାଜର ହେବେ, ଜାମିନ ପାଇବା ପରେ ସେ ରହିବା ସ୍ଥାନର ସାନି ଠିକଣା, ମୋବାଇଲ ନମ୍ବର, ଇ-ମେଲ ତଥ୍ୟ ଅଦାଲତ, ତଦନ୍ତକାରୀ ଏଜେନ୍ସିକୁ ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ବିନା ଅନୁମତିରେ ଅଦାଲତଙ୍କ କାର୍ଯ୍ୟକ୍ଷେତ୍ର ଅଞ୍ଚଳରୁ ବାହାରକୁ ଯିବେ ନାହିଁ। ପ୍ରତି ୧୫ ଦିନରେ ଥରେ ସ୍ଥାନୀୟ ଥାନାରେ ହାଜର ହେବେ। ଯଦି ସର୍ତ୍ତ ଉଲ୍ଲଂଘନ ହୁଏ, ତେବେ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଜଷ୍ଟିସ୍ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବସନ୍ତ କୁମାର ବେହେରାଙ୍କ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ହାଇକୋର୍ଟରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ୨୦୨୧, ସେପ୍ଟେମ୍ବର ୧୫ରୁ ସେ ଗିରଫ ହୋଇ ଜେଲରେ ଥିବା ବେଳେ ଏପର୍ଯ୍ୟନ୍ତ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସରିନାହିଁ। ଚାର୍ଜସିଟ୍‌ରେ ୨୮ଜଣଙ୍କ ନାଁ ଉଲ୍ଲେଖ କରାଯାଇଥିଲା। ଅନ୍ୟପକ୍ଷରେ, ବାଲେଶ୍ୱର ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ବିଚାରାଧୀନ ଏ ସଂପର୍କିତ ମାମଲାରେ ଚାରି ବର୍ଷରେ ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଏହା ସମ୍ବିଧାନ ପ୍ରଦତ୍ତ ତ୍ୱରିତ ଶୁଣାଣି ଅଧିକାରର ଉଲ୍ଲଂଘନ ହୋଇଛି। ହାଇକୋର୍ଟ ଏପରି ଯୁକ୍ତିକୁ ଗ୍ରହଣ କରି ବସନ୍ତକୁ ଜାମିନ ମଞ୍ଜୁର କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ପାକିସ୍ତାନୀ ମହିଳାଙ୍କୁ ଆଇଟିଆର ମିସାଇଲ ପରୀକ୍ଷା ସଂପର୍କିତ ଗୁପ୍ତ ତଥ୍ୟ ଆବେଦନକାରୀ ଓ ଅନ୍ୟ କେତେକ ପ୍ରଦାନ କରିଥିବା ଅଭିଯୋଗ ହୋଇଥିଲା। ଆବେଦନକାରୀ ଓ ଅନ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ୨୦୨୧ରେ ଗିରଫ କରିଥିଲା। ତଥ୍ୟ ଦେଇ ଅଭିଯୁକ୍ତମାନେ ଟଙ୍କା ପାଇଥିଲେ ବୋଲି ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରି ଚାର୍ଜସିଟ କରିବା ପରେ ଅଦାଲତରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।

■ କାଶଲପୁର ବିଜ୍ଞାନ ବାରିକ ହତ୍ୟା ମାମଲା

## ବାପ-ଦୁଇପୁଅଙ୍କୁ ଆଜୀବନ

ବୌଦ୍ଧ, ୭।୭(ସମିସ): ବୌଦ୍ଧ ଜିଲ୍ଲା ବୌଦ୍ଧ ଥାନା ତେଲିବନ୍ଧ ପଞ୍ଚାୟତ କାଶଲପୁର ଗ୍ରାମର ବିଜ୍ଞାନ ବାରିକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ମାମଲାର ବିଚାର କରି ଜିଲ୍ଲା ଓ ଦୌରାଜଜ୍ ପ୍ରତାପ କୁମାର ପାତ୍ର ଦୋଷୀ ବାପ ଓ ଦୁଇ ପୁଅଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୨୫ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ ଦେଇଛନ୍ତି। ସେମାନେ ହେଲେ, କାଶଲପୁର ଗ୍ରାମର ସୁଦାମ ବାରିକ ଏବଂ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ। ସୂଚନାନୁଯାୟୀ, ଗତ ୨୬ସେପ୍ଟେମ୍ବର ୨୦୨୩ ସନ୍ଧ୍ୟାରେ ଗ୍ରାମର ଧୋବେଇ ବାରିକ ଓ ପୁଅ ବିଜ୍ଞାନ ବାରିକଙ୍କୁ ଗ୍ରାମର ସୁଦାମ ବାରିକ ଓ ତାଙ୍କ ଦୁଇ ପୁଅ ଗଣେଶ ଓ ମଣ୍ଟୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଧୋବେଇ ଓ ବିଜ୍ଞାନ ଗୁରୁତର ଆହତ ହୋଇଥିଲେ। ଉଭୟ ବାପ-ପୁଅଙ୍କୁ ବୌଦ୍ଧ ଡାକ୍ତରଖାନା ନେବା ପାଇଁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଡାକିଥିବା ବେଳେ ଅଭିଯୁକ୍ତମାନେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ମଧ୍ୟ ଧମକ ଦେଇଥିଲେ। ଉଭୟଙ୍କୁ ପ୍ରଥମେ ବୌଦ୍ଧ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବିଜ୍ଞାନ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ପ୍ରାଣ ହରାଇଥିଲେ। ଧୋବେଇ ବାରିକଙ୍କ ବୌଦ୍ଧ ଥାନାରେ ଅଭିଯୋଗକ୍ରମେ ଏକ ମାମଲା ରୁଜୁ ହୋଇଥିଲା ଓ ଜିଲ୍ଲା ଓ ଦୌରାଜଜ୍‌ଙ୍କ ଅଦାଲତରେ ଚିଚାର ଚାଲିଥିଲା।

**ପ୍ରହସନ ପାଲଟିଛି ମାଧ୍ୟମିକ ଶିକ୍ଷକଙ୍କ ବଦଳି**

## ଅବଧି ସରିଲା; ବଦଳି ନୋହିଲା

ଭୁବନେଶ୍ୱର,୭।୭(ସମିସ): ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହେଲାଣି। ହେଲେ ସରୁନାହିଁ ମାଧ୍ୟମିକ ଶିକ୍ଷକଙ୍କ ବଦଳି ପ୍ରକ୍ରିୟା। ସମସ୍ତ ଆବେଦନର ଭେରିଫିକେସନ୍ ସରିଛି। ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ମାନେ ସେମାନଙ୍କ ରିପୋର୍ଟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିକଟରେ ଦାଖଲ କରିସାରିଛନ୍ତି। ହେଲେ ବଦଳି ତାଲିକା ପ୍ରକାଶ ପାଉନି। ବଦଳି କ୍ୟାଲେଣ୍ଡର ଅନୁଯାୟୀ ନୂତନ ଶିକ୍ଷାନୁଷ୍ଠାନରେ ଯୋଗଦେବାର ଆଜି ଶେଷ ତାରିଖ ହୋଇଥିବାବେଳେ ଚୂଡ଼ାନ୍ତ ତାଲିକା କେଉଁଠି ଅଟକିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ବିଭାଗ, ନିର୍ଦ୍ଦେଶାଳୟ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ବଦଳି ବିଳମ୍ବ ହେଉଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ମାଧ୍ୟମିକ ଶିକ୍ଷକଙ୍କ ବଦଳି ପାଇଁ ଗତ ମେ ୨୨ ତାରିଖରେ ବଦଳି କ୍ୟାଲେଣ୍ଡର ପ୍ରକାଶ ପାଇଥିଲା। ଜୁନ୍ ୫ ତାରିଖ ମଧ୍ୟରେ ଆଶାୟୀ ଶିକ୍ଷକମାନେ ଆବେଦନ କରିଥିଲେ। ଜୁନ୍ ୨୪ ଓ ୨୫ ତାରିଖରେ ରାଜ୍ୟ ସ୍ତରୀୟ ବଦଳି କମିଟି ବସି ତାଲିକା ଚୂଡ଼ାନ୍ତ କରିବା ପରେ ୨୬ରୁ ୩୦ ତାରିଖ ମଧ୍ୟରେ ବଦଳି ନିର୍ଦ୍ଦେଶନାମା ପ୍ରକାଶ ପାଇବାକୁ ଧାର୍ଯ୍ୟ ହୋଇଥିଲା। ହେଲେ ମିଳିଥିବା ସୂଚନା ଅନୁଯାୟୀ, ଏବେଯାଏଁ ରାଜ୍ୟ ସ୍ତରୀୟ ବଦଳି କମିଟି ବସିନାହିଁ। ସମୟ ଅବଧି ସରି ସାରିଥିବାବେଳେ କେବେ କମିଟି ବଦଳି ତାଲିକା ଚୂଡ଼ାନ୍ତ କରିବ, ସେନେଇ କେହି ମୁହଁ ଖୋଲୁ ନାହାନ୍ତି। ନିଜ ନିର୍ଦ୍ଦେଶନାମାକୁ ନିଜେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପାଳନ କରୁ ନ ଥିବାରୁ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାରୀ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଥିବାରୁ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ପରୋକ୍ଷରେ ଚେତାବନୀ ଦେବା ସହ ବଦଳି ପ୍ରକ୍ରିୟା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ କରିଛନ୍ତି। ସେହିପରି ବଦଳି ପ୍ରକ୍ରିୟା ବିଳମ୍ବ ହେଲେ ଶିକ୍ଷାଦାନ ବାଧାପ୍ରାପ୍ତ ହେବ ବୋଲି ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ତୁରନ୍ତ ବଦଳି ଆଦେଶ ପ୍ରକାଶ ନ କଲେ ଆବେଦନକାରୀ ଶିକ୍ଷକମାନେ ରାସ୍ତାକୁ ଓହ୍ଲାଇବ ବୋଲି ଏନ୍‌ପିଏସ୍ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି।

**୭୬ତମ ବନ ମହୋତ୍ସବ**

## ଏ ବର୍ଷ ଲାଗିବ ୭.୫ କୋଟି ଚାରା

ଭୁବନେଶ୍ୱର,୭।୭(ସମିସ): ୨୦୩୬ ସୁଦ୍ଧା ଭିଜନ୍ ଓଡ଼ିଶା କାର୍ଯ୍ୟକ୍ରମରେ 'ସବୁଜ ଓଡ଼ିଶା' ଗଠନ ଏକ ପ୍ରମୁଖ ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟ ହାସଲ ପାଇଁ ସମ୍ପ୍ରଦାୟ ନେତୃତ୍ୱାଧୀନ ଜଙ୍ଗଲ ଉଦ୍ୟୋଗ ମାଧ୍ୟମରେ ୧୦ ଲକ୍ଷ ସବୁଜ ଜୀବିକା ସୃଷ୍ଟି କରାଯିବ ଏବଂ ଓଡ଼ିଶାକୁ ପରିବେଶ ପର୍ଯ୍ୟଟନ କ୍ଷେତ୍ରରେ ଏକ ମଡେଲ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସୋମବାର ପୁରୁଣା ଭୁବନେଶ୍ୱରସ୍ଥିତ ବିଏମ୍ ହାଇସ୍କୁଲରେ ଆୟୋଜିତ ବନ ମହୋତ୍ସବ ସପ୍ତାହ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଗତବର୍ଷ ଏକ୍ ପେଡ୍ ମା' କେ ନାମ ଅଭିଯାନରେ ୬.୬୯ କୋଟି ଚାରା ରୋପଣ କରାଯାଇଥିଲା ଏବଂ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତବର୍ଷ 'ଏକ୍ ପେଡ୍ ମା' କେ ନାମ-୨.୦' ଅଭିଯାନରେ ୭.୫କୋଟି ଚାରା ରୋପଣ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତବର୍ଷ ସରକାର ୧୯ ଲକ୍ଷ ତାଳଗଛ ରୋପଣ କରିଥିବା ବେଳେ ଚଳିତ ବର୍ଷ ୧୮ ଲକ୍ଷ ତାଳ ଗଛ ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।




ଏହା ବ୍ୟତୀତ ସବୁଜ ଓଡ଼ିଶା ଯୋଜନାରେ ଆଦିବାସୀମାନଙ୍କ ରୋଜଗାର ବୃଦ୍ଧି ପାଇଁ ଶାଳ, ତେନ୍ତୁଳି, ବାଁଉଶ ଓ ଔଷଧୀୟ ଉଦ୍ଭିଦ ପାଇଁ ୧୦୦ରୁ ଅଧିକ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ ଏବଂ ଏହାଦ୍ୱାରା ୫ ହଜାର କୋଟି ଟଙ୍କାରୁ ଅଧିକ ଆୟ କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ରାଜ୍ୟବାସୀଙ୍କୁ ଗଛ ଲଗାଇବା ପାଇଁ ପ୍ରୋତ୍ସାହିତ କରିଥିବା ବେଳେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମାର୍ଚ୍ଚ ୨୧ ବିଶ୍ୱ ବନ ଦିବସ, ଜୁନ୍ ୫ ବିଶ୍ୱ ପରିବେଶ ଦିବସ, ଜୁଲାଇ ମାସରେ ବନ

■ ୨୦୩୬ ସୁଦ୍ଧା ୧୦ ଲକ୍ଷ 'ସବୁଜ ଜୀବିକା' ସୃଷ୍ଟି ହେବ
■ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ ନେଇ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ମହୋତ୍ସବ ସପ୍ତାହ ପାଳନ ଏବଂ ଅକ୍ଟୋବର ମାସରେ ବନ୍ୟ ପ୍ରାଣୀ ସପ୍ତାହ ପାଳନ କରାଯାଇଥାଏ। ଏହି ସବୁ କାର୍ଯ୍ୟକ୍ରମରେ ବିଭିନ୍ନ କର୍ମଚାରୀ, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କାର ଦିଆଯାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ସବୁ ପୁରସ୍କାରଗୁଡ଼ିକର ପୁନର୍ବିନ୍ୟାସ କରିଛନ୍ତି। ଅନେକ ପୁରସ୍କାରର ସଂଖ୍ୟା ଓ ପୁରସ୍କାର ରାଶି ପରିମାଣ ମଧ୍ୟ ବୃଦ୍ଧି ହୋଇଛି। ଏହି ସମସ୍ତ ପୁରସ୍କାର ଆଜିଠାରୁ କାର୍ଯ୍ୟକାରୀ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଆଶା କରିଥିବା ଦିଗରୁ ଅର୍ଥ ମିଳିପାରେ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ମହିଳାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ। ଅଚାନକ ଖୁସି ଖବର ପାଇ ପାରନ୍ତି।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** ବୁଝି ବିଚାରି ନିଷ୍ପତ୍ତି ନିଅନ୍ତୁ। କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହୋଇପାରେ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦୂରଯାତ୍ରା କରିପାରନ୍ତି।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ଆର୍ଥିକ ସ୍ଥିତି ମଜଭୁତ ହେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ ଓ ଧାର୍ମିକ କାର୍ଯ୍ୟରେ ସାମିଲ ହେବ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୮୯- ଆମେରିକୀୟ ଖବରକାଗଜ 'ଦ ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ' ପ୍ରକାଶିତ।
- ୧୯୪୮- ଆମେରିକା ବାୟୁସେନାରେ ମହିଳାଙ୍କ ଭର୍ତ୍ତି ଆରମ୍ଭ।
- ୧୯୫୪- ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଦ୍ୱାରା ପଞ୍ଜାବରେ ଭାକ୍ରା ନଙ୍ଗଲ ଜଳ ବିଦ୍ୟୁତ୍ ପରିଯୋଜନା ଆରମ୍ଭ।
- ୨୦୦୩- ସୁଦାନରେ ହୋଇଥିବା ବିମାନ ଦୁର୍ଘଟଣାରେ ୧୧୬ ଲୋକଙ୍କ ପ୍ରାଣହାନି।
- ୨୦୦୭- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପରଲୋକ।



# ରସଗୋଲା ଦିବସ

ଆଜି ରସଗୋଲା ଦିବସ। ଓଡ଼ିଶାର ପାରମ୍ପରିକ ମିଠା ରସଗୋଲା ପାଇଁ ଆଜିର ଦିନଟି ସମର୍ପିତ। ।ଓଡ଼ିଆ ଘରେ ଅତିଥି ଚର୍ଚ୍ଚା ହେଉ କି ଆନନ୍ଦ ଉଲ୍ଲାସର ମୁହୂର୍ତ୍ତ ସବୁଠି ଲୋଡ଼ା ରସଗୋଲା। ଓଡ଼ିଆ ଜାତିର ପ୍ରାଣ କେନ୍ଦ୍ର ଶ୍ରୀମନ୍ଦିରରେ କେଉଁ ଅନାଦି କାଳରୁ ରସଗୋଲା ପ୍ରସାଦ ରୂପେ ଅର୍ପଣ କରାଯାଉଅଛି। ନୀଳାଦ୍ରିବିଜେ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶହ ଶହ ବର୍ଷ ହେଲା ରସଗୋଲା ଲାଗି ହୋଇଆସୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାର ଅନ୍ତିମ ପର୍ବ ହେଉଛି 'ନୀଳାଦ୍ରିବିଜେ'। ଶ୍ରୀଗୁଣ୍ଡିଚା ମନ୍ଦିରରେ ରହଣି ପରେ ବାହୁଡ଼ା ଦଶମୀ ଦିନ ଶ୍ରୀଜୀଉମାନେ ସିଂହଦ୍ୱାରକୁ ଫେରନ୍ତି। ତ୍ରୟୋଦଶୀ ଦିନ ଶ୍ରୀବିଗ୍ରହମାନେ ରତ୍ନ ସିଂହାସନକୁ ବିଜେ କରି ଥାଆନ୍ତି। ଏହାକୁ 'ନୀଳାଦ୍ରି ବିଜୟ' ବା 'ନୀଳାଦ୍ରିବିଜେ' କୁହାଯାଏ। ବିଶ୍ୱାସ ରହିଛି, ରଥଯାତ୍ରାରେ ସଙ୍ଗରେ ନେଇ ନ ଥିବାରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଅଭିମାନ କରିଥାନ୍ତି ମା'ଲକ୍ଷ୍ମୀ। ସେତେବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଜୟବିଜୟ ଦ୍ୱାରକୁ ବନ୍ଦ କରି ଦିଅନ୍ତି ମା' ଲକ୍ଷ୍ମୀ। ଅଭିମାନୀନି ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥାନ୍ତି ମହାପ୍ରଭୁ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରଚାରପ୍ରସାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରିବିଜେ ଦିନ ଏହା ପ୍ରଥମେ ଆରମ୍ଭ ହୋଇଥିଲା। ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲ। ଏହାପରେ ୨୦୧୬ ଜୁଲାଇ ୧୭ ଠାରୁ ଏହି ଦିବସ ପାଳନ ହେଉଛି। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାର ବ୍ୟବସାୟୀ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶାର ରସଗୋଲାକୁ ଜିଆଇ ମାନ୍ୟତା ଦେବା ପାଇଁ ଓଡ଼ିଆ ଲୋକେ ଏକଜୁଟ ହୋଇଥିଲେ। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା।



# ଆସିବ 'ଗଲିବୟ'ର ସିକ୍ୱେଲ

ଜୋୟା ଅଖତରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଗଲିବୟ'ର ସିକ୍ୱେଲ ଆସିବ। ଏହାର ମୂଳ ଫିଲ୍ମରେ ଆଲିଆ ଭଟ୍ଟ, ରଣବୀର ସିଂହ, ସିଦ୍ଧାନ୍ତ ଚର୍ତୁବେଦୀ, କଲ୍କି କୋଚଲିନ୍ ନଜର ଆସିଥିଲେ। ଫିଲ୍ମଟି ଦର୍ଶକଙ୍କ ସହ ଫିଲ୍ମ ସମୀକ୍ଷକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଥିଲା। ଏହା ୧୩ଟି ଫିଲ୍ମ ଫେୟାର୍ ପୁରସ୍କାର ଜିତିଥିଲା, ଯାହା ଏକ ରେକର୍ଡ ମଧ୍ୟ। ୬ ବର୍ଷ ପରେ ଜୋୟା ଏବେ ଏହାର ସିକ୍ୱେଲ ଆଣିବା ପାଇଁ ଯୋଜନା କରୁଛନ୍ତି। ଜୋୟା କିନ୍ତୁ ଏହାର ନିର୍ଦ୍ଦେଶନା ଦେବେ ନାହିଁ। 'ଖୋ ଗଏ ହମ୍ କହାଁ' ଫେମ୍ ଅର୍ଜୁନ୍ ବରେନ୍ ସିଂହ ଏହାର ନିର୍ଦ୍ଦେଶନା ଦେବେ। ସିକ୍ୱେଲରେ କିନ୍ତୁ ରଣବୀର ଓ ଆଲିଆ ଦେଖାଯିବେ ନାହିଁ। ଏଥିରେ ଭିକି କୌଶଲ ଓ ଅନନ୍ୟା ପାଣ୍ଡେଙ୍କୁ ବ୍ରେକ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ 'ଗଲିବୟ'ର ସଫଳତାକୁ ଏହାର ସିକ୍ୱେଲ ଦୋହରାଇ ପାରିବ କି ନାହିଁ ତାହା ଦେଖିବାକୁ ବାକି ରହିଲା।

# ପକ୍ଷୀ ସୁରକ୍ଷା ପାଇଁ ମଶା ଛାଡୁଛି ଡ୍ରୋନ୍

ବୈଜ୍ଞାନିକମାନେ ଏକ ବିଶାଳ ଡ୍ରୋନ୍‌କୁ ଉପଯୋଗ କରି ଆମେରିକାର ହାୱାଇ ଜଙ୍ଗଲରେ ମଶା ପଲଙ୍କୁ ଛାଡୁଛନ୍ତି। ତେବେ ଏଠାରେ ଦେଖାଯାଉଥିବା ହନିକ୍ରିପର୍ ପକ୍ଷୀଙ୍କ ଜୀବନ ରକ୍ଷା ପାଇଁ ଏଭଳି କିଛି କରାଯାଉଛି। ଏହି ପକ୍ଷୀ ପରିବେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କ୍ରମାଗତ ଭାବେ ଏମାନଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ମଶା ଦ୍ୱାରା ବ୍ୟାପୁଥିବା ଏଭିୟନ ମ୍ୟାଲେରିଆ ଏହି ପକ୍ଷୀଙ୍କ ଜୀବନ ନେଉଛି। ତେଣୁ ହନିକ୍ରିପର୍ ପକ୍ଷୀ ଏଭିୟନ ମ୍ୟାଲେରିଆଠାରୁ ଜୀବିତ ରହିବା ଲାଗି ଏବେ ସଂଘର୍ଷ କରୁଛନ୍ତି। ତେବେ ଡ୍ରୋନ୍‌ରେ ଛଡ଼ା ଯାଉଥିବା ମଶାକୁ ବୈଜ୍ଞାନିକମାନେ ଗବେଷଣାଗାରରେ ତିଆରି କରିଛନ୍ତି। ଏହି ମଶା କାମୁଡ଼ୁ ନ ଥିବା ବେଳେ ଏଥିରେ ଏକ ଜୀବାଣୁ ଅଛି। ଏହି ଜୀବାଣୁ ଆକ୍ରମଣକାରୀ ମଶାଙ୍କ ବଂଶବିସ୍ତାରକୁ ରୋକିବା ଦିଗରେ କାର୍ଯ୍ୟ କରିବ। ବୈଜ୍ଞାନିକମାନେ ଦାବି କରିଛନ୍ତି ଯେ, ଏହି ବିଶେଷ ଅଣ୍ଡିରା ମଶାମାନଙ୍କୁ ନିରନ୍ତର ଛାଡ଼ିବା ଦ୍ୱାରା ଏଭିୟନ୍ ମ୍ୟାଲେରିଆ ବାହକ ମଶାଙ୍କ ସଂଖ୍ୟା ହ୍ରାସ ପାଇବ। ଏହି ପ୍ରକାରେ ରୋଗର ପ୍ରସାରକୁ ରୋକା ଯାଇପାରିବ। ସେହିପରି ଏବେ ସୁଦ୍ଧା ଏକଥା ସ୍ପଷ୍ଟ ହୋଇପାରି ନାହିଁ, ଏତେ ସଂଖ୍ୟକ ମଶା ଛଡ଼ାଯିବା ପରେ କିଛି ଲାଭ ମିଳିଛି କି ନାହିଁ। ହେଲେ ବୈଜ୍ଞାନିକମାନେ ଆଶାବାଦୀ ଅଛନ୍ତି, ଏହି ପ୍ରକାରେ ହନିକ୍ରିପର୍ ପକ୍ଷୀଙ୍କୁ ରକ୍ଷା କରାଯାଇପାରିବ। ସେହିପରି ଏହି ମଶା ଏଠାରେ ନ ଥିଲେ। ୧୮୨୬ ମସିହାରେ ଏକ ଜାହାଜରୁ ଏହି ମଶା ଏଠାକୁ ଆସିଥିଲା। ସେବେଠାରୁ ସେମାନେ ଏହାର ଗରମ ଏବଂ ଆର୍ଦ୍ର ଜଳବାୟୁରେ ବଂଶବିସ୍ତାର କରିଚାଲିଲେ।








# ମକା ମଞ୍ଜି ଛଡା ଯନ୍ତ୍ର

ମକା ଚାଷ ଶୀତ, ବର୍ଷା ଓ ଖରାଦିନେ କରାଯାଇଥାଏ। ଏହି ଚାଷ ପାଇଁ ନିଗିଡ଼ା, ବାଲିଆ, ଦୋରସା ଓ ପଟୁମାଟି ଆବଶ୍ୟକ ହୋଇଥାଏ। ତେବେ ମକାର ବହୁବିଧ ବ୍ୟବହାର ଏହାକୁ ଲୋକପ୍ରିୟ କରାଇବାରେ ସାହାଯ୍ୟ କରୁଛି। ଯେମିତିକି ମକାରୁ ଖଇ, କର୍ଣ୍ଣଫ୍ଲେକ୍ସ ତଥା ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ହୁଏ। ଏହା ସହ ଗୋଖାଦ୍ୟ, କୁକୁଡ଼ାଖାଦ୍ୟ ଆଦି ପ୍ରସ୍ତୁତି ବେଳେ ମକା ବିଶେଷ ଭାବେ ଦରକାର ହୋଇଥାଏ। ତେବେ ମକାରୁ ଦାନା କାଢ଼ିବାକୁ ଚାଷୀଙ୍କୁ ଅଧିକ ସମୟ ଲାଗୁଥିବାବେଳେ ଏଥିପାଇଁ ଅଧିକ ପରିଶ୍ରମ ଓ ଖର୍ଚ୍ଚ ବଢ଼ିଥାଏ। ଖାସ୍‌କରି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ପାଇଁ ଏହି ପ୍ରକ୍ରିୟା ବହୁତ ମହଙ୍ଗା ପଡ଼ିଯାଏ। ତେଣୁ ଚାଷୀଙ୍କ ସମସ୍ୟାକୁ ଦୂର କରିବାକୁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ଦ୍ୱାରା ପେଡାଲ ପରିଚାଳିତ ମକା ମଞ୍ଜିଛଡ଼ା ଯନ୍ତ୍ର ବିକଶିତ କରାଯାଇଛି। ଏହା କେବଳ ମକା ଚୋପାରୁ ଦାନା ବାହାର କରିବ ତାହା ନୁହେଁ; ଚାଷୀଙ୍କ ସମୟ ଏବଂ ଶ୍ରମ ହ୍ରାସ ପାଇବ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମେସିନ୍ କୌଣସି ଇନ୍ଧନ କିମ୍ବା ବିଦ୍ୟୁତ୍ ବିନା ଚାଲୁଥିବାରୁ ଏହା ପରିବେଶ ଅନୁକୂଳ। ଏହି ଯନ୍ତ୍ରରେ କ୍ଷମତା ୧୩୦ କିଗ୍ରା ପ୍ରତି ଘଣ୍ଟାରେ ମକା ଦାନା କାଢ଼ିପାରେ। ଏଥିରେ ଦୁଇଜଣ ଲୋକ ବସି ଆରାମରେ ଯନ୍ତ୍ରକୁ ଚଳାଇ ପାରିବେ ସେ ନେଇ ଡିଜାଇନ୍ ହୋଇଛି। ଅର୍ଥାତ୍ ଜଣେ ଗୋଡରେ ପ୍ୟାଡେଲ ମାରି ଯନ୍ତ୍ରକୁ ସଞ୍ଚାଳିତ କରିବା ସମୟରେ ଅନ୍ୟ ଜଣ ଯନ୍ତ୍ରରେ ମକା ପକାଇବା କାର୍ଯ୍ୟ କରିଥାନ୍ତି। ଏହାର ମକା ଚୋପା କାଢ଼ିବାର କ୍ଷମତା ୯୭ ପ୍ରତିଶତ ଏବଂ ଦାନା କାଢ଼ିବାର ଦକ୍ଷତା ୯୫ ପ୍ରତିଶତ ଯାଏଁ ଥିବାରୁ ଚାଷୀଭାଇ ଏଥିରୁ ଅଧିକ ଲାଭବାନ ହୋଇପାରିବେ। ତେଣୁ ମକା ଚାଷ କରୁଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଏହି ଯନ୍ତ୍ରଟି କୌଣସି ବରଦାନଠାରୁ କମ୍ ନୁହେଁ।



# ଜହ୍ନି ଗଛ ପାଇଁ ଦେଶୀ ଟନିକ୍

**ବର୍ଷାଦିନିଆ ପନିପରିବା ଚାଷରୁ ଅଧିକ ଲାଭ ମିଳେ। ଚାଷୀମାନେ ଏହି ଦିନେ ବିଭିନ୍ନ ଫସଲ ସହିତ ଜହ୍ନି ଚାଷ ମଧ୍ୟ କରିଥାନ୍ତି। ତେଣୁ ଜହ୍ନି ଗଛ ବଢୁ ନ ଥିଲେ ଏହି ଉପାୟ ଆପଣାଇ ପାରିବେ।**

ଚାଷୀମାନେ କମ୍ ସମୟରେ ଅଧିକ ଅମଳ ପାଇବା ପାଇଁ ରାସାୟନିକ ସାର, କୀଟନାଶକ ଆଦି ପ୍ରୟୋଗ କରିଥାନ୍ତି। ଏହା ବ୍ୟୟ ବହୁଳ। ଏହା ମାଟି ଓ ଫସଲ ପାଇଁ କ୍ଷତି ସୃଷ୍ଟି କରିପାରେ। ତେଣୁ ପ୍ରାକୃତିକ ଉପାୟ ଆପଣାଇ ଚାଷୀମାନେ ଜହ୍ନି ଗଛର ବୃଦ୍ଧି ପାଇଁ ନିମ ଖତ, ଦହି ଏବଂ କଦଳୀ ଚୋପାରୁ ତିଆରି ଦେଶୀ ସାର ପ୍ରୟୋଗ କରିପାରିବେ। କଦଳୀ ଚୋପାରେ ପଟାସିୟମ, କ୍ୟାଲସିୟମ, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ଯାହାକି ଗଛ ଓ ଫଳ ବୃଦ୍ଧି ପାଇଁ ଏହା ବହୁତ ଉପଯୋଗୀ ହୋଇଥାଏ। ଦେଶୀ ସାର ବା କୀଟନାଶକ ପ୍ରୟୋଗ ଦ୍ୱାରା ଫୁଲ ଝଡ଼ିବା ନିୟନ୍ତ୍ରଣ ହୋଇଥାଏ। ଏହା ରୋଗ ପୋକ ନିୟନ୍ତ୍ରଣ ପାଇଁ ସହାୟକ ହୋଇଥାଏ। ନିମ ଖତ ମାଟିରେ କବକ ଏବଂ ହାନିକାରକ ଜୀବାଣୁ ରୋକିଥାଏ। ଏହାଦ୍ୱାରା ଜହ୍ନି ଉତ୍ପାଦନ ହୁଏ। ଏକ ଗ୍ଲାସ ପାଣିରେ କଦଳୀ ଚୋପାକୁ ଅଳ୍ପ ଅଞ୍ଚରେ ରଖି ଫୁଟାନ୍ତୁ। ଏହି ପାଣି ଥଣ୍ଡା କରିବା ପରେ ଏହାକୁ ଛାଣି ନିଅନ୍ତୁ। ଛଣା ପାଣିରେ ଏକ ଚାମଚ ନିମ ଖତ ଏବଂ ଏକ ଚାମଚ ଦହିକୁ ଭଲଭାବେ ମିଶାନ୍ତୁ। ଏହି ଘୋଳକୁ କିଛି ଘଣ୍ଟା ପାଇଁ ରଖି ଜହ୍ନି ଗଛ ମୂଳେ ମାଟି କୋଡ଼ାଖୋସା କରି ପ୍ରୟୋଗ କରିପାରିବେ। ଏପରି କରିବା ଦ୍ୱାରା ଜହ୍ନି ଗଛ ଝଙ୍କାଳିଆ ହୋଇଯାଏ। ଫଳ ମଧ୍ୟ ଅଧିକ ମିଳେ। ଜୀବାମୃତ, ଘନଜୀବାମୃତ, ହାଣ୍ଡିଖତ ଅନୁମୋଦିତ ପରିମାଣରେ ବ୍ୟବହାର କଲେ ଗଛର ବୃଦ୍ଧି ତ୍ୱରାନ୍ୱିତ ହୁଏ।




## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ହେବାର ସମ୍ଭାବନା ଥିବାରୁ ସାର ଓ କୀଟନାଶକ ପ୍ରୟୋଗ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ।
- ଧାନ ତଳିଘେରାରେ ଠିଆ ପାଣି କିପରି ନ ରହିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।
- ଖରିଫ ମକା/ଡାଲିଜାତୀୟ ଫସଲ ଲଗାଯାଇଥିବା ସ୍ଥାନରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଗାଈଗୋରୁମାନଙ୍କୁ ଶୁଖିଲା ଓ ସଫା ଗୁହାଳ ମଧ୍ୟରେ ରଖନ୍ତୁ। ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ପାଣି ପିଇବାକୁ ଦିଅନ୍ତୁ। ପାଗ ଶୁଖିଲା ନ ଥିଲେ ଘାସ ଚରିବା ପାଇଁ ବାହାରକୁ ଛାଡ଼ନ୍ତୁ ନାହିଁ।
- ବର୍ତ୍ତମାନ ଅମୃତଭଣ୍ଡା ଲଗେଇବାର ଉତ୍କୃଷ୍ଟ ସମୟ। ହାନି ଡିୟୁ, କୁର୍ଗ ହାନି ଡିୟୁ, ସିଓ-୧, ସିଓ-୨, ପୁଷା, ଡେଲିଶିୟଶ, ପୁଷା, ମଜେଷ୍ଟିକ, ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ।
- ବର୍ଷାଋତୁରେ କୁକୁଡ଼ା ଫାର୍ମରେ ପବନର ଚଳପ୍ରଚଳ କିମ୍ବା ଉଚିତ ଭେଣ୍ଟିଲେସନ୍ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ। କୁକୁଡ଼ା ସେଡର ଉପର ପାର୍ଶ୍ୱରେ ୧ରୁ ୨ ଫୁଟ୍ ଖୋଲା ରଖି ସେଡର ପାର୍ଶ୍ୱଗୁଡ଼ିକୁ ପଲିଥିନ୍ ଦ୍ୱାରା ସମ୍ପୂର୍ଣ୍ଣ ଆଚ୍ଛାଦିତ ରଖନ୍ତୁ। କୀଟମାନଙ୍କ ଆକ୍ରମଣରୁ କୁକୁଡ଼ାଙ୍କୁ ରକ୍ଷା କରିବା ପାଇଁ ସେଡର ଚାରିପାଖରେ ଥିବା ନାଳିଗୁଡ଼ିକୁ ସ୍ୱଚ୍ଛ ଓ ଶୁଖିଲା ରଖନ୍ତୁ। ବର୍ଷାଜଳ ସେଡ୍ ଭିତରକୁ ପ୍ରବେଶ ନ କରିବାକୁ ଉଚିତ ବ୍ୟବସ୍ଥା କରନ୍ତୁ। ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ାମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରାଯିବା ଉଚିତ।

# ଯବକ୍ଷାରଜାନ ଅଭାବରୁ ଫସଲ ହାନି

**ଗଛ ବଢ଼ିବା ପାଇଁ ମୃତ୍ତିକାରୁ ବିଭିନ୍ନ ଖାଦ୍ୟସାର ଆବଶ୍ୟକ କରୁଥିବାବେଳେ ସେଥିମଧ୍ୟରୁ ଯବକ୍ଷାରଜାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ହେଲେ ମାଟିରେ ଯବକ୍ଷାରଜାନର ଅଭାବରେ ପ୍ରଥମେ ପତ୍ର ହଳଦିଆ ପଡ଼ିଯାଏ। ଗଛ ବୃଦ୍ଧିରେ ବାଧା ସୃଷ୍ଟି ହୋଇଥାଏ। ତେଣୁ ସମୟ ପୂର୍ବରୁ ଏହାର ସମାଧାନ ନ କରିଲେ ଫସଲ ଉତ୍ପାଦନରେ ହ୍ରାସ ହୋଇଥାଏ। ଏହାର ପ୍ରତିକାର କରିବା ନିହାତି ଆବଶ୍ୟକ।**



କୃଷି ବିଶେଷଜ୍ଞଙ୍କ ମୁତାବକ ଯବକ୍ଷାରଜାନ ଫସଲ ବୃଦ୍ଧି ପାଇଁ ସବୁଠୁ ଜରୁରି ପୋଷାକତତ୍ତ୍ୱ। ତେବେ ମାଟିରେ ଯବକ୍ଷାରଜାନ ଅଭାବ ହେଲେ ପ୍ରଥମେ ଗଛ ପତ୍ରରୁ ଏହାର ଲକ୍ଷଣ ଜଣାପଡ଼ିଯାଏ। ଯେପରିକି ତଳ ପତ୍ରଗୁଡ଼ିକ ପ୍ରଥମେ ଫିକା ସବୁଜ ହୋଇ ହଳଦିଆ ପଡ଼ିଯାଏ। ଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ି ନ ପାରିବା, ଫସଲ ହାନି ହେବା ଆଦି ଲକ୍ଷଣ ପରିଲକ୍ଷିତ ହୋଇଥାଏ। ତେଣୁ ମାଟିରେ ଯବକ୍ଷାରଜାନ ଅଭାବ ପୂରଣ କରିବାକୁ ଜମିରେ ସବୁଜ ସାର ପ୍ରୟୋଗ କରାଯାଏ। ଜମିରେ ମୁଗ ତଥା ଡାଲିଜାତୀୟ ଫସଲ, ସୋୟାବିନ୍, ଚିନାବାଦାମ ବୁଣିବା ଦ୍ୱାରା ଏହି ଫସଲ ଅମଳ ପରେ ମାଟିରେ ପ୍ରାକୃତିକ ରୂପେ ଯବକ୍ଷାରଜାନ ମାତ୍ରା ବୃଦ୍ଧି ପାଏ। ମାଟିରେ ଯବକ୍ଷାରଜାନ ବୃଦ୍ଧି ପାଇଁ ଏହା ଏକ ପାରମ୍ପରିକ ଓ ଶସ୍ତା କୌଶଳ। ସେହିପରି ଗୋବର ଖତ, କିଆଖତ, ପତ୍ରରୁ ପ୍ରସ୍ତୁତ ଖତ ମୃତ୍ତିକାର ଉର୍ବରଶକ୍ତିକୁ ବୃଦ୍ଧି କରି ଧୀରେ ଧୀରେ ନାଇଟ୍ରୋଜେନ୍ ଉପଲବ୍ଧ କରାଇଥାଏ। ବିଶେଷ କଥା ହେଉଛି, ୟୁରିଆ, ଆମୋନିୟମ ସଲ୍ଫେଟ୍ ପରି ଉର୍ବରକ ନିର୍ଦ୍ଦିଷ୍ଟ ମାତ୍ରାରେ ଉପଯୋଗ କରିପାରିବେ। ସେହିପରି ମୃତ୍ତିକାରେ ଜୀବାଣୁ ସାର ତଥା ରାଇଜୋବିୟମ, ଆଜୋସ୍ପିରିଲମ୍ ଏବଂ ଆଜୋଟୋବ୍ୟାକ୍ଟର ପରି ଜୈବ ଉର୍ବରକ ଯବକ୍ଷାରଜାନ ବୃଦ୍ଧି କରିବାକୁ ସାହାଯ୍ୟ କରିଥାଏ। ବିଶେଷ କଥା ହେଉଛି, ଜମିରେ ଗୋଟିଏ ପ୍ରକାର ଫସଲ ବାରମ୍ବାର ଚାଷ କରିବା ଦ୍ୱାରା ମାଟିରେ ଯବକ୍ଷାରଜାନ ହ୍ରାସ ପାଇଥାଏ। ତେଣୁ ଯବକ୍ଷାରଜାନ ସନ୍ତୁଳନ ରଖିବାକୁ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଡାଲିଜାତୀୟ ଫସଲ ଚାଷ କରିପାରିବେ।

ଏଜ୍‌ବାଷ୍ଟନ ଦଖଲ କଲୁ ସତ; ଖେଳରେ ମଜା ଆସିଲାନି: ଗିଲ୍

# ପିଚ୍ ଉପରେ ନିର୍ଭର କରୁଛି ଟେଷ୍ଟ ମ୍ୟାଚ୍‌ର ଗୁରୁତ୍ୱ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି)



ଫ୍ଲାଟ ପିଚ୍ ଓ ଡ୍ୟୁକ୍ ବଲ୍‌ରେ ବୋଲରଙ୍କୁ ସହାୟତା ବିନା ଇଂଲଣ୍ଡରେ ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଇଛି। ଏଜ୍‌ବାଷ୍ଟନରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଭାରତ ୩୩୬ ରନ୍‌ର ବୃହତ୍ ବିଜୟ ପରେ ଏହା କହିଛନ୍ତି ଅଧିନାୟକ ଶୁବମନ ଗିଲ୍। ଦୀର୍ଘ ୫୮ ବର୍ଷ ପରେ ଏଜ୍‌ବାଷ୍ଟନରେ ଭାରତ ଟେଷ୍ଟ ମ୍ୟାଚ୍ ଜିତିଛି ସତ, କିନ୍ତୁ ଏହି ବିଜୟରେ ମଜା ନାହିଁ। ଏଠାରେ ଖେଳାଯାଇଥିବା ଟେଷ୍ଟରେ ଭାରତୀୟ ବୋଲରମାନେ ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ନେବାରେ ସମର୍ଥ ହୋଇଛନ୍ତି। କିନ୍ତୁ ଏହା ମଧ୍ୟରୁ ୧୫ଟି ୱିକେଟ କେବଳ ନୂଆ ବଲ୍‌ରେ ମିଳିଛି। ଏଭଳି ପରିବେଶରେ ଟେଷ୍ଟ ମ୍ୟାଚ୍ ଖେଳିବା ବାଜ୍‌ବଲ ଯୁଗର ମନ୍ତ୍ରକୁ ବିରୋଧ କରୁଛି। ଏଠାରେ ପ୍ରଥମ ତଥା ବିଦେଶ ମାଟିରେ ସର୍ବବୃହତ୍ ବ୍ୟବଧାନ ବିଜୟ ଭାରତକୁ ୧-୧ରେ ସିରିଜ୍ ବରାବର କରିବାରେ ସହାୟ ହୋଇଛି।

ଏହି ଟେଷ୍ଟରେ ଉଭୟ ଦଳ ମିଳିତଭାବେ ୧୬୯୨ ରନ୍ କରିଛନ୍ତି। ଏହା ଫଳରେ ବ୍ୟାଟ୍ସମ୍ୟାନ ଏଠାରେ ମନଇଚ୍ଛା ଖେଳିଛନ୍ତି। ଚଳିତ ସିରିଜ୍‌ରେ ଖେଳାଯାଇଥିବା ପ୍ରଥମ ଦୁଇଟି ଟେଷ୍ଟରେ ଏଯାଏ ୩,୩୬୫ ରନ୍ ସଂଗୃହୀତ ହୋଇଛି। ଦ୍ୱିପାକ୍ଷିକ ଟେଷ୍ଟ ସିରିଜ୍‌ରେ ଏହା ସର୍ବାଧିକ ରନ୍। କିନ୍ତୁ ଖେଳର ମାନ କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବଢ଼ାଇବାରେ ଏହି ପିଚ୍ ସହାୟତା କରିପାରି ନାହିଁ। ଏଭଳି ପିଚ୍‌ରେ ବୋଲରଙ୍କ ଲାଗି ସଫଳତା ପାଇବା କଷ୍ଟକର। ଏହା ସହ ଅଳ୍ପ ସମୟ ପରେ ଡ୍ୟୁକ୍ ବଲ ଢିଲା (ସଫ୍ଟ) ହୋଇଯିବା ମଧ୍ୟ ବୋଲରଙ୍କୁ ଅସୁବିଧାରେ ପକାଉଛି। ଏଭଳି ପିଚ୍ ଓ ବଲ୍‌ରେ ୱିକେଟ ମିଳିବା କଷ୍ଟକର ବୋଲି ଜଣାପଡ଼ିବା ପରେ ରନ୍ ସହଜରେ ସଂଗୃହୀତ ହୋଇଥିଲା। ଗୋଟିଏ ନୂଆ ବଲ ୨୦ ଓଭର ବୋଲିଂ ହେବା ପରେ ସଫ୍ଟ ହୋଇଯାଉଛି ଓ ବ୍ୟାଟରଙ୍କୁ ରନ୍ ସଂଗ୍ରହରେ ସହାୟତା କରୁଛି। ଏ ସମ୍ପର୍କରେ ଗିଲ୍ କହନ୍ତି, ଏହି ୨୦ ଓଭର ବୋଲିଂ କରିବା ପରେ ଅବଶିଷ୍ଟ ସମୟ ରକ୍ଷଣାତ୍ମକ ଭାବେ ଖେଳିବାକୁ ପଡୁଛି। ଏହି ସମୟରେ ରନ ଅଟକାଇବା କଷ୍ଟକର ହୋଇ ପଡୁଛି। ବୋଲରଙ୍କୁ କିଛି ସହାୟତା ନ ମିଳିଲେ ଇଂଲଣ୍ଡରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍ ତାହାର ଗୁରୁତ୍ୱ ହରାଉଛି ବୋଲି ଗିଲ୍ କହନ୍ତି।

### ■ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ

ବିଦେଶ ମାଟିରେ ସୁଇଂ ପିଚ୍‌ରେ ଖେଳିବା ଆମଲାଗି କଷ୍ଟକର ହୋଇଥାଏ। ଏଭଳି ସ୍ଥାନରେ ଆମେ ଭଲ ପ୍ରଦର୍ଶନ ଦେଇ ପାରୁ ନ ଥିବାରୁ ଏକାଧିକଥର ସମାଲୋଚିତ ହୋଇଛୁ। କିନ୍ତୁ ଏବେ ଟେଷ୍ଟ ଖେଳାଯାଉଥିବା ବଲର ସ୍ଥିତି ଓ ଫ୍ଲାଟ ପରିବେଶ ସମ୍ପର୍କରେ ଜାଣିବା ପରେ ମୁଁ ଜଣେ ଅଧିନାୟକ ଭାବେ ସଫଳ ହେବାକୁ ଚେଷ୍ଟା କରିଥିଲି। ଫଳରେ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ୧୪୭, ଦ୍ୱିତୀୟ ଟେଷ୍ଟର ଉଭୟ ଇନିଂସରେ ଯଥାକ୍ରମେ ୨୬୯ ଓ ୧୬୧ ରନ୍ କରି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିବାରେ ସମର୍ଥ ହୋଇଛି। ଶେଷ ଭାଗ ବ୍ୟାଟରଙ୍କ ହାଲ୍‌କା ମନୋଭାବ ଯୋଗୁଁ ଆମେ ବିପର୍ଯ୍ୟୟର ଶିକାର ହୋଇଥିଲୁ। ଏହାକୁ ସୁଧାରିବାରେ ଜାଡେଜା ଭାଇ ୱାଶିଂଟନ ସୁନ୍ଦର ସହାୟତା କରିବା ଫଳରେ ଆମେ ଟେଷ୍ଟ ଜିତିବାରେ ସମର୍ଥ ହୋଇଛୁ।

### ■ ଇଂଲଣ୍ଡ ପିଚ୍ ଆଉ ଫ୍ଲାଟ୍ ହେବ ନାହିଁ

ଏଜ୍‌ବାଷ୍ଟନ ଟେଷ୍ଟ ପରାଜୟ ପରେ ଇଂଲଣ୍ଡରେ ଆଉ ଫ୍ଲାଟ ପିଚ୍‌ରେ ଖେଳିବାକୁ ପଡ଼ିବ ନାହିଁ ବୋଲି ଭାରତୀୟ ଅଧିନାୟକ ଶୁବମନ ଗିଲ କହିଛନ୍ତି। ଆମର ଏତେ ସମୟ ଧରି ଟେଷ୍ଟ ଖେଳିବାର ଅଭ୍ୟାସ ନାହିଁ। ଭାରତରେ ପିଚ୍ ସ୍ପିନ୍‌କୁ ସୁହାଇଥାଏ ଓ ଟେଷ୍ଟ ୩ରୁ ୪ ଦିନ ମଧ୍ୟରେ ଶେଷ ହୋଇଯାଇଥାଏ। ଆମେ ଯେତେବେଳେ ବିଦେଶରେ ଖେଳୁ ସେଠିକାର ସୁଇଂ, ଫାଷ୍ଟ ଓ ବାଉନ୍ସି ପିଚ୍‌ରେ ମ୍ୟାଚ୍ ଅଢ଼େଇରୁ ୪ ଦିନରେ ଶେଷ ହୋଇଥାଏ। ପ୍ରଥମଥର ଏଠାରେ କ୍ରମାଗତ ଟେଷ୍ଟ ୫ ଦିନରେ ଶେଷ ହୋଇଛି। ଅବଶ୍ୟ ଆମ ପ୍ରତିଦ୍ୱନ୍ଦ୍ୱୀ ୯୦ ଓଭର ଭିତରେ ଆଉଟ ହୋଇଯାଇଥିବାରୁ ଆମକୁ ପଡ଼ିଆରେ ଗୋଟିଏ ଦିନ ବିତାଇବାକୁ ପଡ଼ିଛି। କିନ୍ତୁ ଖୁସିର କଥା ଏହି ଦୁଇଟି ଯାକ ଟେଷ୍ଟରେ ଭାରତ ବ୍ୟାଟିଂରେ ଅଧିକ ସମୟ ଦେଇଛି ଓ କ୍ଲାନ୍ତ ହେବାରୁ ବର୍ତ୍ତିଯାଇଛି।

### ■ ବୋଲରଙ୍କୁ ପ୍ରଶଂସା

ଯଶପ୍ରୀତ୍ (ବୁମ୍‌ରା) ଭାଇଙ୍କ ଅନୁପସ୍ଥିତିରେ ଆମେ ପ୍ରତିଦ୍ୱନ୍ଦ୍ୱୀ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବା ନେଇ ଅନେକ ସନ୍ଦେହ ପ୍ରକାଶ କରିଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ଦଳର ଦୁଇ ଫ୍ରଣ୍ଟଲାଇନ୍ ବୋଲର ମହମ୍ମଦ୍ ସିରାଜ ଓ ଆକାଶଦୀପଖ ମିଳିତ ଭାବେ ୧୭ଟି ୱିକେଟ ନେଇଛନ୍ତି। ଏହା ଆମଲାଗି ସବୁଠାରୁ ବଡ଼ ଉପଲବ୍ଧି ବୋଲି ଗିଲ କହନ୍ତି। ଏପରି ସଫଳତାକୁ ପ୍ରଶଂସା କରିବା ଲାଗି ମୋ ନିକଟରେ ଭାଷା ନାହିଁ ବୋଲି ଗିଲ୍ କହନ୍ତି। ଏହି ବୋଲର ଓ ଖେଳାଳିମାନେ ଆମ ଦେଶରେ ସର୍ବଶ୍ରେଷ୍ଠ। ଏମାନେ ଯେଉଁଠି ଖେଳନ୍ତୁ ନା କାହିଁକି ପ୍ରତିପକ୍ଷ ଦଳର ୨୦ଟି ଯାକ ୱିକେଟ ଅକ୍ତିଆର କରିବେ। ଫ୍ଲାଟ୍ ପିଚ୍ ଓ ସଫ୍ଟ ବଲରେ କୁଲଦୀପ ଯାଦବଙ୍କ ପରି ବୋଲର ଦଳ ଲାଗି ଅଧିକ ଲାଭବାନ ସାବ୍ୟସ୍ତ ହୋଇଥାନ୍ତେ। ତାଙ୍କୁ ନ ଖେଳାଇବା ସମ୍ପର୍କରେ ଗିଲଙ୍କ ମତ ହେଲା, କୁଲଦୀପ୍ ଭାଇଙ୍କ ବୋଲିଂର ତୁଳନା ନାହିଁ। କିନ୍ତୁ ଶେଷ ଭାଗ ବ୍ୟାଟିଂକୁ ଶକ୍ତିଶାଳୀ କରିବା ଲାଗି ୱାସି (ୱାଶିଂଟନ ସୁନ୍ଦର)ଙ୍କୁ ଖେଳାଇଥିଲୁ। ଏହା ଆମ ଲାଗି ଲାଭବାନ ସାବ୍ୟସ୍ତ ହୋଇଛି। ଏଣୁ ଆମ ନିଷ୍ପତ୍ତି ଠିକ୍ ଥିଲା ବୋଲି ସେ କହିଛନ୍ତି।

## ଆର୍ଚର, ଆଟକିନସନଙ୍କ ମୁକାବିଲା ଲାଗି ଭାରତ ପ୍ରସ୍ତୁତ

ଏଜ୍‌ବାଷ୍ଟନ,୭।୭ (ଏଜେନ୍ସି): ଭାରତଠାରୁ ଦ୍ୱିତୀୟ ଟେଷ୍ଟ ହାରିବାର ଅଳ୍ପ ସମୟ ମଧ୍ୟରେ ତୃତୀୟ ଟେଷ୍ଟ ଲାଗି ଦଳ ଘୋଷଣା କରିଛି ଇଂଲଣ୍ଡ। ଏହି ଟେଷ୍ଟ ଲର୍ଡ୍ସରେ ଜୁଲାଇ ୧୦ରୁ ୧୪ ତାରିଖଯାଏ ଖେଳାଯିବ। ଦଳରେ କୌଣସି ଖେଳାଳିଙ୍କୁ ବାଦ୍ ଦିଆଯାଇ ନ ଥିଲାବେଳେ ଫାଷ୍ଟ ବୋଲର ଗସ୍ ଆଟକିସନଙ୍କୁ ସାମିଲ କରିଛି। ଫଳରେ ଇଂଲଣ୍ଡ ଦଳର ବୋଲିଂ ଶକ୍ତି ବୃଦ୍ଧି ପାଇଛି। ପୂର୍ବରୁ ଜୋଫ୍ରା ଆର୍ଚରଙ୍କୁ ମଧ୍ୟ ଦଳରେ ସାମିଲ କରାଯାଇଥିଲା। ଏହା ଫଳରେ ଲର୍ଡ୍ସର ସୁଇଂ ଓ ବାଉନ୍ସି ୱିକେଟରେ ଉଭୟ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ଇଂଲଣ୍ଡରେ ସ୍ପିନରଙ୍କର ଆବଶ୍ୟକତା ନାହିଁ। ଏଣୁ ଲର୍ଡସରେ ଇଂଲଣ୍ଡ କେବଳ ଫାଷ୍ଟ ବୋଲରଙ୍କୁ ନେଇ ଖେଳିବ ବୋଲି ଆଶା କରାଯାଉଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଓ ପଞ୍ଚମ ଟେଷ୍ଟ ଓଭାଲରେ ଜୁଲାଇ ୩୧ରୁ ଖେଳାଯିବ।

**ଇଂଲଣ୍ଡ ଦଳ**

ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର, ଗସ ଆଟକିନସନ, ସୋଏବ ବସିର, ଜ୍ୟାକବ ବେଥେଲ, ହ୍ୟାରୀ ବ୍ରୁକ୍, ବ୍ରାଇଡନ କାର୍ସ, ସାମ କୁକ୍, ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଜେମି ଓଭରଟନ, ଓଲି ପୋପ୍, ଜୋ ରୁଟ, ଜେମି ସ୍ମିଥ୍, ଜୋଶ ଟଙ୍ଗ୍ ଓ କ୍ରିସ୍ ଓକ୍ସ।

## ରାଞ୍ଚିରେ ଜନ୍ମଦିନ ପାଳିଲେ ଧୋନି



ରାଞ୍ଚି, ୭।୭ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ସୋମବାର (ଜୁଲାଇ ୭) ତାଙ୍କର ୪୪ତମ ଜନ୍ମଦିନ ପାଳିଛନ୍ତି। ଝାଡ଼ଖଣ୍ଡ ରାଜ୍ୟ କ୍ରିକେଟ୍ ସଂଘ (ଜେଏସ୍‌ସିଏ) ଷ୍ଟାଡିୟମରେ ୭ଜଣ ଲୋକଙ୍କ ଗହଣରେ ଧୋନି କେକ୍ କାଟି ସାଧାରଣ ଭାବେ ଜନ୍ମଦିନକୁ ପାଳିଥିଲେ। ସବୁଠୁ ଉଲ୍ଲେଖନୀୟ ଘଟଣା ଥିଲା ଧୋନିଙ୍କ ଚିରାଚରିତ ଭାଗ୍ୟଶାଳୀ ନମ୍ବର '୭'କୁ ଏହି ସମୟରେ ଦେଖିବାକୁ ମିଳିଥିଲା। ଧୋନି ୭ଜଣ ଲୋକଙ୍କୁ କେକ୍ କାଟିବା ସମୟରେ ପାଖରେ ରଖିଥିଲେ। ସେହି ୭ଜଣ ମଧ୍ୟ କୌଣସି ମାନ୍ୟଗଣ ବ୍ୟକ୍ତି ନ ଥିଲେ। ବରଂ ରାଞ୍ଚି ଷ୍ଟାଡିୟମର ୭ଜଣ ସାଧାରଣ କର୍ମଚାରୀ ଥିଲେ।

## ୱେଷ୍ଟଇଣ୍ଡିଜର କ୍ରମାଗତ ୨ୟ ପରାଜୟ

ସେଣ୍ଟ ଜର୍ଜ୍ସ, ୭।୭ (ଏଜେନ୍ସି): ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟକୁ ଅଷ୍ଟ୍ରେଲିଆ ୧୩୩ ରନରେ ଜିତିନେଇଛି। ୨୭୭ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ରବିବାର ୪ର୍ଥ ଦିବସରେ ୧୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ରୋଷ୍ଟନ ଚେଜ୍ ୩୪, ବ୍ରାଣ୍ଡନ କିଙ୍ଗ୍ ୧୪, ସାଇ ହୋପ୍ ୧୭, ସାମରା ଜୋସେଫ୍ ୨୪ ରନ କରି ଆଉଟ୍ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସଫଳ ବୋଲର ଭାବେ ମିଚେଲ ଷ୍ଟାର୍କ ଓ ନାଥନ ଲାୟନ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୨୮୬ ରନ କରିଥିଲା। ଜବାବରେ ଘରୋଇ ୱେଷ୍ଟଇଣ୍ଡିଜ ୨୫୩ ରନରେ ପ୍ରଥମ ପାଳିରେ ସୀମିତ ରହିଥିଲା। ଫଳରେ ୩୬ ରନରେ ଆଗୁଆ ରହିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ପାଳିରେ ୨୪୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।

## ୱିମ୍ବଲଡନ କ୍ୱାର୍ଟରରେ ଜୋକୋଭିଚ୍

ଲଣ୍ଡନ, ୭।୭ (ଏଜେନ୍ସି): ଚଳିତ ବର୍ଷର ୩ୟ ଗ୍ରାଣ୍ଡସ୍ଲାମ ୱିମ୍ବଲଡନର ପୁରୁଷ ବିଭାଗରେ ସର୍ବିୟା ତାରକା ନୋଭାକ ଜୋକୋଭିଚ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରାଉଣ୍ଡ-୧୬ର ଏକ ମୁକାବିଲାରେ ଜୋକୋଭିଚ୍ ୧-୬, ୬-୪, ୬-୪, ୬-୪ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କୁ ପରାସ୍ତ କରିଥିଲେ। ଏଥିସହ ଜୋକୋଭିଚ୍ ୧୬ଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାର କ୍ୱାର୍ଟରରେ ପହଞ୍ଚିଛନ୍ତି। ଯଦି ଜୋକୋଭିଚ୍ ଏଠାରେ ଚାମ୍ପିଅନ ହୁଅନ୍ତି ତେବେ ବିଶ୍ୱରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତିବେ। ଅପରପକ୍ଷରେ ମହିଳା ବିଭାଗରେ ସୁଇଜରଲାଣ୍ଡର ବେଲିଣ୍ଡା ବେନିକ ଓ ଆମେରିକାର ଆମଣ୍ଡା ଆନିସିମୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୋମବାର ଅନୁଷ୍ଠିତ ରାଉଣ୍ଡ-୧୬ର ଏକ ମ୍ୟାଚରେ ବେଲିଣ୍ଡା ୭-୬ (୭/୪), ୬-୪ ସେଟ୍‌ରେ ରୁଷିଆ ଏକଟେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କୁ ପରାସ୍ତ କରିଥିଲେ। ସେହିଭଳି ୧୩ତମ ସିଡ୍ ଆମେରିକାର ଆନିସିମୋଭା ୬-୨, ୭-୫, ୬-୪ ସେଟ୍‌ରେ ଚେକ୍ ଗଣରାଜ୍ୟର ଲିଣ୍ଡା ନୋସ୍କୋଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

## ସଂଯୋଗ ଗୁପ୍ତା ଆଇସିସିର ନୂଆ ସିଇଓ



ଦୁବାଇ,୭।୭ (ଏଜେନ୍ସି): ଜିଓଷ୍ଟାର ସିଇଓ ସଂଯୋଗ ଗୁପ୍ତା ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି)ର ନୂଆ ସିଇଓ (କାର୍ଯ୍ୟନିର୍ବାହୀ ଅଧିକାରୀ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଖେଳ ପରିଚାଳନାରେ ଗୁପ୍ତାଙ୍କର ଢ଼େର ଅଭିଜ୍ଞତା ରହିଛି ଓ ତାଙ୍କ ଉପସ୍ଥିତି ଆଇସିସି ଓ କ୍ରିକେଟକୁ ଲାଭବାନ କରାଇବ ବୋଲି ଏହାର ଅଧ୍ୟକ୍ଷ ଜୟ ଶାହ କହିଛନ୍ତି। ଜେଫ୍ ଆଲାରଡାଇସ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଆଲାରଡାଇସ ଗତବର୍ଷ ତାଙ୍କ ପଦବୀରୁ ଓହରିଯାଇଥିଲେ।

## ସ୍ୱିଟିଙ୍କ ହ୍ୟାଟ୍ରିକ୍: ଓଡ଼ିଶା ବିଜୟୀ

ଭୁବନେଶ୍ୱର, ୭।୭ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ମହିଳା ହକିର ୧୫ତମ ସଂସ୍କରଣରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ସୋମବାର ଅନୁଷ୍ଠିତ ଗ୍ରୁପ୍-ସି'ର ଏକ ମ୍ୟାଚରେ ଓଡ଼ିଶା ସ୍ୱିଟି କୁଜୁରଙ୍କ ହ୍ୟାଟ୍ରିକ ଗୋଲ୍ ବଳରେ ୩-୧ରେ ଅନ୍ୟତମ ଶକ୍ତିଶାଳୀ ପଞ୍ଜାବ ଦଳକୁ ପରାସ୍ତ କରିଥିଲା। ସ୍ୱିଟି ମ୍ୟାଚର ୧୫ତମ, ୩୦ତମ ଓ ୫୯ତମ ମିନିଟ୍‌ରେ ଏହି ୩ଟି ଗୋଲ୍ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏଥିସହ ୩ ପଏଣ୍ଟ ପାଇ ଓଡ଼ିଶା ଖାତା ଖୋଲିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ମହାରାଷ୍ଟ୍ର ଦଳକୁ ଭେଟିବ।

## ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ସୁସ୍ମିତାଙ୍କୁ ୫ମ ପଦକ

ଭୁବନେଶ୍ୱର, ୭।୭ (ସମିସ): ଓଡ଼ିଶା ପୁଲିସରେ କାର୍ଯ୍ୟରତ ସୁସ୍ମିତା ଟିଗା ଆମେରିକାରେ ଚାଲିଥିବା ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ତାଙ୍କ ଦମ୍‌ଦାର



ପ୍ରଦର୍ଶନ ଜାରି ରଖି ୫ମ ପଦକ ବିଜୟୀ ହୋଇଛନ୍ତି। ସୋମବାର ଅନୁଷ୍ଠିତ ମହିଳା ହାଫ୍ ମାରାଥନ (୨୧.୧ କିମି)ରେ ସୁସ୍ମିତା ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ଚଳିତ ବିଶ୍ୱ ପୁଲିସ କ୍ରୀଡ଼ାରେ ସୁସ୍ମିତା ଏଥିପୂର୍ବରୁ ୧୫୦୦ ମିଟର ରେସ୍ ଓ ୩୦୦୦ ମିଟର ବାଧାଦୌଡ଼ରେ ସ୍ୱର୍ଣ୍ଣ, ୮୦୦ ମିଟରରେ ରୌପ୍ୟ ଏବଂ ୪ ଗୁଣା ୪୦୦ ମିଟର ରିଲେରେ କାଂସ୍ୟ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ, ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାରେ ପ୍ରଥମଥର ହେବ ବରିଷ୍ଠ ର‌୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୭।୭ (ସମିସ): ଓଡ଼ିଶାରେ ପ୍ରଥମଥର ହେବାକୁ ଯାଉଛି ବରିଷ୍ଠ ର‌୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ। ଏହି ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ୍‌ର ବ୍ୟାଡମିଣ୍ଟର ହାଇ ପରଫର୍ମାନ୍ସ ସେଣ୍ଟର ଓ ପୋଖରୀପୁଟ ବହୁମୁଖି ଇଣ୍ଡୋର ଷ୍ଟାଡିୟମ୍‌ରେ ଆସନ୍ତାକାଲି ବା ଜୁଲାଇ ୮ରୁ ଆରମ୍ଭ ହୋଇ ୧୫ରେ ଶେଷ ହେବ। ଦେଶର ୧୫୦୦ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ଓ ମହିଳା ବିଭାଗରେ ଏକକ ଓ ଯୁଗଳ, ମିଶ୍ରିତ ଯୁଗଳ କାଟାଗୋରୀରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟର ପ୍ରଥମ ୪ ଦିନ କ୍ୱାଲିଫାଇଂ ଇଭେଣ୍ଟ ହେବ ଓ ଏହା ପରେ ମୁଖ୍ୟ ଇଭେଣ୍ଟରେ ଖେଳାଯିବ। ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଳିନ କୁମାର ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ଲାଗି ଆହ୍ୱାନ ଦେଇଛନ୍ତି। ସଂଯୋଜକ ସୁଦୀପ ବିଶୋଇ, କମଳ ଦାସ, ଶୈଳେନ୍ଦ୍ର ଚୌଧୁରୀ, କମଳ ପଟ୍ଟନାୟକ, ପ୍ରଦୀପ ମହାନ୍ତି ରହିଛନ୍ତି। ଚିଫ୍ ରେଫରୀ ସିଆର୍ ରାଜୀବ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ ବୋଲି ମିଡିଆ ମ୍ୟାନେଜର ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

● ଜାତୀୟ ଶିଶୁ ଓ ମିନି ଅସିଚାଳନା

## ବିଭୂତି ପଟେଲଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୭।୭ (ସମିସ): ମହାରାଷ୍ଟ୍ରର ନାସିକ୍‌ରେ ଅନୁଷ୍ଠିତ ଜାତୀୟ ଶିଶୁ (୧୦ ବର୍ଷରୁ କମ୍) ଓ ମିନି (୧୨ ବର୍ଷରୁ କମ୍) ଜାତୀୟ ଅସିଚାଳନାରେ ଓଡ଼ିଶାର ବିଭୁତି ଶଙ୍କର ପଟେଲଙ୍କୁ ସ୍ୱର୍ଣ୍ଣପଦକ ମିଳିଛି। ବିଭୂତି ୧୨ ବର୍ଷରୁକମ୍ ବିଭାଗର ଇପି କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ବିଭୁତି ବଲାଙ୍ଗୀର କ୍ରୀଡ଼ାଛାତ୍ରାବାସରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।

## ମୁଲ୍‌ଡରଙ୍କ ରେକର୍ଡ ତ୍ରିଶତକ



ବୁଲାୱାୟୋ, ୭।୭ (ଏଜେନ୍ସି): ଘରୋଇ ଜିମ୍ବାୱେ ବିପକ୍ଷରେ ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକାର କାମଚଳା ଅଧିନାୟକ ୱିଆନ ମୁଲ୍‌ଡର୍ କୀର୍ତ୍ତିମାନଭରା ତ୍ରିଶତକୀୟ ପାଳି ଖେଳିଛନ୍ତି। ମୁଲ୍‌ଡର୍‌ଙ୍କ ଅପରାଜିତ ୩୬୭ ରନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ୧୧୪ ଓଭରରେ ୫ ୱିକେଟରେ ୬୨୬ ରନ କରି ପାଳି ଘୋଷଣା କରିଛି। ମୁଲ୍‌ଡର ବିଶ୍ୱର ପ୍ରଥମ ଖେଳାଳି ଭାବେ ଟେଷ୍ଟ ନେତୃତ୍ୱ ନେବାର ପ୍ରଥମ ପାଳିରେ ତ୍ରିଶତକ ହାସଲ କରିବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ଟେଷ୍ଟ ନେତୃତ୍ୱ ପଦାର୍ପଣରେ ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର ନ୍ୟୁଜିଲାଣ୍ଡର ଗ୍ରାହମ ଡୋଲିଙ୍ଗଙ୍କ ନାମରେ ରହିଥିଲା। ଗ୍ରାହମ ୧୯୬୯ରେ ଟେଷ୍ଟ ନେତୃତ୍ୱ ପଦାର୍ପଣର ପ୍ରଥମ ପାଳିରେ ଭାରତ ବିପକ୍ଷରେ ୨୩୯ ରନ କରିଥିଲେ।

ସେହିଭଳି ୨୯୭ ବଲ୍‌ରେ ତ୍ରିଶତକ ହାସଲ କରିଥିବା ମୁଲ୍‌ଡର୍ ମୋଟ୍ ୩୩୪ ବଲ୍ ଖେଳି ୩୬୭ ରନ କରି ଅପରାଜିତ ରହିଥିଲେ। ଏହି ପାଳିରେ ସେ ୪୯ ଚୌକା ଓ ୪ ଛକା ମାରିଥିଲେ। ଏଥିସହ ଟେଷ୍ଟରେ ସେ ଦ୍ୱିତୀୟ ଦ୍ରୁତତମ ତ୍ରିଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ଭାରତର ବୀରେନ୍ଦ୍ର ସେହ୍ୱାଗ ୨୦୦୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨୭୮ ବଲ୍‌ରେ ତ୍ରିଶତକ ହାସଲ କରି ତାଲିକାର ଶୀର୍ଷରେ ରହିଛନ୍ତି। ସେହିଭଳି ତ୍ରିଶତକ ହାସଲ କରିବାରେ ମୁଲ୍‌ଡର ଦକ୍ଷିଣ ଆଫ୍ରିକାର ୨ୟ ଓ ବିଶ୍ୱର ୨୯ତମ କ୍ରିକେଟର୍ ହୋଇଛନ୍ତି। ହାସିମ ଅମଲା ୨୦୧୨ରେ ଇଂଲଣ୍ଡ ବିପକ୍ଷରେ ଦି ଓଭାଲ୍ ଗ୍ରାଉଣ୍ଡରେ ୩୧୧ ରନର ପାଳି ଖେଳିଥିଲେ। ମୁଲ୍‌ଡର ଆଉ ୩୪ ରନ କରିଥିଲେ ବ୍ରାଏନ ଲାରା (ଅପରାଜିତ ୪୦୦ ରନ)ଙ୍କ ନାମରେ ରହିଥିବା ଟେଷ୍ଟର ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋରକୁ ଟପିଯାଇଥାନ୍ତେ। ଦକ୍ଷିଣ ଆଫ୍ରିକାର ୬୨୬/୫ ସ୍କୋର ଜବାବରେ ଜିମ୍ବାୱେ ପ୍ରଥମ ପାଳିରେ ୧୭୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଫଲୋଅନ୍ ହୋଇଛି।

# ରାଜ୍ୟ କ୍ରିକେଟ ଶୀର୍ଷକୁ ନେବା ପାଇଁ ଓସିଏର ଉଦ୍ୟମ

କଟକ,୭।୭(ସମିସ)

ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ)ର ପ୍ରଥମ ସଂସ୍କରଣ ଆୟୋଜନ ନିମନ୍ତେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପ୍ରାକ୍ ପ୍ରସ୍ତୁତି ଚଳାଇଛି। ସେପ୍ଟେମ୍ବର ୧୪ରୁ ବାରବାଟୀ ଷ୍ଟାଡିୟମରେ ଲିଗ୍ ଖେଳାଯିବ। ସମ୍ପୂର୍ଣ୍ଣ ନୂଆ ଢ଼ାଞ୍ଚା ଓ ନୂଆ ଫର୍ମାଟରେ ଲିଗ୍ ଦେଖିବାକୁ ପାଇବେ ଓଡ଼ିଶାର ଅଗଣିତ କ୍ରିକେଟପ୍ରେମୀ। ଷ୍ଟାରସ୍ପୋର୍ଟସ କିମ୍ବା ସୋନୀ ନେଟୱର୍କରେ ପ୍ରତ୍ୟେକ ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ ବୋଲି ଯୋଜନା ଚାଲିଛି। ଏପରିକି ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ମଧ୍ୟ ମ୍ୟାଚ୍ ଦେଖିବାର ସୁଯୋଗ ମିଳିପାରେ। ରାଜ୍ୟ କ୍ରିକେଟକୁ ଶୀର୍ଷକୁ ନେବା ପାଇଁ ଓସିଏର ଏଭଳି ଉଦ୍ୟମ ପ୍ରଶଂସନୀୟ ବୋଲି ଆଲୋଚନା ଜୋର ଧରିଛି।

ରାଜ୍ୟରେ ଘରୋଇ ପେଶାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆୟୋଜନ କରାଯାଉଥିଲେ ସୁଦ୍ଧା ଏହାର ବ୍ୟାପକ ପ୍ରଚାର, ପ୍ରସାର ଅଭାବ ଯୋଗୁଁ ପ୍ରତିଭାବାନ ଓଡ଼ିଆ ଖେଳାଳିଙ୍କ ପ୍ରଦର୍ଶନ ଅଣଦେଖା ହୋଇ ରହିଯାଉଥିଲା। ଏଥିରେ ପରିବର୍ତ୍ତନ ଅଣାଯିବା ସହ ମ୍ୟାଚ୍ ଗୁଡିକର ସିଧାପ୍ରସାରଣ ଏଣିକି ଅନ୍ତର୍ଜାତୀୟ ସ୍ତରର ପ୍ଲାଟଫର୍ମରେ ପ୍ରଦର୍ଶନ କରାଯିବ। ବେଙ୍ଗଲ, ବିଦର୍ଭ, ସୌରାଷ୍ଟ୍ରରେ ଲିଗ୍ ଆୟୋଜନ କରିଥିବା ଏରିଭା ସ୍ପୋର୍ଟସ ଓପିଟିଏଲ ଆୟୋଜନର ମଙ୍ଗ ଧରିବ। ସୋମବାର ଠାରୁ ଓସିଏର ଅଫିସିଆଲ ୱେବସାଇଟ୍‌ରେ ଫ୍ରାଞ୍ଚାଇଜ୍ ଆଶାୟୀଙ୍କ ନିମନ୍ତେ ଇଓଆଇ ଡକ୍ୟୁମେଣ୍ଟ ଉପଲବ୍ଧ ହୋଇ ସାରିଛି। ଖୁବଶୀଘ୍ର ଓସିଏ ଚୂଡାନ୍ତ ଫ୍ରାଞ୍ଚାଇଜ ତାଲିକା ପ୍ରକାଶ କରିବ। ଲିଗ୍‌ରେ ମୋଟ ୬ଟି ଦଳ ଭାଗ ନେବା ସହ ରାଜ୍ୟର ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କୁ ଡ୍ରାଫ୍ଟ ଆକାରରେ କ୍ରୟ କରାଯିବା ପାଇଁ କାର୍ଯ୍ୟଧାରା ଅଗ୍ରଗତି କରିଛି।

**ଓପିଟିଏଲ୍‌କୁ ନେଇ ନୂଆ ଆଶା**

ନିକଟ ଅତୀତରେ ରାଜ୍ୟ ବରିଷ୍ଠ ଦଳର ଖେଳାଳି ଏକମାସିଆ ଶ୍ରୀଲଙ୍କା ଗସ୍ତରେ ଯାଇ ୪ଟି ତ୍ରିଦିବସୀୟ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳି ଫେରିଛି। ଉକ୍ତ ଏକ୍ସପୋଜର ଟୁର୍‌ରେ କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନଜରରେ ରଖି ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ତେବେ ଓପିଟିଏଲରେ ପ୍ରତ୍ୟେକ ଦଳରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ସ୍ଥିର କରିଛି ଓସିଏ। ଯେଉଁଥିରେ ବରିଷ୍ଠ ବର୍ଗରୁ ୧୨ଜଣ ଏବଂ ୪ଜଣ କନିଷ୍ଠ ବର୍ଗର ଖେଳାଳି ରହିବେ। ଡ୍ରାଫ୍ଟ ତାଲିକା ଘୋଷଣା ପୂର୍ବରୁ ପ୍ରାଥମିକ ପର୍ଯ୍ୟାୟରେ କନିଷ୍ଠ ବର୍ଗର ୫୦ଜଣିଆ ଖେଳାଳି ତାଲିକା ପ୍ରସ୍ତୁତ କରାଯାଉଛି। ସେହିପରି ଅଧିନାୟକତ୍ୱ ନିମନ୍ତେ କିଛି ବରିଷ୍ଠ ଖେଳାଳିଙ୍କ ନାମ ଏବେ ଆଲୋଚନାରେ ଥିବା ବେଳେ ଖୁବଶୀଘ୍ର ଏହା ଘୋଷଣା ହେବ ବୋଲି ଓସିଏ ପକ୍ଷରୁ କୁହାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି ଯେ, ରାଜ୍ୟ କ୍ରିକେଟର ଧାରା ବଦଳିବା ଭଳି ଟୁର୍ଣ୍ଣାମେଣ୍ଟ ହେବ ଓପିଟିଏଲ। ଓଡ଼ିଆ ଖେଳାଳିମାନଙ୍କ ନିମନ୍ତେ ଏହା ଏକ ବଡ ମଞ୍ଚ ସାବ୍ୟସ୍ତ ହେବ। ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କ ଉପରେ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ପଡିବ। ଖେଳାଳିମାନେ ସମ୍ପୂର୍ଣ୍ଣ ପେଶାଦାର ଢ଼ାଞ୍ଚାରେ ଲିଗ୍ ଖେଳିବାର ଅଭିଜ୍ଞତା ପାଇବେ ବୋଲି ସଞ୍ଜୟ ମତ ଦେଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS